# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୭/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, June 7/2021 | ★★★★

୪୭ଶ ଭାଗ ୧୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜନ୍ମଦିନରେ ପ୍ରତିଶ୍ରୁତି ଉପହାର**

ବଲିଉଡ୍ ଗାୟିକା ନେହା କକ୍କରଙ୍କ ୩୩ତମ ଜନ୍ମଦିନରେ ସାରା ଜୀବନ ଯତ୍ନ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି ସ୍ୱାମୀ ରୋହନପ୍ରୀତ ସିଂ।

୧୦

୧୨

**ପେରେଜ ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି**

ରେଡ୍ ବୁଲ୍‌ର ଡ୍ରାଇଭର ସର୍ଗିଓ ପେରେଜ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି।



# ଭାରତ ୨ ପାଦ ତଳକୁ ଖସିଲା

**ନୂଆଦିଲ୍ଲୀ,୬।୬**

୧୭ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ରେ ଭାରତ ୨ ସ୍ଥାନ ତଳକୁ ଖସି ୧୧୭ତମ ସ୍ଥାନରେ ରହିଛି। ୨୦୧୫ରେ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ୨୦୩୦ କାର୍ଯ୍ୟସୂଚୀର ଅଂଶବିଶେଷ ଭାବେ ନିରନ୍ତର ବିକାଶ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଷ୍ଟେଟ୍ ଅଫ୍ ଇଣ୍ଡିଆ ଏନ୍‌ଭିରନ୍‌ମେଣ୍ଟ ରିପୋର୍ଟ ୨୦୨୧ ଅନୁଯାୟୀ ଗତବର୍ଷ ଭାରତ ୧୧୫ତମ ସ୍ଥାନରେ ଥିଲା। କ୍ଷୁଧା ଦୂରୀକରଣ, ଖାଦ୍ୟ ସୁରକ୍ଷା ହାସଲ, ଲିଙ୍ଗଗତ ସମାନତା, ପ୍ରତିକୂଳ ପ୍ରଭାବରୁ ବର୍ତ୍ତିପାରୁଥିବା ଭିତ୍ତିଭୂମି ନିର୍ମାଣ,ନିରନ୍ତର ଶିଳ୍ପାୟନ ବଢ଼ାଇବା ଆଦି ବଡ଼ ଚ୍ୟାଲେଞ୍ଜ ଭାବେ ରହିଆସିଥିବାରୁ ଭାରତର ର୍‍ୟାଙ୍କ୍ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୨ ସ୍ଥାନ ତଳକୁ ଖସିଥିବା କୁହାଯାଉଛି। ଏପରିକି ୪ ଦକ୍ଷିଣ ଏସୀୟ ରାଷ୍ଟ୍ର ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ବାଂଲାଦେଶଠାରୁ ଭାରତର ର୍‍ୟାଙ୍କ୍ ତଳେ ରହିଛି। ମୋଟ ୧୦୦ରୁ ଭାରତର ଏସ୍‌ଡିଜି ସ୍କୋର୍ ୬୧.୯ ରହିଥିବା ଜଣାପଡ଼ିଛି।

**ନିରନ୍ତର ବିକାଶ ଲକ୍ଷ୍ୟ**

ରାଜ୍ୟୱାରୀ ପ୍ରସ୍ତୁତିକୁ ଦେଖିଲେ ଝାଡ଼ଖଣ୍ଡ ଏବଂ ବିହାର ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲ କରିବାରେ ସବୁଠୁ କମ୍ ପ୍ରସ୍ତୁତି କରିଛନ୍ତି। ଝାଡଖଣ୍ଡ ଏସ୍‌ଡିଜିର ୫ମ ସ୍ଥାନରେ ଏବଂ ବିହାର ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କେରଳ, ହିମାଚଳପ୍ରଦେଶ ଓ ଚଣ୍ଡିଗଡ଼ ଏସ୍‌ଡିଜି ଲକ୍ଷ୍ୟ ହାସଲ ଲାଗି ସବୁଠୁ ଭଲ ସ୍କୋର କରିଛନ୍ତି।

ମୋଟ ୧୭ଟି ଏସ୍‌ଡିଜି ଉପରେ ଦେଶଗୁଡ଼ିକ ଜରୁରୀ ପଦକ୍ଷେପ ନେବା ଲାଗି ଧାର୍ଯ୍ୟ ହୋଇଛି। ସେଗୁଡ଼ିକ ହେଲା ଦାରିଦ୍ର୍ୟ ଦୂର କରିବା, କ୍ଷୁଧାରୁ ମୁକ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛଳତା, ଉନ୍ନତମାନର ଶିକ୍ଷା, ଲିଙ୍ଗଗତ ସମାନତା, ବିଶୁଦ୍ଧ ଜଳ ଓ ପରିମଳ, ସୁଲଭ ସ୍ୱଚ୍ଛ ଇନ୍ଧନ, ଦୀର୍ଘମିଆଦୀ କାର୍ଯ୍ୟ ଓ ଆର୍ଥିକ ଅଭିବୃଦ୍ଧି, ଶିଳ୍ପ, ଅଭିନବତ୍ୱ ଏବଂ ଭିତ୍ତିଭୂମି, ଅସମାନତା ଦୂରୀକରଣ, ସ୍ଥାୟୀ ସହର ଏବଂ ସମୁଦାୟ, ଉତ୍ତରଦାୟୀ ଉପଭୋଗ ଓ ଉତ୍ପାଦନ, ଜଳବାୟୁ କାର୍ଯ୍ୟକ୍ରମ, ଜଳ ତଳେ ଜୀବନ, ☞ପୃଷ୍ଠା-୪

# ଟିକାକୁ ନେଇ ଟଣାଓଟରା

**ନୂଆଦିଲ୍ଲୀ/ ଭୁବନେଶ୍ୱର (ବ୍ୟୁରୋ), ୬।୬**

କେନ୍ଦ୍ର ସରକାର ଟିକାକରଣ ପାଇଁ ଆବଶ୍ୟକ କୋଭିଡ୍ ଭାକ୍ସିନ ଯୋଗାଇବାରେ ବିଫଳ ହେବାରୁ ଅନେକ ରାଜ୍ୟର ଟିକାଦାନ କେନ୍ଦ୍ରରେ ତାଲା ଝୁଲୁଛି। ବିଶେଷକରି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ ଟିକା ଯୋଗାଣରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପାତରଅନ୍ତର ନୀତି ଆପଣାଇଥିବା ଅଭିଯୋଗ ହେଉଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବାକୁ ଉଦ୍ୟମ କରୁଥିବାବେଳେ ମୋଦି ସରକାର ନିଜ ଦୁର୍ବଳତା ଲୁଚାଇବାକୁ ଯାଇ ରାଜ୍ୟଗୁଡ଼ିକ ଉପରେ ଓଲଟା ଦୋଷ ଲଦିବାରେ ଲାଗିଛନ୍ତି। କେନ୍ଦ୍ର ପକ୍ଷରୁ ରାଜ୍ୟଗୁଡ଼ିକୁ ମାଗଣାରେ ଟିକା ଯୋଗାଇ ଦିଆଯାଉଥିବାବେଳେ ପଞ୍ଜାବ ଓ ରାଜସ୍ଥାନ ଭଳି କେତେକ ରାଜ୍ୟ ଚଢ଼ା ଦରରେ ଘରୋଇ ହସ୍ପିଟାଲକୁ ବିକ୍ରି କରି ଲାଭ ପାଉଥିବା ଅଭିଯୋଗ ଆଣି ଏହାର ତଦନ୍ତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଚେତାବନୀ ଦେଇଛନ୍ତି।

**ରାଜ୍ୟ ଉପରେ ଦୋଷ ଲଦିବାକୁ କେନ୍ଦ୍ର ଉଦ୍ୟମ**




ଏହାର ଜବାବରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମୋଦି ସରକାର କୋଭିଡ୍ ଟିକା ନେବା ପାଇଁ ଆତ୍ମନିର୍ଭରଶୀଳ ହେବା ଲାଗି ଲୋକଙ୍କୁ ଛାଡ଼ିଦେଇ ନିଜେ ବ୍ଲୁ ଟିକ୍ ହାସଲ କରିବାକୁ ଟୁଇଟର ସହ ଲଢୁଛନ୍ତି।

> ମୋଦି ସରକାର କୋଭିଡ୍ ଟିକା ନେବା ପାଇଁ ଲୋକଙ୍କୁ ଆତ୍ମନିର୍ଭରଶୀଳ ହେବାକୁ କହି ନିଜେ ବ୍ଲୁ ଟିକ୍ ଲାଗି ଟୁଇଟର ସହ ଲଢ଼େଇ କରୁଛନ୍ତି। କେନ୍ଦ୍ର ଭାକ୍ସିନ କିଣି ରାଜ୍ୟଗୁଡ଼ିକୁ ବଣ୍ଟନ କରିବା ଉଚିତ। ଟିକା ବିତରଣ ପାଇଁ ନିରପେକ୍ଷ ନୀତି ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି।
>
> -ରାହୁଲ ଗାନ୍ଧୀ, କଂଗ୍ରେସ ନେତା

ପ୍ରତିଦିନ ସନ୍ଧ୍ୟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିୟମିତ ଏକ ପ୍ରେସ୍ ବିବୃତି ଜାରି କରାଯାଉଛି। ଏଥିରେ ଦର୍ଶାଯାଉଛି ଯେ, କେନ୍ଦ୍ର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପର୍ଯ୍ୟାପ୍ତ ଭାକ୍ସିନ ଯୋଗାଇଦେଉଛି। କିନ୍ତୁ ସେମାନେ ହିତାଧିକାରୀଙ୍କୁ ତାହା ଦେଉନାହାନ୍ତି। ରବିବାର ଜାରି ବିବୃତିରେ ଦାବି କରାଯାଇଛି ଯେ, ବର୍ତ୍ତମାନ ରାଜ୍ୟଗୁଡ଼ିକ ପାଖରେ କେନ୍ଦ୍ରରୁ ମିଳିଥିବା ୧ କୋଟି ୬୩ ଲକ୍ଷ ଡୋଜ୍ ଭାକ୍ସିନ ମହଜୁଦ ରହିଛି। ଏହାକୁ ମିଶାଇ ଅଦ୍ୟାବଧି ☞ପୃଷ୍ଠା-୪

## ଓଡ଼ିଶାରେ ୬୦୦ କେନ୍ଦ୍ର ବନ୍ଦ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପର୍ଯ୍ୟାପ୍ତ କୋଭିଡ୍ ଭାକ୍ସିନ ଯୋଗାଇ ଦେଉଛୁ ବୋଲି ଦାବି କରୁଥିବା ବେଳେ ଓଡ଼ିଶାରେ ଟିକା ଅଭାବରୁ ପ୍ରାୟ ୬୦୦ଟିକାକରଣ କେନ୍ଦ୍ର ବନ୍ଦ ପଡ଼ିଛି। ରାଜ୍ୟରେ ଏବେ ବି ଟିକା ସମସ୍ୟା ଲାଗି ରହିଛି। ଓଡ଼ିଶା ସରକାର ବିଭିନ୍ନ ସମୟରେ କେନ୍ଦ୍ରକୁ ଟିକା ମାଗୁଛନ୍ତି। କିନ୍ତୁ ଉଚିତ୍ ସମୟରେ ତାହା ମିଳି ପାରୁ ନ ଥିବାରୁ ଟିକାକରଣରେ ବାଧା ସୃଷ୍ଟି ହେଉଛି। ମିଳିଥିବା ସୂଚନାନୁସାରେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ଏପର୍ଯ୍ୟନ୍ତ ୮୩,୦୨,୧୪୪ ଡୋଜ୍ ଟିକା ଆସିଥିବାବେଳେ ହିତାଧିକାରୀଙ୍କୁ ୭୪,୨୦,୨୪୪ ☞ପୃଷ୍ଠା-୪

**ଦ୍ୱିତୀୟ ଡୋଜ୍ ଅପେକ୍ଷାରେ ୪୩,୨୩,୦୯୬ ଜଣ**

## 'ଟିକା ବିକି ୩୮ କୋଟି ପାଇଛି ପଞ୍ଜାବ'

**ନୂଆଦିଲ୍ଲୀ,୬।୬**

ଦେଶରେ ଟିକା ସଙ୍କଟ ଲାଗି ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ପଞ୍ଜାବର ଅମରିନ୍ଦର ସିଂ ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ପୁରୀ କହିଛନ୍ତି, ପଞ୍ଜାବ ଭଳି କେତେକ ରାଜ୍ୟ କୋଭିଶିଲ୍ଡ ଟିକା ଘରୋଇ ହସ୍ପିଟାଲକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି, ଯାହାକି ମାଗଣାରେ ଦିଆଯିବା ଆବଶ୍ୟକ। ପଞ୍ଜାବ ☞ପୃଷ୍ଠା-୪


Hardeep Singh Puri @Harde... · 1d
Vaccines for Profit is not an isolated case.
Whenever & wherever Congress has been in power it has redefined the grammar of corruption.
The way they spread canards about domestic vaccines & insisted on imports has people asking if they had an 'arrangement' with foreign companies.

କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଟୁଇଟ୍ ।

## ପୁଣି ପେଟ୍ରୋଲ ୨୮, ଡିଜେଲ ୩୨ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୬।୬**

ଦିନକର ବିରତି ପରେ ପୁଣି ଥରେ ତୈଳ ଦର ବଢ଼ିଥିବା ଜଣାପଡ଼ିଛି। ମେ ପରେ ଜୁନ୍ ମାସର ପ୍ରଥମ ୬ ଦିନ ମଧ୍ୟରେ ୩ ଥର ତୈଳ ଦର ବୃଦ୍ଧି ଘଟି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ



**୬ ଦିନରେ ୩ ଥର**

ମିଳିଥିବା ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ୨୮ ପଇସା ଏବଂ ଡିଜେଲ ୩୨ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୫.୭୭ ଟଙ୍କା ଏବଂ ଡିଜେଲ ୯୩.୬୬ ଟଙ୍କାରେ ବିକ୍ରି ହେଉଛି।

ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲ ୨୯ ପଇସା ବଢ଼ିଥିବା ସୂଚନା ମିଳିଛି। ଏହି ଦରବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୫.୦୩ ଟଙ୍କା ଏବଂ ଡିଜେଲ ୮୫.୯୫ ଟଙ୍କାରେ ପହଞ୍ଚିଛି। ସେହିପରି ଅନ୍ୟ ପ୍ରମୁଖ ମେଟ୍ରୋ ☞ପୃଷ୍ଠା-୪

**ରଥ ପ୍ରସ୍ତୁତି...**



ପୁରୀ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ରବିବାର ମହାରଣା ସେବକମାନେ ରଥର ଚାରି ନହକା ପ୍ରସ୍ତୁତ କରୁଛନ୍ତି।

## ପିଜିଆଇରେ ଓଡ଼ିଶାର ୧୦% ଉନ୍ନତି

**ନୂଆଦିଲ୍ଲୀ, ୬।୬(ସ୍ୱ.ପ୍ର.)**

ପ୍ରଦର୍ଶନ ଗ୍ରେଡିଂ ସୂଚକାଙ୍କ ବା ପର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ)ରେ ଓଡ଼ିଶା ୨୦୧୯-୨୦ ବର୍ଷରେ ୧୦% ଉନ୍ନତି କରିଛି। ୭୦ଟି ମାନଦଣ୍ଡକୁ ହିସାବକୁ ନିଆଯାଇ ଦେଶର ସ୍କୁଲ ଶିକ୍ଷାରେ ଘଟିଥିବା ରୂପାନ୍ତରଣ ଆଧାରରେ ପ୍ରସ୍ତୁତ ରିପୋର୍ଟ ରବିବାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶ ପାଇଛି। ଏଥିରେ ଓଡ଼ିଶା ୨୦୧୯-୨୦ରେ ୮୩୮ ପଏଣ୍ଟ ପାଇଛି। ୨୦୧୭-୧୮ରେ ଏହା ୭୦୧ ଥିବା ବେଳେ ☞ପୃଷ୍ଠା-୪

**ସ୍କୁଲ ଶିକ୍ଷା ଓ ଭିତ୍ତିଭୂମି ସୁବିଧା ପ୍ରଦାନରେ ଶୀର୍ଷରେ ପଞ୍ଜାବ**

## ସଂକ୍ରମଣ ୯.୭%କୁ ହ୍ରାସ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ରାଜ୍ୟରେ କମୁଛି ସଂକ୍ରମଣ। ପୂର୍ବରୁ ସଂକ୍ରମଣ ହାର ୨୩ ପ୍ରତିଶତ ଉପରେ ରହୁଥିଲା। ବର୍ତ୍ତମାନ ଏହା ଧୀରେ ଧୀରେ କମି ୯ ପ୍ରତିଶତରେ ପହଞ୍ଚିଲାଣି। ଏଭଳି ସ୍ଥିତି ଜାରି ରହିଲେ ୭/୮ଦିନ ଭିତରେ ସଂକ୍ରମଣ ହାର ୫ ପ୍ରତିଶତକୁ ଖସି ଆସିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ସେତେବେଳେ ଟେଷ୍ଟିଂ କମ୍ ଥିଲା, ଏବେ ଟେଷ୍ଟିଂକୁ ଗୁରୁତ୍ୱ ଦେଇ ବଢ଼ାଇଛୁ। ଏଥିରୁ ଜଣାପଡୁଛି ଆମ ସଂକ୍ରମଣ କମୁଛି, ଆମ ସର୍ଭେଲାନ୍ସ କାମ ଦେଇଛି। ସଂକ୍ରମଣ ବ୍ରେକ୍ ପାଇଁ ଯେଉଁ ପ୍ରୟାସ ଥିଲା, ତାହା ସଫଳ ହୋଇଛି। ଡା. ମହାପାତ୍ରଙ୍କ ଏଭଳି ସୂଚନା ଆଶ୍ୱସ୍ତି ଦେଇଛି। ରାଜ୍ୟ ସରକାରଙ୍କ କୋଭିଡ୍ ତଥ୍ୟ ଅନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୭୧,୯୭୩ ନମୁନା ପରୀକ୍ଷା ହୋଇଛି। ସେଥିମଧ୍ୟରୁ ୭,୦୦୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ସଂକ୍ରମଣ ହାର ୯.୭ ପ୍ରତିଶତ ରହିଛି। ହେଲେ ଖୋର୍ଦ୍ଧା ଜିଲା ସ୍ଥିତି ଏବେ ବି ଭୟଙ୍କର ରହିଛି। ଦୈନିକ ସଂକ୍ରମଣ ହଜାରେ ତଳକୁ ଖସୁନି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ସର୍ବାଧିକ ୧,୧୬୭ଜଣ ରହିଥିବାବେଳେ କଟକରୁ ୭୭୧, ଯାଜପୁର ୪୮୬, ଅନୁଗୋଳ ୩୮୮, ମୟୂରଭଞ୍ଜ ୩୭୦, ବାଲେଶ୍ୱର ୩୩୧, ପୁରୀ ୩୦୬, ଭଦ୍ରକ ୨୬୭, ସୁନ୍ଦରଗଡ଼ ୨୪୩, ଜଗତ୍‌ସିଂହପୁର ୨୩୨, ରାୟଗଡ଼ା ୨୨୨, ନବରଙ୍ଗପୁର ୧୯୮, ନୟାଗଡ଼ ୧୯୬, କେନ୍ଦ୍ରାପଡ଼ା ୧୮୮, କୋରାପୁଟ ୧୫୮, କେନ୍ଦୁଝର ୧୪୮, ବୌଦ୍ଧ ୧୩୪, ବରଗଡ଼ ୧୧୭, ସମ୍ବଲପୁର ୧୦୭, ଢେଙ୍କାନାଳ ୧୦୬ ଓ କଳାହାଣ୍ଡିରୁ ୧୦୩ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ଶହେ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୮,୧୩,୦୯୬କୁ ବୃଦ୍ଧି ପାଇଛି।

ଅପରପକ୍ଷରେ ସଂକ୍ରମଣ ହାର ଖସୁଥିଲେ ମଧ୍ୟ ମୃତ୍ୟୁ ସ୍ଥିତି ଚିନ୍ତାଜନକ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୪୨ଜଣଙ୍କ ଜୀବନ ନେଇଛି କରୋନା। ଅନୁଗୋଳ, କଟକ ଓ ଖୋର୍ଦ୍ଧାରୁ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ୩ଜଣ ଲେଖାଏ ମୃତକ ରହିଛନ୍ତି। ସେହିପରି ଗଜପତି, ଜଗତ୍‌ସିଂହପୁର, ☞ପୃଷ୍ଠା-୪

**୨୪ ଘଣ୍ଟାରେ ରାଜ୍ୟରେ ୪୨ ମୃତ**

- ଖୋର୍ଦ୍ଧାରେ ଏବେ ବି ସ୍ଥିତି ଜଟିଳ
- ରାଜ୍ୟରେ କରୋନା ମୃତ୍ୟୁ ୨,୯୯୪କୁ ବୃଦ୍ଧି



**ଆଜିର ସମ୍ପାଦକୀୟ**

**ଯୁବବର୍ଗ ନା ବରିଷ୍ଠ**

**ଆଜିର ମନ୍ତବ୍ୟ**

> ଭାଜପା ହାଇକମାଣ୍ଡଙ୍କର ମୋ ଉପରେ ଆସ୍ଥା ଥିବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବି। କେନ୍ଦ୍ରୀୟ ନେତୃତ୍ୱ କହିଲେ ଇସ୍ତଫା ଦେବି।
>
> -ବି.ଏସ୍. ୟେଦୁରପ୍ପା, କର୍ଣାଟକ ମୁଖ୍ୟମନ୍ତ୍ରୀ

# ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ



**ନୂଆଦିଲ୍ଲୀ,୬।୬(ପି.ଟି.)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରବିବାର ସମଗ୍ର ଉତ୍ତରପୂର୍ବାଞ୍ଚଳରେ ପହଞ୍ଚିଥିବା ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହା ସ୍ୱାଭାବିକ ତାରିଖର ୪ ଦିନ ବିଳମ୍ବରେ ପହଞ୍ଚିଛି। ସୂଚନାଯୋଗ୍ୟ ଏବର୍ଷ ଦୁଇଦିନ ବିଳମ୍ବ ଅର୍ଥାତ ଜୁନ୍ ୩ରେ ମୌସୁମୀ କେରଳ ଛୁଇଁଥିଲା। ଏହାର ୩ ଦିନ ମଧ୍ୟରେ ମୌସୁମୀ ସକ୍ରିୟ ହୋଇ ସମଗ୍ର କେରଳ, କର୍ନାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର କେତେକ ଅଞ୍ଚଳରେ ପହଞ୍ଚିପାରିଛି। ଏବେ ଏହା କେନ୍ଦ୍ରୀୟ ଆରବ ସାଗରର କେତେକ ଅଞ୍ଚଳ, ମହାରାଷ୍ଟ୍ର, କର୍ନାଟକ ଓ ତେଲଙ୍ଗାନାର ଅଧିକାଂଶ ଅଞ୍ଚଳ, ☞ପୃଷ୍ଠା-୪

## ରାଜ୍ୟରେ ୮ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ବିହାରର ଦକ୍ଷିଣ ଅଞ୍ଚଳ ଓ ଏହାର ଆଖପାଖରେ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। କୋରାପୁଟର ଲମତାପୁଟ, ସିମିଳିଗୁଡ଼ା, ପଟାଙ୍ଗୀ, ମୟୂରଭଞ୍ଜର ଚନ୍ଦନପୁର ଓ ବାଲେଶ୍ୱରର ରାଜଘାଟରେ ସ୍ୱଳ୍ପ ଧରଣର ବର୍ଷା ରେକର୍ଡ କରାଯାଇଛି। ୮ ତାରିଖରୁ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିପାରେ ଓ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ପ୍ରବଳ ବର୍ଷା ନେଇ ଏହି ୪ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖରୁ ରାଜ୍ୟର ସମସ୍ତ ଜିଲାରେ ବର୍ଷାର ପରିମାଣ ବଢ଼ିପାରେ। ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଓ ଉତ୍ତର ଉପକୂଳ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। କିନ୍ତୁ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ ☞ପୃଷ୍ଠା-୪

## ଭାଜପା ଯୁବନେତାଙ୍କୁ ପିଟି ହତ୍ୟା

**କପ୍ତିପଦା, ୬।୬(ଡ଼ି.ଏନ୍.ଏ)**

କାର୍ ସାଇଡ୍ ଦେବାକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ରଣଜିତ୍ ପ୍ରଧାନଙ୍କୁ ୪ ଯୁବକ



ରଣଜିତ୍ ପ୍ରଧାନ

ପିଟି ପିଟି ହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅନ୍ତର୍ଗତ ନୂଆସାହି ନିକଟସ୍ଥ ବାଘମରା ଗ୍ରାମରେ ଏହି ନୃଶଂସ କାଣ୍ଡ ଘଟିଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ଆମ୍ବପିଛୁଳା ଗ୍ରାମର ଲମ୍ବୋଦର ବେହେରା, ଭଗୀରଥ ରାଉତ ଓ ରବୀନ୍ଦ୍ର ଆରୁଖ।

ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୦ଟା ବେଳେ ରଣଜିତ ବାଘମରା ଗ୍ରାମସ୍ଥିତ ଶ୍ୱଶୁର ଘରକୁ କାର୍ ଯୋଗେ ଆସୁଥିଲେ। ଶ୍ୱଶୁର ଘର ସମ୍ମୁଖ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ କାର୍ ସାଇଡ୍ କରୁଥିଲେ। ଏହି ସମୟରେ ଭଡ଼ରାଛକ ପଟୁ ୨ଟି ବାଇକ୍‌ରେ ୪ ଯୁବକ ଆସି ହଠାତ୍ ତାଙ୍କ କାର୍‌କୁ ଅଟକାଇଥିଲେ। ☞ପୃଷ୍ଠା-୪

**୩ ଅଭିଯୁକ୍ତ ଗିରଫ, ଜଣେ ଫେରାର**

# ଗଣତନ୍ତ୍ର ପ୍ରେମୀ




ମ୍ୟାନମାରରେ ସାମରିକ ଶାସନ ହଟାଇ ଗଣତନ୍ତ୍ର ଫେରାଇ ଆଣିବା ଉଦ୍ଦେଶ୍ୟରେ ଦେଶର ବିୟୁଟି କୁଇନ୍ ହତର୍ ହାତ୍ତା ହାତ୍ତା ଏବେ ଜଙ୍ଗଲରେ ସେନା ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ୨୦୧୩ରେ ଥାଇଲାଣ୍ଡରେ ଅନୁଷ୍ଠିତ ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ ବିୟୁଟି ପ୍ରତିଯୋଗିତାରେ ମ୍ୟାନମାରରୁ ପ୍ରତିନିଧିତ୍ୱ କରିଥିଲେ। ୩୨ ବର୍ଷୀୟା ଜିମ୍ନାଷ୍ଟିକ୍ ଇନଷ୍ଟ୍ରକ୍ଟର ହାତ୍ତା ମ୍ୟାନମାର ସୀମାନ୍ତ ଅଞ୍ଚଳରେ ଏକ ସଶସ୍ତ୍ର ଗୋଷ୍ଠୀରେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ନାଇଜେରିଆରେ ଡାକୁଙ୍କ ଆକ୍ରମଣରେ ୮୮ ମୃତ

**ଲାଗୋସ,୬।୬ (ଆଇଏଏନ୍ଏସ୍):** ନାଇଜେରିଆର ଉତ୍ତରପଶ୍ଚିମ ରାଜ୍ୟ କେବିରେ ଡାକୁମାନଙ୍କ ଆକ୍ରମଣରେ ୮୮ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ରାଜ୍ୟର ଡାଙ୍କୋ-ୱାସାଗୁ ଅଞ୍ଚଳର ୮ଟି ବିଭିନ୍ନ ସମ୍ପ୍ରଦାୟ ଉପରେ ଏହି ଆକ୍ରମଣ ହୋଇଥିଲା। ୮୮ ମୃତଦେହ ଜବତ ହୋଇଛି। ଅଧିକ ଆକ୍ରମଣ ରୋକିବା ପାଇଁ ଉକ୍ତ ଅଞ୍ଚଳରେ ସୁରକ୍ଷାବଳ ନିୟୋଜିତ ହୋଇଛି। ଗତ ଏପ୍ରିଲରେ କେବି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ୯ ପୋଲିସ ଏବଂ ସିଭିଲ୍ ଡିଫେନ୍ସ ଗ୍ରୁପ୍ର ୨ ଜଣ ନିହତ ହୋଇଥିଲେ।

### ହିନ୍ଦୁଙ୍କୁ ବେଙ୍ଗ ସହ ତୁଳନା କଲେ ଆର୍ଏସ୍ଏସ୍ ନେତା

**ପାଟନା,୬।୬:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ବୌଦ୍ଧିକ ସେଲ୍ର ପଶ୍ଚିମବଙ୍ଗ ୟୁନିଟ ସଭାପତି ରାଜେଶ ଶ୍ରୀବାସ୍ତବ ହିନ୍ଦୁ ସମ୍ପ୍ରଦାୟକୁ ବେଙ୍ଗ ସହ ତୁଳନା କରିଛନ୍ତି। ସେମାନଙ୍କୁ ଗୋଟିଏ ଓଜନ ଯନ୍ତ୍ରରେ ମାପିବା ଅତ୍ୟନ୍ତ କଷ୍ଟକର ବୋଲି ସେ କହିଛନ୍ତି। ରବିବାର ରାଧିକା ରମଣଙ୍କ ଅଧକ୍ଷତାରେ ବିହାର ନିର୍ବାଚନ ସେଲ୍ ଦ୍ୱାରା ଆୟୋଜିତ ଭର୍ଚୁଆଲ ଆଲୋଚନାରେ ସେ ଏଭଳି ମନ୍ତବ୍ୟ ଦେଇଥିଲେ। ପଶ୍ଚିମବଙ୍ଗ ନିର୍ବାଚନ ପରେ ସେଠାରେ ଦେଖାଦେଇଥିବା ହିଂସା ଓ ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଆଲୋଚନା ହୋଇଥିଲା। ମମତା ବାନାର୍ଜୀ ଓ କେତେଜଣ ଉଗ୍ର ଚିନ୍ତାଧାରାର ନେତା ମୁସଲମାନ ସମ୍ପ୍ରଦାୟକୁ ଏକାଠି କରି ହିନ୍ଦୁମାନଙ୍କ ବିରୋଧରେ ଷଡଯନ୍ତ୍ର କରୁଛନ୍ତି। ସେମାନଙ୍କ ଷଡଯନ୍ତ୍ରକୁ ପଣ୍ଡ କରିବାକୁ ହେବ ବୋଲି ଶ୍ରୀବାସ୍ତବ କହିଥିଲେ।

### ଭାଜପା ଅଫିସ୍ ପାଖରେ ବୋମା

**କୋଲକାତା,୬।୬:** କୋଲକାତା ପୋଲିସ ଖିଦରପୁର ଏବଂ ହାଷ୍ଟିଙ୍ଗସ୍ ଛକରୁ ଶନିବାର ରାତିରେ ୫୪ଟି ବୋମା ଜବତ କରିଛି। ଭାଜପା କାର୍ଯ୍ୟାଳୟଠାରୁ ମାତ୍ର ୨୦ ମିଟର ଦୂରରେ ଏହି ବୋମା ମିଳିଥିଲା। ଫଳ ପ୍ୟାକିଂ ପାଇଁ ବ୍ୟବହାର ହେଉଥିବା ୪ଟି ବସ୍ତାରେ ଏହି ବୋମଗୁଡ଼ିକୁ ରଖାଯାଇଥିଲା। ଘଟଣାସ୍ଥଳରେ ହାଷ୍ଟିଙ୍ଗସ୍ ପୋଲିସ , ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ସେଗୁଡ଼ିକୁ ନିଷ୍କ୍ରିୟ କରିଥିଲେ।

### ୩ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ଚାଇନା ଟିକା

**ବେଜିଂ,୬।୬:** ଚାଇନା କର୍ତ୍ତୃପକ୍ଷ ଏହାର କୋଭିଡ୍-୧୯ ଟିକା କରୋନାଭାକ୍କୁ ୩ରୁ ୧୭ ବର୍ଷ ବୟସ ବର୍ଗର ପିଲାଙ୍କୁ ଦେବା ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉକ୍ତ ଟିକାର ଉତ୍ପାଦନକାରୀ ସିନୋଭାକ୍ର ଅଧକ୍ଷ ୟିନ୍ ୱେଇଡଙ୍ଗ ଏହି ସୂଚନା ଦେଇଛନ୍ତି। ଯେତେବେଳେ ଟିକା ବ୍ୟବହାର ପାଇଁ ଉପଲବ୍ଧ ହେବ ସେତେବେଳେ କେଉଁ ବୟସର ପିଲାଙ୍କଠାରୁ ଆରମ୍ଭ ହେବ ତାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସିନୋଭାକ୍ର ଏହି ଟିକା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଶେଷ କରିଛି। ବୟସ୍କମାନଙ୍କ ଲାଗି ଟିକା ନିରାପଦ ଓ ପ୍ରଭାବୀ ବୋଲି ୟିନ୍ କହିଛନ୍ତି। ଚାଇନାର ଦ୍ୱିତୀୟ ଟିକା ଭାବେ ସିନୋଭାକ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗତ ୧ ତାରିଖରେ ଅନୁମୋଦନ କରିଥିଲା।

### ୟୁପି କ୍ୟାବିନେଟରେ ଅଦଳବଦଳ ହେବନି



ରାଧାମୋହନ ସିଂ

**ନୂଆଦିଲ୍ଲୀ,୬।୬:** ଉତ୍ତରପ୍ରଦେଶ ଭାଜପା ପ୍ରଭାରୀ ରାଧାମୋହନ ସିଂ ରବିବାର ରାଜ୍ୟପାଳ ଆନନ୍ଦୀ ବେନ୍ ପଟେଲଙ୍କୁ ଭେଟିବା ପରେ ଯୋଗୀ ଆଦିତ୍ୟନାଥଙ୍କ କ୍ୟାବିନେଟରେ ଅଦଳବଦଳ ହେବା କଳ୍ପନାଜଳ୍ପନାକୁ ଖଣ୍ଡନ କରିଛନ୍ତି। ମନ୍ତ୍ରିମଣ୍ଡଳର କେତେକ ପଦବୀ ଉପଯୁକ୍ତ ସମୟରେ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇପାରନ୍ତି ବୋଲି ରାଧାମୋହନ କହିଛନ୍ତି। ମନ୍ତ୍ରିମଣ୍ଡଳରେ କେତେକ ଆସନ ଖାଲି ପଡ଼ିଥିଲେ ମଧ ତାହା ବିଶେଷ ବଡ଼ ଆସନ ନୁହେଁ ବୋଲି ଭାଜପା ରାଷ୍ଟ୍ରୀୟ ଉପାଧକ୍ଷ ରାଧାମୋହନ କହିଛନ୍ତି। ରାଜ୍ୟପାଳଙ୍କ ସହ ତାଙ୍କର ସାକ୍ଷାତ ବ୍ୟକ୍ତିଗତ ବୋଲି ଭାଜପା ପ୍ରଭାରୀ ସୂଚନା ଦେଇଛନ୍ତି।

## ମ୍ୟାନ୍ମାରରେ ସଂଘର୍ଷ: ୨୦ ମୃତ

**ନାପିତାଉ,୬।୬**

ମ୍ୟାନ୍ମାର ସୈନ୍ୟ ଓ ଗ୍ରାମବାସୀଙ୍କ ମଧରେ ସଂଘର୍ଷ ଘଟି୨୦ ଜଣ ନିହତ ହୋଇଛନ୍ତି। ଆୟେୟାରୱାଡି ନଦୀ ତ୍ରିକୋଣଭୂମିରେ ହୋଇଥିବା ସଂଘର୍ଷରେ ଗ୍ରାମବାସୀମାନେ ବାଟୁଳି ଓ କ୍ରସବୋରେ ସୈନ୍ୟଙ୍କୁଆକ୍ରମଣ କରିଥିଲେ। ଏହିସଂଘର୍ଷ ବେଳେ ୩ ଆତଙ୍କବାଦୀ ନିହତ ହେବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି। ଆକ୍ରମଣକାରୀଙ୍କୁ ଧରିବା ଲାଗି ସୈନ୍ୟବାହିନୀ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼: ୭ ଆହତ

**ଶ୍ରୀନଗର,୬।୬**

ଜମ୍ମୁ-କଶ୍ମୀରର ପୁଲ୍ୱାମାସ୍ଥିତ ତ୍ରାଲ ଅଞ୍ଚଳର ମୁଖ୍ୟ ବସ୍ଷ୍ଟାଣ୍ଡରେ ରବିବାର ପୋଲିସ ପାର୍ଟି ଉପରେ ଆତଙ୍କବାଦୀ ଗ୍ରେନେଡ୍ ମାଡ଼ କରିଛନ୍ତି। ଏଥିରେ ଆହତ ହୋଇଥିବା ୭ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ ମେ’ ୧୨ ଏବଂ ୨୬ରେ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରିଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିଲେ।

## ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ବଢ଼ାଇବୁ

### ବାଇଡେନ୍ଙ୍କ ଧମକ

**ନୂଆଦିଲ୍ଲୀ,୬।୬**

ଭାରତ ବିରୋଧରେ ଆମେରିକାର ଟାରିଫ୍ ଯୁଦ୍ଧକୁ ରାଷ୍ଟ୍ରପତି ଜୋ ବାଇଡେନ୍ ପୁଣିଥରେ ବଢ଼ାଇଛନ୍ତି। ଭାରତରୁ ଆମେରିକା ଆମଦାନୀ କରୁଥିବା ଚିଙ୍ଗୁଡ଼ି, ବାସମତି ଚାଉଳଠାରୁ ଆରମ୍ଭ କରି ଆସବାବପତ୍ର ଏବଂ ଅଳଙ୍କାର ଆଦି ସମସ୍ତ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବଢ଼ାଇବା ପାଇଁ ବାଇଡେନ୍ ଧମକ ଦେଇଛନ୍ତି। ନୂଆଦିଲ୍ଲୀ ବୃହତ ଟେକ୍ନୋଲୋଜି କମ୍ପାନୀ ଉପରେ ଡିଜିଟାଲ ସର୍ଭିସ ଟ୍ୟାକ୍ସ ଲଗାଇଥିବାରୁ ଏହାର ଜବାବରେ ଆମେରିକା ଉପରୋକ୍ତ ନିଷ୍ପତ୍ତି ନେଇଛି। ଭାରତରୁ ଆମେରିକା କିଣୁଥିବା ୨୬ଟି ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ବୃଦ୍ଧି କରିବାକୁ ଏହାର ବାଣିଜ୍ୟ ପ୍ରତିନିଧି କାଥେରିନ୍ ଟାଇ ୨ ତାରିଖରେ ଘୋଷଣା କରିଥିଲେ। ତେବେ ଏହି ବର୍ଦ୍ଧିତ ଶୁଳ୍କ ଡିସେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି ସେ କହିଥିଲେ। ଭାରତ ସରକାର ଗତବର୍ଷ ଏପ୍ରିଲରେ



ଆମାଜନ, ଫେସବୁକ, ଗୁଗଲ୍ ଭଳି ବୃହତ୍ ବିଦେଶୀ ଟେକ୍ନୋଲୋଜି ଏବଂ ଇ-କମର୍ସ କମ୍ପାନୀ ଏଠାରେ କରୁଥିବା ଆୟ ଉପରେ ୨ ପ୍ରତିଶତ ଲାଗୁ କରିଥିଲେ। ଏହାକୁ ତତ୍କାଳୀନ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ବିରୋଧ କରିଥିଲେ। ଏବେ ବାଇଡେନ୍ ସେଥିରେ ସାମିଲ ହୋଇଛନ୍ତି।

# ୧୫ ଲକ୍ଷ ତଳକୁ ଖସିଲା ସକ୍ରିୟ ମାମଲା

**ନୂଆଦିଲ୍ଲୀ,୬।୬**

ଗତ ୨୪ ଘଣ୍ଟା ମଧରେ ଦେଶରେ ୧.୮୯ ଲକ୍ଷ ଲୋକ କରୋନାରୁ ଆରୋଗ୍ୟ ହୋଇଛନ୍ତି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୧୫ ଲକ୍ଷ ତଳକୁ ହ୍ରାସ ପାଇଁ ୧୪.୭୭ ଲକ୍ଷରେ ପହଞ୍ଚିଛି। ଦିନରେ ୧.୧୪ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି, ଯାହା ଗତ ଦୁଇମାସ ମଧରେ ସର୍ବନିମ୍ନ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨.୮୮ କୋଟିରେ ପହଞ୍ଚିଛି। ଦିନକରେ ୨,୬୬୭ ଜଣଙ୍କର କୋଭିଡ୍ରେ ମୃତ୍ୟୁ ଘଟିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୩.୪୬ ଲକ୍ଷ ହୋଇଛି।

କ୍ରମାଗତ ଭାବେ ୨୪ ଦିନ ହେଲା ସଂକ୍ରମିତଙ୍କଠାରୁ ଆରୋଗ୍ୟ ହାର ଅଧିକ ରହିଛି। ଦୈନିକ ପଜିଟିଭିଟି ହାର ୫.୬୨ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ୧୩ ଦିନ ହେଲା ପଜିଟିଭିଟି ହାର ୧୦ ପ୍ରତିଶତରୁ କମ୍ ରହିଛି। ମହାରାଷ୍ଟ୍ରରେ ଗୋଟିଏ ଦିନରେ ୧୩,୬୫୯ ସଂକ୍ରମିତ ହୋଇଥିବାବେଳେ କର୍ନାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି। ତେବେ ଦିଲ୍ଲୀରେ ଦୈନିକ ସଂକ୍ରମଣ ୪୦୦ ତଳକୁ ଖସିଆସିଛି।



କୋଲକାତାର ସାଉଥ୍ପଏଣ୍ଟ ସ୍କୁଲ ପରିସରରେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ କୋଭିଡ୍ ଟିକା ନେଉଛନ୍ତି।

## ବିଭିନ୍ନ ରାଜ୍ୟରେ ଲକ୍ଡାଉନ କୋହଳ

**ନୂଆଦିଲ୍ଲୀ,୬।୬**

କରୋନା ସଂକ୍ରମଣ କମିବା ପରେ ବିଭିନ୍ନ ରାଜ୍ୟ ସରକାର ଲକ୍ଡାଉନ କଟକଣାକୁ କୋହଳ କରିବା ସହ ଅନ୍ଲକ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହରିୟାଣା ଓ ସିକ୍କିମ୍ ଲକ୍ଡାଉନ୍କୁ ଜୁନ୍ ୧୪ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ମଧ ନିୟମ କୋହଳ କରିଛନ୍ତି। ଶନିବାର ତାମିଲନାଡୁ, ଗୋଆ, ହିମାଚଳପ୍ରଦେଶ ସରକାର ମଧ ସେମାନଙ୍କ ରାଜ୍ୟରେ ଲକ୍ଡାଉନ ବଢ଼ାଇଥିଲେ। ଲକ୍ଡାଉନ ବଢ଼ିଥିଲେ ମଧ ସୋମବାରଠାରୁ କଟକଣା କୋହଳ ହେବ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ କହିଛନ୍ତି। ଦିଲ୍ଲୀରେ ଦୈନିକ ସଂକ୍ରମଣ ୪୦୦ ତଳକୁ ଖସିଥିବାରୁ ସେଠାରେ ଅନ୍ଲକ୍ ଯୋଜନା କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଶନିବାର ଘୋଷଣା କରିଥିଲେ। ବଜାର ଓ ମଲ୍ଗୁଡ଼ିକ ଯୁଗ୍ମ-ଅଯୁଗ୍ମ ଆଧାରରେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୫୦ ପ୍ରତିଶତ ଯାତ୍ରୀରେ ମେଟ୍ରୋ ଟ୍ରେନ ଚଳାଇବା ପାଇଁ ଅନୁମତି ଦିଆଯାଇଛି।

## ଡେଲ୍ଟା ଭାରିଆଣ୍ଟ ୪୦% ଅଧିକ ସଂକ୍ରାମକ

**ଲଣ୍ଡନ,୬।୬**

ଭାରତରେ ପ୍ରଥମେ ଚିହ୍ନଟ ହାଇଥିବା କୋଭିଡ୍-୧୯ ଭୂତାଣୁର ଡେଲ୍ଟା ଭାରିଆଣ୍ଟ ବା ବି୧.୬୧୭.୨ କେଣ୍ଟ ଭାରିଆଣ୍ଟଠାରୁ ପ୍ରାୟ ୪୦ ପ୍ରତିଶତ ଅଧିକ ସଂକ୍ରାମକ ବୋଲି ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ମାଟ୍ଟ ହୋନ୍କକ୍ କହିଛନ୍ତି। ଏହି ଭାରିଆଣ୍ଟ ଯୋଗୁ ବ୍ରିଟେନରେ ଅନ୍ଲକ୍ ଯୋଜନା କାର୍ଯ୍ୟକାରୀ କରିବା ଅଧିକ କଷ୍ଟକର ହେବ। ଡେଲ୍ଟା ଭାରିଆଣ୍ଟ ସଂକ୍ରମିତ ରୋଗୀଙ୍କୁ ଅଧିକାଂଶ ହସ୍ପିଟାଲରେ ଟିକା ମିଳୁନାହିଁ। କ୍ୱଚିତ ଲୋକ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଲ୍ଫା ଭାରିଆଣ୍ଟ ଭଳି ଡେଲ୍ଟା ଭାରିଆଣ୍ଟ କ୍ଷେତ୍ରରେ ଟିକା ଏତେଟା ପ୍ରଭାବୀ ନୁହେଁ ବୋଲି ବୈଜ୍ଞାନିକମାନେ କହିଛନ୍ତି।

## ଶୁଭେନ୍ଦୁଙ୍କ ନାଁରେ ରିଲିଫ୍ ଚୋରି ମାମଲା



**କୋଲକାତା, ୬।୬**

ପଶ୍ଚିମବଙ୍ଗର ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଏବଂ ତାଙ୍କ ଭାଇଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କାର ରିଲିଫ୍ ସାମଗ୍ରୀ ଚୋରି ଅଭିଯୋଗରେ ମାମଲା ରୁଜୁ ହୋଇଛି। ପୂର୍ବ ମେଦିନିପୁର ଜିଲାର କାଣ୍ଠି ମ୍ୟୁନିସିପାଲିଟି ଅଫିସରୁ ସେ ରିଲିଫ୍ ଜିନିଷ ନେଇଯାଇଥିବା ନେଇ ମ୍ୟୁନିସିପାଲ ଆଡ୍ମିନିଷ୍ଟ୍ରେଟିଭ୍ ବୋର୍ଡର ସଦସ୍ୟ ରତ୍ନଦୀପ ମନ୍ନା କାଣ୍ଠି ଥାନାରେ ଅଭିଯୋଗ କରିଛନ୍ତି। ଗତ ମେ’୨୧ରେ ଶୁଭେନ୍ଦୁ ଓ ତାଙ୍କ ଭାଇ ତଥା ମ୍ୟୁନିସିପାଲିଟିର ପୂର୍ବତନ ମୁଖ୍ୟ ସୌମେନ୍ଦୁ ଅଧିକାରୀ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ରିଲିଫ୍ ସାମଗ୍ରୀ ଜବରଦସ୍ତି ଗୋଦାମ ତାଲା ଖୋଲି ନେଇଥିବା ଏବଂ ତାଙ୍କ ସୁରକ୍ଷା ପାଇଁ ସାଙ୍ଗରେ କେନ୍ଦ୍ରୀୟ ଫୋର୍ସ ରହିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ଚାକିରି ଦେବା ନାଁରେ ଜଣଙ୍କଠାରୁ ୨ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଶୁଭେନ୍ଦୁଙ୍କ ଜଣେ ନିକଟତମ ସହଯୋଗୀ ରାଖାଲ ବେରାଙ୍କୁ ପୋଲିସ ଗିରଫ କରିଥିଲା।

## ଏଲ୍ ସାଲଭେଡରରେ ବୈଧ ହେବ ବିଟ୍କଏନ

ସେଣ୍ଟ୍ରାଲ ଆମେରିକାର ଦେଶ ଏଲ୍ ସାଲଭେଡର ଭର୍ଚୁଆଲ କରେନ୍ସି ବିଟ୍କଏନ୍କୁ ବୈଧ କରିବାକୁ ଯୋଜନା କରିଛି। ରାଷ୍ଟ୍ରପତି ନାଏବ ବୁକେଲେ ଏ ନେଇ କଂଗ୍ରେସରେ ବିଲ୍ ଆଣିବେ ବୋଲି ମିଆମିରେ ଅନୁଷ୍ଠିତ ବିଟ୍କଏନ-୨୦୨୧ କନଫରେନ୍ସରେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଏପରି ହେଲେ



ବିଟ୍କଏନକୁ ବୈଧ କରିବାରେ ଏଲ୍ ସାଲଭେଡର ବିଶ୍ୱର ପ୍ରଥମ ଦେଶ ହେବ। ବିଟ୍କଏନ ଟେକ୍ନୋଲୋଜି ବ୍ୟବହାର କରି ଆଧୁନିକ ଆର୍ଥିକ ଭିତ୍ତିଭୂମି ନିର୍ମାଣ ପାଇଁ ଦେଶ ଡିଜିଟାଲ୍ ୱାଲେଟ୍ କମ୍ପାନୀ ଷ୍ଟ୍ରାଇକ୍ ସହ ସହଭାଗିତା କରୁଥିବା ସେ କହିଛନ୍ତି। ଏଲ୍ ସାଲଭେଡରରେ ଅଧିକାଂଶ ନଗଦ ଟଙ୍କା କାରବାର ହୋଇଥାଏ। ସେଠାରେ ପ୍ରାୟ ୭୦ ପ୍ରତିଶତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ ନାହିଁ।

## ହସ୍ପିଟାଲରେ ଦିଲୀପ କୁମାର

ବର୍ଷୀୟାନ ଅଭିନେତା ଦିଲୀପ କୁମାର(୯୮) ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ରବିବାର ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ତାଙ୍କ ମ୍ୟାନେଜର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ଦିଲୀପ କୁମାର ଗତ ମାସରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବର୍ଷ ଦିଲୀପ କୁମାରଙ୍କ ଭାଇ ଇଶାନ ଖାନ(୯୦) ଏବଂ ଅସଲାମ୍ ଖାନ(୮୮) କରୋନାରେ ସଂକ୍ରମିତ ହୋଇ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଉଭୟଙ୍କ ପରଲୋକ ଘଟିଥିଲା।



## ୧୧ ସହ ଗୁଣନର ସରଳ ଟ୍ରିକ୍

**ଓଣ୍ଟାରିଓ, ୬।୬**

କାନାଡା ଓଣ୍ଟାରିଓର ଜଣେ ଗଣିତ ଶିକ୍ଷୟିତ୍ରୀ ୧୧ ସହ ଯେକୌଣସି ସଂଖ୍ୟାର ଗୁଣନ ମାତ୍ର କିଛି ସେକେଣ୍ଡରେ କରିବା ପାଇଁ ଏକ ସରଳ କୌଶଳ ବାହାର କରିଛନ୍ତି। ସାଇଲେଣ୍ଟ ମାଥ୍ ନାମରେ ସେ ଏହି ଟ୍ରିକ୍କୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ପ୍ରାୟ ୩ କୋଟି ଲୋକ ଏହାକୁ ଦେଖି ସାରିଲେଣି। ତାଙ୍କ ଟ୍ରିକ୍ ଅନୁସାରେ ୧୧ ସହ ଗୁଣିବାକୁ ଥିବା ସଂଖ୍ୟାଟିକୁ ପ୍ରଥମେ ଅଲଗା କରିବାକୁ ପଡ଼ିବ। ପରେ ସେହି ସଂଖ୍ୟାର ଅଙ୍କଗୁଡ଼ିକୁ ମିଶାଇ ଯୋଗଫଳକୁ ସଂଖ୍ୟା ମଝିରେ ରଖିଦେଲେ ଗୁଣଫଳ ବାହାରିଯିବ। ଯଦି ୧୧ ସହ ୩୨ର ଗୁଣନ କରିବାକୁ ଚାହୁଁଛନ୍ତି ତେବେ ୩ ଓ ୨ ମଝିରେ (୩+୨=୫) ୫କୁ ରଖିଲେ ଗୁଣଫଳ ୩୫୨ ବାହାରିବ।




୧୧ ଓ ୪୬ର ଗୁଣଫଳ ବାହାର କରିବାକୁ ହେଲେ ୪ ଏବଂ ୬ର ଯୋଗଫଳ ୧୦ ସଂଖ୍ୟାର ୦କୁ ଏହି ଅଙ୍କ ଦୁଇଟି ମଝିରେ ରଖିବାକୁ ହେବ। ବଳକା ଥିବା ୧କୁ ୪ ସହ ମିଶାଯିବା ପରେ ଫଳାଫଳ ୫୦୬ ବାହାରିବ। ୯୯ ସହ ମଧ ଯେ କୌଣସି ସଂଖ୍ୟାର ଗୁଣନ କୌଶଳ ସେ ୟୁଟ୍ୟୁବ୍, ଇନ୍ଷ୍ଟାଗ୍ରାମ ଆଦିରେ ଶେୟାର କରିଛନ୍ତି।

## ଚାଇନାକୁ ଅସୁବିଧା ଲଦାଖ ଥଣ୍ଡା

**ବେଜିଂ, ୬।୬**

ପୂର୍ବ ଲଦାଖ ସୀମାରେ ଭାରତ ବିପକ୍ଷରେ ଗତ ବର୍ଷ ଏପ୍ରିଲ-ମେ’ଠାରୁ ଚାଇନା ୫୦ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟଙ୍କୁ ମୁତୟନ କରିଥିବାବେଳେ ସେଠାକାର ଭୀଷଣ ଥଣ୍ଡା ଜଳବାୟୁରେ ସେମାନେ ଖାପଖୁଆଇବା କଷ୍ଟକର ହୋଇଛି। ଫଳରେ ଚାଇନା ବାଧ ହୋଇ ବର୍ଷକରେ ପ୍ରାୟ ୯୦ ପ୍ରତିଶତ ସୈନ୍ୟଙ୍କୁ ସେଠାରୁ ଅଦଳବଦଳ କରିଛି। ତିବ୍ବତ ଅଟୋନମସ୍ ରିଜିଅନ ବାହାରୁ ଏବଂ ଅନ୍ୟ ଅଞ୍ଚଳରୁ ଚାଇନା ନୂଆ ସୈନ୍ୟବାହିନୀ ଆଣିଥିଲା। ରିପୋର୍ଟ ମୁତାବକ, ଗତବର୍ଷ ଭୀଷଣ ଥଣ୍ଡା ପରିବେଶକୁ ସହ୍ୟ କରି ନ ପାରି ଅନେକ ଚାଇନା



ସୈନ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ଚାଇନା ସୈନ୍ୟ ପୂର୍ବ ଲଦାଖ ନିକଟରେ ଜଗି ରହିବା ନିମନ୍ତେ ବିଶେଷ ତାଲିମ ନେଉଥିବା ଜଣାପଡ଼ିଛି।

### ୯୦% ସୈନ୍ୟଙ୍କୁ ବଦଳାଇଲାଣି

ଭାରତ ମଧ ପ୍ରତିବର୍ଷ ସେଠାରେ ଯବାନଙ୍କ ଅଦଳବଦଳ କରାଇଥାଏ। କିନ୍ତୁ ଏହି ପାର୍ବତ୍ୟାଞ୍ଚଳରେ କାର୍ଯ୍ୟକାଳ ସମୟ ୨ ବର୍ଷ ସ୍ଥିର ଥିବାରୁ ଅଦଳବଦଳ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ମଧରେ ରହିଥାଏ। ଅନ୍ୟପକ୍ଷରେ ଭାରତୀୟ ଯବାନଙ୍କ ହାଇ ଅଲ୍ଟିଚ୍ୟୁଡ୍ରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ଯୋଗୁ ଚାଇନା ବିପକ୍ଷରେ ପୂର୍ବ ଲଦାଖ ସେକ୍ଟରରେ ମୁତୟନ ହେବାରେ ସେତେମାତ୍ରାରେ ସମସ୍ୟା ଉପୁଜି ନ ଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୩୯,୦୦,୪୫୬ | ୩୭,୪୦,୪୧୮ | ୧୫,୬୮,୪୨,୭୮୬ |
| ଭାରତ | ୨,୮୯,୦୦,୧୫୧ | ୩,୪୮,୯୨୩ | ୨,୭୧,୨୮,୯୩୪ |
| ଓଡ଼ିଶା | ୮,୧୩,୦୯୬ | ୨୯୯୪(+୫୩) | ୭,୩୯,୩୭୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# କୃଷକଙ୍କ ପାଇଁ ନୂଆ ପ୍ରକଳ୍ପ 'ରିୱାର୍ଡ'

## ଜଳଛାୟା ଅଞ୍ଚଳର ସମନ୍ୱିତ ବିକାଶ ଲକ୍ଷ୍ୟ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ଜଳଛାୟା ଅଞ୍ଚଳରେ ନିରନ୍ତର ଜୀବିକା ସୃଷ୍ଟି ଓ ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାର ନୂଆ ପରିକଳ୍ପନା ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପର ନାଁ ରହିଛି 'ରିଜୁଭେନେଟିଂ ୱାଟରଶେଡ୍ସ ଫର୍ ଏଗ୍ରିକଲଚରାଲ୍ ରେଜିଲେନ୍ସ ଥ୍ରୋ ଇନୋଭେଟିଭ୍ ଡେଭଲପ୍‌ମେଣ୍ଟ' ବା 'ରିୱାର୍ଡ'। ଏହି ପରିପ୍ରେକ୍ଷୀରେ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପର ବିଭିନ୍ନ ଦିଗକୁ ବିଚାର କରି କୃଷକଙ୍କ ନିମନ୍ତେ ନିରନ୍ତର ଜୀବିକା ନିର୍ବାହ ପନ୍ଥା ଏବଂ ଆୟବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଯୋଜନା ସ୍ଥିର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜଳଛାୟା ପ୍ରକଳ୍ପ ଅନ୍ତର୍ଭୁକ୍ତ ସମସ୍ତ ଅଞ୍ଚଳ ସହ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳକୁ ଏହି ଯୋଜନା ସମ୍ପ୍ରସାରିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ତେବେ ଏହି ପ୍ରକଳ୍ପ ପ୍ରଥମେ କୋରାପୁଟ, ନୟାଗଡ଼, ଢେଙ୍କାନାଳ, ଦେବଗଡ଼ ଓ ସମ୍ବଲପୁର ଆଦି ୫ ଜିଲାର ୧.୧୫ ଲକ୍ଷ ହେକ୍ଟର ପରିବ୍ୟାପ୍ତ 'ଜଳଛାୟା ପ୍ରକଳ୍ପ' ଅଞ୍ଚଳରେ ପରୀକ୍ଷାମୂଳକ (ପାଇଲଟ୍) ଭାବେ ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସବୁ ଜିଲାର ୧୫୨ଟି କ୍ଷୁଦ୍ର-ଜଳଛାୟା ପ୍ରକଳ୍ପ ଅଞ୍ଚଳ ଏଥିରେ ସାମିଲ ହେବ। ପ୍ରକଳ୍ପ ସଂଲଗ୍ନ ଅଧିକ ୪.୧୧ ଲକ୍ଷ ହେକ୍ଟର ଜମିକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ। ଏହି ସମ୍ପ୍ରସାରିତ ଅଞ୍ଚଳରେ ୫୩୩ଟି କ୍ଷୁଦ୍ର ଜଳଛାୟା ପ୍ରକଳ୍ପ ରହିଛି, ଯାହା ନବରଙ୍ଗପୁର ଏବଂ ସୁନ୍ଦରଗଡ଼ ଜିଲାରେ ରହିଛି। ଏହିପରି ଭାବେ ମୋଟ ୭ ଜିଲାର ୬୮୫ କ୍ଷୁଦ୍ର ଜଳଛାୟା ପ୍ରକଳ୍ପ ଅନ୍ତର୍ଗତ ୫.୨୬ ଲକ୍ଷ ହେକ୍ଟର ଭୂସମ୍ପତ୍ତି ଏବଂ ପ୍ରାକୃତିକ ସାଧନକୁ ପ୍ରଥମ ପର୍ଯ୍ୟାୟରେ ପ୍ରକଳ୍ପରେ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଛି।

- ପରୀକ୍ଷାମୂଳକ ଭାବେ ୫ ଜିଲାରେ ଆରମ୍ଭ ହେବ
- ନବରଙ୍ଗପୁର ଓ ସୁନ୍ଦରଗଡ଼ର କିଛି ଅଞ୍ଚଳ ସାମିଲ ହେବ
- ଜୁଲାଇ ଶେଷ ସୁଦ୍ଧା ପ୍ରକଳ୍ପ ପ୍ରସ୍ତାବ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ

ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରକଳ୍ପର ଆବଶ୍ୟକତା ବିଷୟ ଉପସ୍ଥାପନ କରିଥିଲେ। ପ୍ରକଳ୍ପର ଅବଧି ପ୍ରାୟ ୬ ବର୍ଷ ରହିବ। ପ୍ରକଳ୍ପରେ ପ୍ରାୟ ୨୧୧.୫୭ ମିଲିଅନ ଡଲାର (ପ୍ରାୟ ୧୫୩୮.୩୯ କୋଟି) ବିନିଯୋଗ ହେବାର ଆକଳନ କରାଯାଇଛି। ଏହି ଅର୍ଥ ମଧ୍ୟରୁ ୧୬୨.୫୭ ମିଲିଅନ ଡଲାର (୧୧୮୧.୧୩ କୋଟି) ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ସଂଯୋଜନା ଭିତ୍ତିରେ ଯୋଗାଇବେ ଏବଂ ବିଶ୍ୱବ୍ୟାଙ୍କର ଆନ୍ତର୍ଜାତିକ ପୁନର୍ଗଠନ ଓ ଉନ୍ନୟନ ବ୍ୟାଙ୍କ ୪୯ ମିଲିୟନ ଡଲାର (୩୫୭.୨୫ କୋଟି) ଋଣ ଆକାରରେ ଯୋଗାଇବେ ବୋଲି ବଶିଷ୍ଠ ସୂଚନା ଦେଇଥିଲେ। ବିଶ୍ୱବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରୀତି କୁମାର ନିଜ ଟିମ୍‌ଙ୍କ ସହ ପ୍ରକଳ୍ପର ବୈଷୟିକ, ଆର୍ଥିକ ଓ କାର୍ଯ୍ୟପନ୍ଥା ବିଷୟରେ ସବିଶେଷ ସୂଚନା ଦେଇଥିଲେ। ସେ କହିଥିଲେ, ଜଳଛାୟା ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଗାମୀ ରାଜ୍ୟ। ସମଗ୍ର ଦେଶରେ କର୍ନାଟକ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଆଦି ୩ଟି ରାଜ୍ୟରେ ଏହି ରିୱାର୍ଡ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବ୍ୟାଙ୍କ ପ୍ରସ୍ତାବ ରଖିଛନ୍ତି। ସେପଟେ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଫଳାଫଳର ନିୟମିତ ମୂଲ୍ୟାୟନ ନିମନ୍ତେ ଏକ ନିର୍ଭରଯୋଗ୍ୟ ବିଶେଷଜ୍ଞ ସଂସ୍ଥା ଚୟନ କରିବା ସହିତ ଜୁଲାଇ ଶେଷ ସୁଦ୍ଧା ପ୍ରକଳ୍ପ ପ୍ରସ୍ତାବ ଏବଂ କାର୍ଯ୍ୟାନ୍ୱୟନ ପଦ୍ଧତି ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୮ରୁ ୪୪ବର୍ଗଙ୍କ ଟିକାକରଣ ୨୨ ଜିଲାରେ ହେବ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜ୍ୟରେ ଏବେ ତୃତୀୟ ପର୍ଯ୍ୟାୟ ଟିକାକରଣ ଜାରି ରହିଛି। ଏଥିରେ ୧୮ରୁ ୪୪ ବର୍ଷ ବର୍ଗର ଲୋକଙ୍କୁ ଟିକା ଦିଆଯାଉଛି। ତେବେ ଏହା କେବଳ ମେ' ମାସରେ ଆରମ୍ଭ ହୋଇଥିଲେ ବି ମାତ୍ର ୫ଟି ମହାନଗର ନିଗମ ଓ ୬ ଜିଲା ସଦର ମହକୁମା ପୌରାଞ୍ଚଳ ଓ ଏନ୍‌ଏସିରେ ଟିକାକରଣ ଚାଲିଥିଲା। ଏବେ ଏହା ଅଧିକ ଜିଲାକୁ ସମ୍ପ୍ରସାରିତ କରାଯାଇଛି। ଆଉ ୨୨ଟି ଜିଲା ସଦର ମହକୁମା ପୌରାଞ୍ଚଳ ଓ ଏନ୍‌ଏସିକୁ ସମ୍ପ୍ରସାରିତ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ, ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଚଳିତ ମାସରେ ରାଜ୍ୟକୁ ୬,୪୫,୭୯୦ ଡୋଜ୍ କୋଭିଶିଲ୍ଡ ଟିକା ଆସୁଛି। ପ୍ରଥମ ଡୋଜ୍ ପାଇଁ ଜିଲାଗୁଡ଼ିକୁ ନିଜ ନିଜର ଆବଶ୍ୟକତା ଅନୁସାରେ ଏହି ଟିକା ବଣ୍ଟନ କରାଯିବ। ଫଳରେ ୧୮ରୁ ୪୪ ବର୍ଷ ବୟସ ବର୍ଗର ଲୋକଙ୍କୁ ଟିକା ଦେବା ସହଜ ହେବ ବୋଲି ଚିଠିରେ ଦର୍ଶାଯାଇଛି।

### ସଂକ୍ଷେପରେ

## ତାରା ବାହିନୀପତି ହସ୍ପିଟାଲରେ ଭର୍ତ୍ତି

### ଆଶୁ ଆରୋଗ୍ୟ କାମନା କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ବ୍ୟୁରୋ)/ ଜୟପୁର, ୬।୬ (ନି.ପ୍ର.): ବରିଷ୍ଠ କଂଗ୍ରେସ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ତ୍ରୀ ମୀନାକ୍ଷୀ ବାହିନୀପତି ସୂଚନା ଦେଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବା ପରେ ସେ କୋଭିଡ୍ ଟେଷ୍ଟ କରାଇଥିଲେ। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହା ପରେ ସେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟ କରାଇ ନେବାକୁ ଅନୁରୋଧ କରିଥିଲେ। ତେବେ ତାରାପ୍ରସାଦ ହସ୍ପିଟାଲରେ ଭର୍ତ୍ତି ହେବା ଖବର ପାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କୋଭିଡ୍ ସଂକ୍ରମିତ ହୋଇଥିବା ଜାଣି ମୁଁ ଚିନ୍ତିତ। ତାଙ୍କର ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

## ୫ ସହରରେ ଘରେ ପହଞ୍ଚିବ ଅକ୍ସିଜେନ୍ କନ୍‌ସନ୍‌ଟ୍ରେଟର୍

### ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୬।୬(ବ୍ୟୁରୋ): ଓଡ଼ିଶାର ୫ ସହରରେ ଘରେ ପହଞ୍ଚିବ ଅକ୍ସିଜେନ୍ କନ୍‌ସନ୍‌ଟ୍ରେଟର୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଏହି ଡୋର୍‌ଷ୍ଟେପ୍ ଅକ୍ସିଜେନ୍ କନ୍‌ସନ୍‌ଟ୍ରେଟର୍ ସେବାର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ମେଡିକାଲ ଅକ୍ସିଜେନ୍ ଆବଶ୍ୟକ କରୁଥିବା ଲୋକଙ୍କ ଘରେ ଏହି ସେବା ଯୋଗାଇ ଦିଆଯିବ। ରାଜ୍ୟର ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର ଡୋରଷ୍ଟେପ ଅକ୍ସିଜେନ ସେବା ଆରମ୍ଭ କରିଛନ୍ତି। ସେବା ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ଭବିଷ୍ୟତରେ କରୋନା ବିରୋଧୀ ଲଢ଼େଇରେ ସହଜ ହେବ।



କଟକ ତୁଳସୀପୁରସ୍ଥିତ ପାର୍କରେ ହରିଣମାନେ ଘାସ ଖାଉଛନ୍ତି।

## ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଏନ୍‌ଏଚ୍‌ଆର୍‌ସିଙ୍କ ତଲବ

### ଗୁରୁତର ଅଣକୋଭିଡ୍ ରୋଗୀଙ୍କୁ ଏମ୍ସ ଫେରାଇ ଦେବା ଘଟଣା

ଭୁବନେଶ୍ୱର,୬।୬(ବ୍ୟୁରୋ)

ଗୁରୁତର ଅଣକୋଭିଡ୍ ରୋଗୀଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରା ନ ଯିବା ଘଟଣାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଘଟଣାର ଅନୁସନ୍ଧାନ କରାଯାଇ ସମସ୍ୟାର ସମାଧାନ କରାଯିବା ସହ ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ସମୟରେ ସରକାରୀ ହସ୍ପିଟାଲରେ ବେଡ୍ ପାଇବାକୁ ରୋଗୀଙ୍କୁ ନାନା ହଇରାଣ ହେବାକୁ ପଡୁଛି। ଏ ପରିସ୍ଥିତିରେ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଗୁରୁତର ଅଣକୋଭିଡ୍ ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ଅନୁମତି ଦିଆ ନ ଯାଇ ଫେରେଇ ଦିଆଯାଉଥିବା ନେଇ ଗତ ମେ ୩୦ରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ପିଟିଶନ ଦାଖଲ କରିଥିଲେ। ଏମ୍ସ ଭଳି ଜାତୀୟସ୍ତରୀୟ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟ, ସମ୍ମାନ ଓ ମାନବାଧିକାର କ୍ଷୁର୍ଣ୍ଣ ହେଉଛି। କୋଭିଡ୍-୧୯ ମହାମାରୀ ସମୟରେ ଏମ୍ସର ଆଉଟ୍ ଡୋର ବନ୍ଦ କରାଯାଇଛି। ଏଥିସହିତ ଏଠାକୁ ରେଫର ହୋଇ ଆସୁଥିବା ଗୁରୁତର ଅଣ-କୋଭିଡ୍ ରୋଗୀଙ୍କୁ ଭେଣ୍ଟିଲେଟର ସହିତ ଆଇସିୟୁ ବେଡ୍ ପ୍ରଦାନ କରିବାକୁ ମନା କରାଯାଇ ଅନ୍ୟତ୍ର ପଠାଇ ଦିଆଯାଉଥିବା ପ୍ରଦୀପ୍ତ ତାଙ୍କ ପିଟିଶନରେ ଉଲ୍ଲେଖ କରିଥିଲେ।

## ଖୁବ୍‌ଶୀଘ୍ର ଏସ୍‌ସିବିରେ ଏକ୍‌ମୋ ଚିକିତ୍ସା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ଏସ୍‌ସିବି ମେଡିକାଲରେ ଏକ୍‌ମୋ ଚିକିତ୍ସା ସେବା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ୬ଟି ମେଶିନ ଆସିବାକୁ ଥିବାବେଳେ କାର୍ଡିଓଥେରାସିସ୍ ବିଭାଗରେ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଡିଏମ୍‌ଇଟି ସିବିକେ ମହାନ୍ତି ରବିବାର ସୂଚନା ଦେଇଛନ୍ତି। ଫଳରେ ଏଣିକି ଏହି ଚିକିତ୍ସା ଆବଶ୍ୟକ କରୁଥିବା ଗୁରୁତର କରୋନା ରୋଗୀଙ୍କ ପାଇଁ ଏହା ସଞ୍ଜୀବନୀ ହେବ। ତେବେ ଏହି ଚିକିତ୍ସା ପାଇଁ ରାଜ୍ୟରେ କୁଶଳୀ ବ୍ୟକ୍ତିଙ୍କ ଅଭାବ ରହିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୂଚନାଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଆବଶ୍ୟକ ମାନବସମ୍ବଳର ବ୍ୟବସ୍ଥା କରାଯାଉଛି। ଏଥିସହ ସବୁ ମେଡିକାଲ କଲେଜରେ ଏହି ଚିକିତ୍ସା ସେବା ଆରମ୍ଭ ପାଇଁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି।

ଗୁରୁତର ରୋଗରେ ପୀଡିତ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଠିକ୍‌ରେ କାମ କରୁ ନ ଥିଲେ ଏକ୍‌ମୋ ମେଶିନର ଆବଶ୍ୟକ ପଡ଼େ।



ଆସିବ ୬ ମେଶିନ

ବାହାରୁ ଅକ୍ସିଜେନ ଦିଆଗଲେ ବି ଯଦି ଫୁସଫୁସ୍ ଶରୀରକୁ ଯୋଗାଇବାରେ ବିଫଳ ହୁଏ କିମ୍ବା ଭେଣ୍ଟିଲେଟର ଲାଗିବା ପରେ ଯଦି ଶରୀରରୁ ଅଙ୍ଗାରକାମ୍ଳ ନିର୍ଗତ ନ ହୁଏ, ଯେତେବେଳେ ହୃତ୍‌ପିଣ୍ଡ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ରକ୍ତ ଯୋଗାଣରେ ବିଫଳ ହୁଏ, ସେତେବେଳେ ମଧ୍ୟ ଏକ୍‌ମୋ ମେଶିନ ବ୍ୟବହାର ହୋଇଥାଏ। ଏହି ଚିକିତ୍ସା ଲାଗି ଦୈନିକ ପ୍ରାୟ ୨ଲକ୍ଷରୁ ଅଧିକ ଟଙ୍କା ଦରକାର। ତେବେ ମେଶିନ କେତେଦିନ ବ୍ୟବହାର ହେବ, ତାହା ରୋଗୀଙ୍କ ଅବସ୍ଥା ଏବଂ ମିଳୁଥିବା ଚିକିତ୍ସାକୁ ଶରୀର କିଭଳି ପ୍ରତିକ୍ରିୟା ଦେଖାଉଛି ତା' ଉପରେ ନିର୍ଭର କରେ।

ସୂଚନାଯୋଗ୍ୟ, ଗୁରୁତର ଥିବା କରୋନା ରୋଗୀଙ୍କ ପାଇଁ ଏକ୍‌ମୋ ଚିକିତ୍ସା ଆବଶ୍ୟକ ପଡୁଛି। ଏହି ଜରୁରୀ ଚିକିତ୍ସା ପାଇଁ ରାଜ୍ୟରେ ମେଶିନ ନ ଥିବାରୁ ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ ହେଉନି। ଦେଶର ଦୁଇଟି ରାଜ୍ୟରେ କେବଳ ଦୁଇଟି ଘରୋଇ ହସ୍ପିଟାଲରେ ଏହି ଚିକିତ୍ସା ସେବା ମିଳୁଥିବାବେଳେ କୌଣସି ସରକାରୀ ହସ୍ପିଟାଲରେ ଏକ୍‌ମୋ ମେଶିନ ନାହିଁ। ଫଳରେ ରୋଗୀ ଓଡ଼ିଶା ବାହାରକୁ ଚିକିତ୍ସା ପାଇଁ ଧାଉଁଛନ୍ତି। ନିକଟରେ ପୂର୍ବତନ ମନ୍ତ୍ରୀ ନବୀନ ନନ୍ଦଙ୍କ ପୁଅଙ୍କ ଲାଗି ଏହି ଚିକିତ୍ସାର ଆବଶ୍ୟକତା ଥିଲା। ମାତ୍ର ଏକ୍‌ମୋ ମେଶିନ ନ ଥିବାରୁ ପୁଅର ମୃତ୍ୟୁ ଘଟିଥିବା ନିଜେ ନବୀନ ନନ୍ଦ ଟୁଇଟ୍ କରି ସୂଚନା ଦେଇଥିଲେ। ସେହିପରି ଗଞ୍ଜାମ ଅମ୍ରିତ ଏହି ଚିକିତ୍ସା ପାଇଁ ଚେନ୍ନାଇ ଯାଇଥିବାବେଳେ ଭଞ୍ଜନଗରର ରମେଶ କୋଲକାତା ଯାଇଛନ୍ତି।

## ୫ କୁକୁର ଛୁଆଙ୍କୁ କାର ଚଢ଼ାଇ ହତ୍ୟା

### କାର ଜବତ, ଅଭିଯୁକ୍ତଙ୍କୁ ନୋଟିସ୍‌ରେ ଛାଡ଼ିଲା ପୋଲିସ

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୬।୬(ଡି.ଏନ୍.ଏ.)

ରାଜଧାନୀ ଭୁବନେଶ୍ୱରରେ ଅନେକ ସମୟରେ ଶିକ୍ଷିତ ମଣିଷଙ୍କ ବର୍ବରତା ଦେଖିବାକୁ ମିଳୁଛି। ନିରୀହ ପ୍ରାଣୀଙ୍କ ପ୍ରତି ନିଷ୍ଠୁର ଆଚରଣ ସୀମା ଟପୁଛି। ଲିଙ୍ଗରାଜ ଥାନାଞ୍ଚଳରେ ଆଉ ଏକ ଘଟଣା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ୫ କୁକୁର ଛୁଆଙ୍କୁ କାର୍ ଚଢ଼ାଇ ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ଏନେଇ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଫୁଲ୍ଲ ରାଉତଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କାର୍ (ଓଡି୦୨ଏଚ୍‌୩୭୮୩)କୁ ଜବତ କରିଛି। ତେବେ ଏହି ଘଟଣା ପାଇଁ ଅଭିଯୁକ୍ତ ପ୍ରଫୁଲ୍ଲଙ୍କ ସ୍ତ୍ରୀ କ୍ଷମା ପ୍ରାର୍ଥନା କରିବା ପରେ ତାଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ି ଦେଇଛି।

ପୋଲିସ ସୂଚନା ଅନୁଯାୟୀ, ଗୋସାଗରେଶ୍ୱର ଛକ ବଉଳଗଡ଼ କ୍ଲବ୍ ନିକଟରେ ଗୁରୁବାର ପ୍ରଫୁଲ୍ଲ ଏକ କୁକୁର ଛୁଆକୁ ଗାଡ଼ି ଚଢାଇ ମାରିଦେଇଥିଲେ। ଏନେଇ ସ୍ଥାନୀୟ ଲୋକେ ତାଙ୍କୁ ଚେତାବନୀ ଦେଇ ଛାଡ଼ିଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ପ୍ରଫୁଲ୍ଲ ପୁଣି ଉକ୍ତ ରାସ୍ତାରେ ଶୋଇଥିବା ୫ କୁକୁର ଛୁଆଙ୍କ ଉପରେ କାର୍ ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ୪ କୁକୁର ଛୁଆଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଛୁଆ ଗୁରୁତର ଅବସ୍ଥାରେ ଛଟପଟ ହେଉଥିଲା। ଏହା ନଜରକୁ ଆସିବା ପରେ 'ସେବା ହିଁ ସଂକଳ୍ପ' ସଂସ୍ଥା ଉକ୍ତ ଛୁଆଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ଓୟୁଏଟିକୁ ପଠାଇଥିଲା। ଏଥିସହ ଘଟଣା ସଂକ୍ରାନ୍ତରେ ଉକ୍ତ ସଂସ୍ଥା ପକ୍ଷରୁ ଲିଙ୍ଗରାଜ ଥାନାରେ ଅଭିଯୋଗ କରାଯାଇଥିଲା। ସୂଚନା ଯୋଗ୍ୟ, କିଛିଦିନ ତଳେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ୩ଟି ବିଲେଇ ଛୁଆଙ୍କୁ ବୁଲା କୁକୁରଙ୍କ ଆଗକୁ ଫିଙ୍ଗି ଦେଇଥିଲେ। ୨ଟି ଛୁଆକୁ କୁକୁରମାନେ ଝୁଣିଝୁଣି ମାରିଦେଇଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଇନ୍‌ଫୋସିଟି ଥାନା ପୋଲିସ ମାମଲା ରୁଜୁ କରି ସମ୍ପୃକ୍ତ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରି ନୋଟିସ ଦେଇ ଛାଡ଼ିଥିଲା।

## ୨ ସାଇବର ଠକ ଗିରଫ

କଟକ ଅଫିସ, ୬।୬

ଚାଉଳିଆଗଞ୍ଜ ପୋଲିସ ୨ଜଣ ସାଇବର ଠକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ପୁରୀ ସତ୍ୟବାଦୀ ଥାନା ଅନ୍ତର୍ଗତ ହିରଣପଡ଼ା ଅଞ୍ଚଳର ସୁପ୍ରଭାତ ମହାପାତ୍ର (୨୬) ଏବଂ ଜଗତସିଂହପୁର ବିରିଡ଼ି ଥାନା ଅଧୀନ ମଙ୍ଗୁଳି ଅଞ୍ଚଳର ତନ୍ମୟ କୁମାର ବେହେରା (୨୪)। ପୋଲିସ ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୯ ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍, ୪ଟି ସିମ୍ ସମେତ ଗୋଟିଏ ବାଇକ୍ (ନଂ. ଓଡି ୧୩ କେ ୯୩୯୯) ଜବତ କରିଛି।

ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ନୂଆବଜାର ଅଞ୍ଚଳର ରବି ନାରାୟଣ ମହାପାତ୍ରଙ୍କ ପାଖକୁ ଗତ ୩ତାରିଖରେ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ ଫୋନ୍ କଲ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ନିଜକୁ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ବୋଲି ପରିଚୟ ଦେବା ସହ ରବିଙ୍କ ନାମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଇନ୍‌ସ୍ୟୁରାନ୍ସ ପଲିସି ଚେକ୍ ଆସିଥିବା କହିଥିଲେ। ଏହି ଚେକ୍ କ୍ଲିୟରାନ୍ସ ପାଇଁ ୪୫ ହଜାର ଟଙ୍କା ପଠାଇବାକୁ କହିଥିଲେ। ରବି ତାଙ୍କ କଥାକୁ ବିଶ୍ୱାସ କରି ଦୁଇଟି ଆକାଉଣ୍ଟକୁ ପ୍ରଥମେ ୩୦ହଜାର ଓ ପରେ ୧୫ହଜାର ଟଙ୍କା ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଟଙ୍କା ପାଇବା ପରେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ ବୋଲି ରବି ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏ ନେଇ ଚାଉଳିଆଗଞ୍ଜ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ଯେଉଁ ଦୁଇଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା ତାହା ସୁପ୍ରଭାତଙ୍କର ବୋଲି ଜଣାପଡ଼ିଥିଲା। ଏହାପରେ ଶନିବାର ଅଭିଯୁକ୍ତ ସୁପ୍ରଭାତ ଓ ତାଙ୍କ ସାଥୀ ତନ୍ମୟଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ବିରୋଧରେ କେସ୍ ନଂ. ୪୧୯/୨୧ ଓ ୪୨୦/୨୧ ରୁଜୁ କରାଯାଇଛି। ପୂର୍ବରୁ ସୁପ୍ରଭାତଙ୍କ ନାମରେ ବିଭିନ୍ନ ଥାନାରେ ମୋଟ ୨୪ଟି ମାମଲା ରହିଛି।




- ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଠକିଥିଲେ
- ୧ଲକ୍ଷ ୯ ହଜାର ଟଙ୍କା, ବାଇକ୍, ୩ ମୋବାଇଲ ଜବତ

## ପ୍ରସ୍ତାବ ମାତ୍ରେ ଅଣଦେଖା

### ବନ୍ୟା ନିୟନ୍ତ୍ରଣର ବାସ୍ତବ ଚିତ୍ର

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୬।୬

ଯାଜପୁର ଜିଲାରେ ପ୍ରାୟ ପ୍ରତିବର୍ଷ ବନ୍ୟା ବିଭୀଷିକା ଦେଖିବାକୁ ମିଳୁଛି। ବିପୁଳ ପରିମାଣର ଚାଷଜମି ପ୍ରଭାବିତ ହେବାଯୋଗୁ ଚାଷୀମାନେ ବିପୁଳ କ୍ଷତି ସହୁଛନ୍ତି। ବ୍ୟକ୍ତିଗତ ଓ ସରକାରୀ ସମ୍ପତ୍ତି ନଷ୍ଟ ହେଉଛି। ଏହି ସମସ୍ୟାକୁ ସରକାର ହୃଦୟଙ୍ଗମ କଲେ ମଧ୍ୟ ପ୍ରତିକାର କରାଯାଇପାରୁନାହିଁ। ଏହାର କାରଣ ହେଉଛି ପ୍ରଶାସନିକ ସ୍ତରରେ ଅବହେଳା। ଏଠାରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି (ଏସ୍‌ଏଲ୍‌ଏନ୍‌ସିସି) ବୈଠକର ନିଷ୍ପତ୍ତିକୁ ଉଦାହରଣ ଭାବେ ନିଆଯାଇପାରେ। ଏସ୍‌ଏଲ୍‌ଏନ୍‌ସିସି ସଭ୍ୟାସଭ୍ୟମାନଙ୍କ ଦ୍ୱାରା ଗୃହୀତ ଏକାଧିକ ପ୍ରସ୍ତାବ ସତେ ଯେମିତି ଅଣଦେଖା ପାଇଁ ଉଦ୍ଦିଷ୍ଟ। କାରଣ ସେସବୁ ଆଲୋଚନା ମଧ୍ୟରେ ସୀମିତ ରହିଛି। ଫଳରେ କେବଳ ଯାଜପୁର ଜିଲା ନୁହେଁ, ରାଜ୍ୟର ବିଭିନ୍ନ ନଦୀ ଅବବାହିକା ଅଞ୍ଚଳରେ ବନ୍ୟା ସ୍ଥିତି ଗମ୍ଭୀର ହେବାରେ ଲାଗିଛି।

୨୬।୬।୨୦୨୦ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏସ୍‌ଏଲ୍‌ଏନ୍‌ସିସି ବୈଠକରେ ଗ୍ରହଣ କରାଯାଇଥିବା ଏକାଧିକ ପ୍ରସ୍ତାବ ଉପରେ ଅନୁପାଳନ ଓ କାର୍ଯ୍ୟାନ୍ୱୟନ ରିପୋର୍ଟ ଦାଖଲ ନ ହେବା ପ୍ରଶାସନିକ ଅବହେଳାକୁ ସୂଚାଉଛି। ଏନେଇ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ୨୧।୧୦।୨୦୨୦, ୨୭।୧।୨୦୨୧ ଓ ୧୩।୪।୨୦୨୧ରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁପାଳନ ଓ କାର୍ଯ୍ୟାନ୍ୱୟନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଉକ୍ତ ରିପୋର୍ଟ ଦାଖଲ ନ ହେବାରୁ ସଚିବ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆସନ୍ତା ୯ ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଏସ୍‌ଏଲ୍‌ଏନ୍‌ସିସି ବୈଠକର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଶୁକ୍ରବାର ପୁଣି ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଥାଉ କି, ୨୬।୬।୨୦୨୦ରେ ଅନୁଷ୍ଠିତ ଏସ୍‌ଏଲ୍‌ଏନ୍‌ସିସି ବୈଠକରେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାୟକ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ସୁନ୍ଦରଗଡ଼ ଏମପି ଜୁଏଲ ଓରାମ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ସରକାରୀ ଦଳ ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ପ୍ରମୁଖ ସଭ୍ୟାସଭ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଅନେକ ପ୍ରସ୍ତାବ ଦେଇଥିଲେ। ସେଥିମଧ୍ୟରେ ଯାଜପୁର ଜିଲାରେ ପ୍ରବାହିତ ବୈତରଣୀ ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବିଧାୟିକା ମଲ୍ଲିକଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଥିଲା। ତାହା ହେଲା ଭଦ୍ରକ ଜିଲାର ଅର୍ଦ୍ଧାଲୁଆଠାରେ ବୈତରଣୀ ନଦୀର ଶାଖାନଦୀ କୋଟିଲାରେ ଏକ ଡ୍ୟାମ ନିର୍ମାଣ, ଯାହାକି ପ୍ରଶାସନିକ ମଞ୍ଜୁର ଅପେକ୍ଷାରେ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭଦ୍ରକ ଓ ଯାଜପୁର ଜିଲାର ପ୍ରାୟ ୭ ହଜାର ହେକ୍ଟର ଜମିରେ ଜଳସେଚିତ ହେବା ସହ ବନ୍ୟା ନିୟନ୍ତ୍ରଣ ହୋଇପାରିବ। କିନ୍ତୁ ପ୍ରକଳ୍ପ ପ୍ରସ୍ତାବ ଉପରେ ଏଯାଏ ପଦକ୍ଷେପ ନିଆଯାଇପାରିଲାନାହିଁ।

୨୦୨୦ ଅଗଷ୍ଟରେ ବନ୍ୟା ଏବଂ ଗତ ମେ ୨୬ରେ ବାତ୍ୟା 'ୟାସ୍' ଓ ପରବର୍ତ୍ତୀ ବନ୍ୟା ଯୋଗୁ ଯାଜପୁର ଜିଲାରେ ବିପୁଳ କ୍ଷୟକ୍ଷତି ହୋଇଛି। ବୈତରଣୀ ଓ ଏହାର ଶାଖାନଦୀରେ ପର୍ଯ୍ୟାୟକ୍ରମେ ୯ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ଲୋକଙ୍କ ଜୀବନ ଜୀବିକା ବିପଦାପନ୍ନ ହୋଇଛି। ଲଗାଣ ବର୍ଷା ହେଲେ ଅନେକ ଜାଗାରେ ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହୁଛି। ବର୍ଷାଜଳ ନିଷ୍କାସନ ପାଇଁ ଆଡିବନ୍ଧରେ ଯେଉଁ ପରିମାଣର ସ୍ଲୁଇସ୍ ଗେଟ୍ ରହିବା କଥା ତାହା ନାହିଁ। ଏଥିଯୋଗୁ ବନ୍ୟା ପାଣି ନଦୀଗୁଡିକରୁ ନିଷ୍କାସିତ ହୋଇପାରୁନାହିଁ। ତେଣୁ ବୈତରଣୀ ଡାହାଣ ଏବଂ ଖରସ୍ରୋତା ଡାହାଣ ଓ ବାମ ପାର୍ଶ୍ୱ ଆଡିବନ୍ଧରେ ଅଧିକ ପରିମାଣରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଗଲେ ଅଞ୍ଚଳରେ ବନ୍ୟା କିଛିମାତ୍ରାରେ ନିୟନ୍ତ୍ରଣ ହୋଇ ପାରନ୍ତା ବୋଲି ବିଧାୟିକା ମଲ୍ଲିକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା ଯେଭଳି ଅଣଦେଖା ହୋଇରହିଛି, ସେଥିରୁ ପ୍ରଶାସନିକସ୍ତରରେ ଆନ୍ତରିକତାର ଅଭାବ ଥିବା ସ୍ପଷ୍ଟ ହୋଇଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ଶାଖାନଦୀ କୋଟିଲା ଉପରେ ଏକ ଡ୍ୟାମ ନିର୍ମାଣ ଲାଗି ଆସିଥିବା ପ୍ରସ୍ତାବକୁ ପ୍ରଶାସନିକ ମଞ୍ଜୁରି ନିମନ୍ତେ ଡିଭିଜନସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି।



ବୈତରଣୀର ଶାଖା ନଦୀ ବନ୍ଧରେ ଘାଇର ଦୃଶ୍ୟ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଜିତ୍
ପରିବାରବର୍ଗ


ସୋନିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

## ଭାରତ ୨ ପାଦ ତଳକୁ ...

ଭୂପୃଷ୍ଠରେ ଜୀବନ, ଶାନ୍ତି, ନ୍ୟାୟ ଓ ଦୃଢ଼ ସଂସ୍ଥା ଏବଂ ଲକ୍ଷ୍ୟ ହାସଲ ଲାଗି ବିଶ୍ୱ ସହଯୋଗ ବଢ଼ାଇବା। ପରିବେଶ ପ୍ରଦର୍ଶନ ସୂଚକାଙ୍କ (ଇପିଆଇ)ରେ ଭାରତ ୧୮୦ ଦେଶ ମଧ୍ୟରେ ୧୬୮ତମ ସ୍ଥାନରେ ରହିଛି। ପରିବେଶୀୟ ସ୍ୱାସ୍ଥ୍ୟ, ଜଳବାୟୁ, ବାୟୁ ପ୍ରଦୂଷଣ, ପରିମଳ, ପାନୀୟ ଜଳ, ପରିବେଶ ସେବା ଓ ଜୈବ ବିବିଧତା ଆଦି ବିଭିନ୍ନ ସୂଚକାଙ୍କକୁ ହିସାବ କରି ଏହା ନିର୍ଦ୍ଧାରଣ କରାଯାଇଥାଏ। ପରିବେଶୀୟ ସ୍ୱାସ୍ଥ୍ୟ ବର୍ଗରେ ଭାରତ ୧୭୨ତମ ସ୍ଥାନରେ ରହିଛି। ୟାଲେ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ ଇପିଆଇ ୨୦୨୦ ରିପୋର୍ଟ ଅନୁଯାୟୀ ଜୈବ ବିବିଧତା ଏବଂ ବାସସ୍ଥାନ ବର୍ଗରେ ଭାରତ ୧୪୮ତମ ସ୍ଥାନରେ ରହିଛି, ଯାହା ପାକିସ୍ତାନଠାରୁ ୨୧ ସ୍ଥାନ ତଳେ।

## ଭାଜପା ଯୁବନେତାଙ୍କୁ...


ଗିରଫ ୩ ଅଭିଯୁକ୍ତ ।

ଗାଡ଼ିରେ ଇଣ୍ଡିକେଟ୍‌ର ନ ଦେଇ ଅନ୍ୟ ପଟକୁ କାହିଁକି ନେଉଛୁ କହି ସେମାନେ ରଣଜିତଙ୍କୁ କାର୍ ଭିତରୁ ଘୋଷାରି ଆଣି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ରଣଜିତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ପାଟିତୁଣ୍ଡ ଶୁଣି ଶ୍ୱଶୁର ଘର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଯୁବକମାନେ ସେଠାରୁ ପଳାଇଯାଇଥିଲେ। ଶ୍ୱଶୁର ଘର ଲୋକେ ଗୁରୁତର ଅବସ୍ଥାରେ ରଣଜିତଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଣଜିତ୍‌ଙ୍କ ଶାଳକ ପୃଥ୍ୱୀରାଜ ପାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି କପ୍ତିପଦା ଥାନା ପୋଲିସ ଏକ ମାମଲା (ନଂ.୧୫୫/୨୧)ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ହତ୍ୟାକାଣ୍ଡ ପଛରେ ରାଜନୈତିକ ଶତ୍ରୁତା ରହିଛି କି ନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ କହିଛନ୍ତି। ରଣଜିତ୍‌ଙ୍କ ହତ୍ୟା ସମ୍ପର୍କିତ ଖବର ପ୍ରଚାରିତ ହେବା ପରେ ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଏବଂ ବହୁ ଭାଜପା କର୍ମୀ ଡାକ୍ତରଖାନାରେ ପହଞ୍ଚି ପୋଲିସ ସହିତ ଆଲୋଚନା କରିଥିଲେ। ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ସମୟରେ ଭିଡ଼ିଓଗ୍ରାଫି କରିବାକୁ ଭାଜପା ନେତା ଓ କର୍ମୀମାନେ ଦାବି କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମୃତ ରଣଜିତ୍‌ଙ୍କ ଘର ପୁରୁଣା ବାଲେଶ୍ୱର ଅଞ୍ଚଳରେ ହୋଇଥିବା ବେଳେ ସେ ମାନସିଂ ବଜାରଠାରେ ରହୁଥିଲେ। ଜିଲା ଭାଜପାର ଜଣେ ଦକ୍ଷ ଯୁବ ସଂଗଠକ ଭାବେ ସେ ବେଶ ପରିଚିତ ଥିଲେ। ୨ ବର୍ଷ ପୂର୍ବେ ସେ ଜିଲା ଯୁବମୋର୍ଚ୍ଚା ଉପ ସଭାପତି ଏବଂ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ରହିଥିଲେ। ଛାତ୍ର ଜୀବନରୁ ସେ ଏବିଭିପି ଏବଂ ଭାଜପା ସହ ସମ୍ପୃକ୍ତ ଥିଲେ।

## ସଂକ୍ରମଣ ୯.୭%କୁ ...

ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଏବଂ ବରଗଡ଼, ପୁରୀ, ନୂଆପଡ଼ା, ମାଲକାନଗିରି, କୋରାପୁଟ, କନ୍ଧମାଳ, ଯାଜପୁର ଓ ଗଞ୍ଜାମରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୯୯୪କୁ ବୃଦ୍ଧି ପାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହିବି ନାହିଁ**
**କହିଲେ ଏ ଘରେ ରହିବି ନାହିଁ।**

ସତ କହିଲେ ସମସ୍ତଙ୍କୁ ବାଧେ। ଅପ୍ରିୟ ସତ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଗୁରୁଜନ, ମୁରବିଙ୍କୁ ଘରର ଭୁଲଭଟକା କଥା କହିଲେ ସେମାନେ ଅନେକାଂଶରେ ପ୍ରତିକ୍ରିୟାଶୀଳ ହୋଇଉଠନ୍ତି। ସହଜରେ ସେସବୁକୁ ଗ୍ରହଣ କରି ନ ପାରି ଛିଁଛାକର କରି କଥା କହନ୍ତି ତଥା ଓଲଟା ଦୋଷାରୋପ କରିବାକୁ ପଛାଇ ନ ଥାନ୍ତି। ଏପରିସ୍ଥଳେ ସେଠାରେ ବାସ କରିବା କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଣ୍ଟା ଫିରିକି, କଣ୍ଟା ଫିରିକି**
**ଏତେ ଗୁଣ ବୋଲି ଜାଣିଥିଲି କି ?**

କାହାର କେଉଁ ଗୁଣ ଅଛି ତା' ସହ ମିଳାମିଶା ନ କଲେ ଜଣାପଡ଼େ ନାହିଁ। ସବୁ ଭିତିରି କଥା, ଭିତିରି ଉଦ୍ଦେଶ୍ୟ ଓ ରହସ୍ୟ ଆଗରୁ ଜଣା ପଡ଼ି ନ ଥାଏ। ପରକୁ ଆପଣାର କରି ପଶ୍ଚାତ୍ତାପ କରିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଟିକାକୁ ନେଇ ...

ରାଜ୍ୟଗୁଡ଼ିକୁ ୨୪ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟିକା ଦିଆଗଲାଣି। ସେଥିରୁ ରାଜ୍ୟଗୁଡ଼ିକ ୨୨ କୋଟି ୯୬ ଲକ୍ଷ ୯୫ ହଜାର ଡୋଜ୍ ବ୍ୟବହାର ଓ ଅପଚୟ କରିଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ମୋଟ ୨୩,୧୩, ୨୨, ୪୧୭ ଡୋଜ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାବି କରିଛି। ଏହି ତଥ୍ୟ ଦର୍ଶାଉଛି ଯେ, ଟିକା କିଣିବା ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିପାରି ନାହିଁ। କରୋନା କାଳରେ ଆର୍ଥିକ ଗତିବିଧି ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ରାଜ୍ୟଗୁଡ଼ିକର ଅର୍ଥନୀତି ଦୋହଲିଯାଇଛି। ଏହାସତ୍ତ୍ୱେ ଓଡ଼ିଶା ସମେତ କେତେକ ରାଜ୍ୟ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଲାଗି ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଛନ୍ତି। କିନ୍ତୁ ଲଜିଷ୍ଟିକ୍, କ୍ଲିୟରାନ୍ସ ଓ ଗ୍ୟାରେଣ୍ଟିଜନିତ ଅସୁବିଧା ଯୋଗୁ ବିଦେଶୀ ଟିକା ଉତ୍ପାଦନକାରୀ କମ୍ପାନୀ ରାଜ୍ୟଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଭାକ୍ସିନ ଦେବାକୁ ମଙ୍ଗୁନାହାନ୍ତି। ଅନ୍ୟପକ୍ଷେ ଟିକା ସଙ୍କଟକୁ ନେଇ ଲୋକଙ୍କ ଆକ୍ରୋଶକୁ ପ୍ରଶମିତ କରିବା ଲାଗି ୨୦୨୧ ଡିସେମ୍ବର ସୁଦ୍ଧା ୧୦୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ପ୍ରତିଶ୍ରୁତି ଦେଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର ସମସ୍ତ ସାବାଳକଙ୍କୁ ଟିକା ଦେବାକୁ ହେଲେ ଭାରତକୁ ପ୍ରତିମାସ ୨୩୮ ନିୟୁତ ଡୋଜ୍ ଟିକା ଆବଶ୍ୟକ। ତେବେ ବର୍ତ୍ତମାନର ମନ୍ଥର ଟିକାକରଣକୁ ଦେଖିଲେ ଏହି ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରକାଶ ଯେ, ମେ' ୩୧ ତାରିଖରେ ସୁପ୍ରିମକୋର୍ଟ ୧୮ରୁ ୪୪ ବର୍ଷୀୟଙ୍କ ପାଇଁ କେନ୍ଦ୍ରର ଟିକାକରଣ ନୀତିକୁ ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ବୋଲି ଭର୍ତ୍ସନା କରିଥିଲେ। ଏହାସହ କେନ୍ଦ୍ରୀୟ ବଜେଟରେ ଆବଣ୍ଟିତ ୩୫,୦୦୦ କୋଟି ଟଙ୍କା କିପରି ଖର୍ଚ୍ଚ କରାଯାଇଛି ତାହାର ସବିଶେଷ ବିବରଣୀ ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୀର୍ଷ ଅଦାଲତଙ୍କ ମହଲତ ଅବଧି ପୂରିବା ପୂର୍ବରୁ କେନ୍ଦ୍ର ରାଜ୍ୟଗୁଡ଼ିକ ଉପରେ ଦୋଷାରୋପ କରି ବର୍ତ୍ତିଯିବା ପାଇଁ ବାଟ ଖୋଜୁ ଥାଇପାରେ ବୋଲି କୁହାଯାଉଛି।

# ଟିକା ପ୍ରମାଣପତ୍ରରେ ମମତାଙ୍କ ଫଟୋ


Government of West Bengal
Health & Family Welfare Department
Certificate for COVID-19 Vaccination
"Be Alert, Be Safe"
"সজাগ থাকুন, নিরাপদে থাকুন"
Mamata Bannerjee
Chief minister of
West Bengal
মমতা বন্দ্যোপাধ্যায়
মুখ্যমন্ত্রী, পশ্চিমবঙ্গ

**କୋଲକାତା,୬।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଚାଲିଥିବା ଟଣାଓଟରା ଏତେ ଶୀଘ୍ର ଥମିବାର ଆଶା ଦିଶୁନାହିଁ। କାରଣ କୋଭିଡ୍-୧୯ ଭାକ୍ସିନ ପ୍ରମାଣପତ୍ରରେ ପୂର୍ବରୁ ଥିବା ମୋଦିଙ୍କ ଫଟୋକୁ ହଟାଇ ମମତା ନିଜ ଫଟୋ ଛାପିଛନ୍ତି। ଡୋଜ୍ ନେବା ପରେ ହିତାଧିକାରୀଙ୍କୁ ମିଳିବାକୁ ଥିବା ସାର୍ଟିଫିକେଟରେ ମମତାଙ୍କ ଫଟୋ ଦେଖି ଭାଜପା କହିଛି, ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଦେବା ଜାଣିନାହାନ୍ତି। ତୃଣମୂଳ କଂଗ୍ରେସର ଯୁକ୍ତି ହେଉଛି କେବଳ ୧୮-୪୪ ବର୍ଷୀୟ ବ୍ୟକ୍ତିଙ୍କୁ ଦିଆଯିବାକୁ ଥିବା ଟିକା ପ୍ରମାଣପତ୍ରରେ ମମତାଙ୍କ ଫଟୋ ରହିବ। କାରଣ ଏହି ଟିକା ପଶ୍ଚିମବଙ୍ଗ ସରକାର ନିଜସ୍ୱ ପାଣ୍ଠିରୁ କିଣୁଛନ୍ତି।

## ଓଡ଼ିଶାରେ ୬୦୦ କେନ୍ଦ୍ର ...

ଡୋଜ୍ ଟିକା ଦିଆଯାଇଛି। ତେବେ ସବୁଠାରୁ ଚିନ୍ତାଜନକ କଥା ହେଉଛି, ରାଜ୍ୟରେ ଅଦ୍ୟାବଧି ୫୮,୭୧,୬୭୦ ଜଣ ପ୍ରଥମ ଡୋଜ୍ ନେଇଥିବାବେଳେ ୧୫,୪୮,୫୭୪ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଅର୍ଥାତ୍ ଏବେ ରାଜ୍ୟରେ ଆଉ ୪୩,୨୩,୦୯୬ ଜଣ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ଅପେକ୍ଷା କରି ରହିଛନ୍ତି। ଆଶ୍ଚର୍ଯ୍ୟର କଥା ରାଜ୍ୟରେ ଏବେ କେନ୍ଦ୍ର ସରକାରଙ୍କ ପାଖରୁ ମିଳିଥିବା ଟିକା ମଧ୍ୟରୁ ମାତ୍ର ୮,୮୧,୯୦୦ ଡୋଜ୍ ଟିକା ଉପଲବ୍ଧ ରହିଛି। ତେଣୁ କେଉଁଠି ଟିକାକରଣ ହେବ ତାକୁ ନେଇ ପ୍ରତିଦିନ ରାଜ୍ୟ ସରକାରଙ୍କୁ କସରତ କରିବାକୁ ପଡୁଛି। ଟିକାର ଉପଲବ୍ଧତାକୁ ଦୃଷ୍ଟିରେ ରଖି ସରକାର ଯେଉଁଠି ଟିକାକରଣର ଗୁରୁତ୍ୱ ରହିଛି, ସେଠାରେ ଟିକାରକଣ କରୁଛନ୍ତି। ଆଉ ବାକି ସବୁ କେନ୍ଦ୍ରରେ ଟିକାକରଣ ବନ୍ଦ କରିଦେଉଛନ୍ତି। ରାଜ୍ୟରେ ୧୫୦୦ ଟିକାକରଣ କେନ୍ଦ୍ର କରାଯାଇଛି। କିନ୍ତୁ ଟିକା ଅଭାବ ଯୋଗୁ ଆଜି ପର୍ଯ୍ୟନ୍ତ କୌଣସି ଦିନ ବି ସବୁ କେନ୍ଦ୍ରରେ ଟିକାକରଣ ହୋଇପାରି ନାହିଁ। ସୋମବାର ଓଡ଼ିଶାରେ ୯୧୦ କେନ୍ଦ୍ରରେ ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## 'ଟିକା ବିକି ୩୮ କୋଟି...

ସରକାର ଏହି ଭାକ୍ସିନ ଡୋଜ୍ ପିଛା ୪୧୨ ଟଙ୍କାରେ କିଣି ଘରୋଇ ହସ୍ପିଟାଲଗୁଡ଼ିକୁ ୧,୦୦୦ ଟଙ୍କାରେ ବିକ୍ରି କରୁଛନ୍ତି। ହସ୍ପିଟାଲଗୁଡ଼ିକ ଲୋକଙ୍କଠାରୁ ୧,୫୬୦ ଟଙ୍କା ନେଇ ଟିକା ଦେଉଛନ୍ତି। ଏପରି କି ମୋହାଲିର କେତେକ ହସ୍ପିଟାଲ ଏହାକୁ ୩,୨୦୦ ଟଙ୍କାରେ ବିକ୍ରି କରିଛନ୍ତି। ପଞ୍ଜାବ ସରକାର ଟିକା ବିକି ୩୮ କୋଟି ଟଙ୍କା ଲାଭ ପାଇଥିବା ସେ ଅଭିଯୋଗ ଆଣିଛନ୍ତି। ସେହିପରି ରାଜସ୍ଥାନରେ ଅଳିଆଗଦାରେ ଭାକ୍ସିନ ପଡ଼ିଥିବା ଦେଖିବାକୁ ମିଳୁଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ଭାକ୍ସିନ ଯୋଗାଣ ନୀତି ଉପରେ ପ୍ରଶ୍ନ ଉଠାଉଥିବାବେଳେ ନିଜ ଦଳର ସରକାର ଚାଲିଥିବା ପଞ୍ଜାବ ଓ ରାଜସ୍ଥାନ କଥା ଭୁଲିଯାଇଛନ୍ତି ବୋଲି ପୁରୀ କହିଛନ୍ତି। ଇତିମଧ୍ୟରେ ପଞ୍ଜାବ କିଣିଥିବା ୪୨,୦୦୦ ଡୋଜ୍ କୋଭିଶିଲ୍ଡ ଟିକା ମଧ୍ୟରୁ କେବଳ ମ୍ୟାକ୍ସ ସୁପର ସ୍ପେଶାଲିଟି ହସ୍ପିଟାଲ ସର୍ବାଧିକ ୩୦,୦୦୦ ଡୋଜ୍ ଟିକା ନେଇଥିବା ଜଣାପଡ଼ିଛି। ଅନ୍ୟ ୩୯ଟି ଘରୋଇ ସଂସ୍ଥା ମାତ୍ର ୧୦୦ରୁ ୧,୦୦୦ ଡୋଜ୍ ଟିକା ନେଇଛନ୍ତି। କେଉଁ ହସ୍ପିଟାଲ କେତେ ଟିକା କିଣିଛନ୍ତି ତାହା ରାଜ୍ୟ ସରକାରଙ୍କ କୋଭା ଆପ୍‌ରେ ଅପ୍‌ଲୋଡ୍ କରାଯାଇଥିଲା। କିନ୍ତୁ ଭାକ୍ସିନ ବିକ୍ରିକୁ ନେଇ ସରକାର ପୂର୍ବ ଅର୍ଡର ପ୍ରତ୍ୟାହାର କରିବା ପରେ ଶୁକ୍ରବାର ଉକ୍ତ ତାଲିକାକୁ ଆପ୍‌ରୁ ହଟାଇ ଦିଆଯାଇଛି।

## ଦକ୍ଷିଣ-ପଶ୍ଚିମ ମୌସୁମୀ ...

ତାମିଲନାଡୁର ସମସ୍ତ ଅଞ୍ଚଳ, ଆନ୍ଧ୍ରପ୍ରଦେଶର ଅନ୍ୟ କେତେକ ଅଞ୍ଚଳ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଉତ୍ତରପୂର୍ବ ରାଜ୍ୟ ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶରେ ପ୍ରବେଶ କରିଥିବାବେଳେ ପଶ୍ଚିମବଙ୍ଗର ହିମାଳୟ ଅଞ୍ଚଳର ଅଧିକାଂଶ ସ୍ଥାନ ଏବଂ ସିକିମରେ ପହଞ୍ଚିଥିବା ଆଇଏମ୍‌ଡି କହିଛି।

ସାଧାରଣତଃ ଜୁନ୍ ୩ରୁ ୧୦ ମଧ୍ୟରେ ମୌସୁମୀ ଉତ୍ତରପୂର୍ବାଞ୍ଚଳର ଅଧିକାଂଶ ଅଞ୍ଚଳକୁ ଛୁଇଁଥାଏ। ଉଦାହରଣ ସ୍ୱରୂପ ଅଗରତାଲା, ଆଇଜଲ, ସିଲଂ ଏବଂ ଇମ୍ଫାଲରେ ମୌସୁମୀ ପହଞ୍ଚିବାର ସ୍ୱାଭାବିକ ତାରିଖ ଜୁନ୍ ୧ ହୋଇଥିବାବେଳେ ସିକିମ୍‌ର ଗାଙ୍ଗଟକ୍‌ରେ ୧୦ ତାରିଖରେ ପହଞ୍ଚିଥାଏ। ତେବେ ଆଗାମୀ ଦୁଇଦିନ ମୌସୁମୀ ଅଗ୍ରଗତି ମନ୍ଥର ରହିବ ବୋଲି ଆଇଏମ୍‌ଡି କହିଛି। ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଥିବାରୁ ମୌସୁମୀ ଅଧିକ ସକ୍ରିୟ ହେବା ଆଶା କରାଯାଉଛି। ଫଳରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର କେତେକ ଅଞ୍ଚଳରେ ଜୁନ୍ ୧୫ ସୁଦ୍ଧା ମୌସୁମୀ ପହଞ୍ଚାଇବାରେ ଏହି ଘୂର୍ଣ୍ଣିବଳୟ ସହାୟକ ହେବ ବୋଲି କୁହାଯାଉଛି। ଚଳିତବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଥିଲା।

## ରାଜ୍ୟରେ ୮ରୁ ବଢ଼ିବ ...

ଓ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ୫ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ସେହିଦିନ ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ହେବାର ମଧ୍ୟ ଆଶଙ୍କା ରହିଛି। ତେବେ ୧୦ତାରିଖରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଞ୍ଜ, ଢେଙ୍କାନାଳ, ପୁରୀ, ଗଞ୍ଜାମ, କନ୍ଧମାଳ ଓ କଳାହାଣ୍ଡିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ କେନ୍ଦ୍ର ଏସବୁ ଜିଲାକୁ ସତର୍କ ସୂଚନା ଜାରି କରିବା ସହିତ ୟେଲୋ ୱାର୍ନିଂ ଜାରି କରିଛି। ସେପଟେ ରବିବାର ୫ସହରରେ ତାପାମାତ୍ରା ୪୦ଡିଗ୍ରୀ ଉପରେ ରହିଛି। ଟିଟିଲାଗଡ଼ରେ ସର୍ବାଧିକ ୪୨.୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ବଲାଙ୍ଗୀର ୪୧, ବୌଦ୍ଧ ଓ ଭବାନିପାଟଣାରେ ୪୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ପିଜିଆଇରେ ଓଡ଼ିଶାର ...

୨୦୧୮-୧୯ରେ ୭୫୦ ରହିଥିଲା। ତେବେ ଓଡ଼ିଶା ୨୦୧୯-୨୦ରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଭଳି ଗ୍ରେଡ୍ ୧ ହାସଲ କରିବାରେ ସକ୍ଷମ ହୋଇଛି। ଭିତ୍ତିଭୂମି ଓ ସୁବିଧା ଯୋଗାଇବା କ୍ଷେତ୍ରରେ ପିଜିଆଇ ଡୋମେନ୍‌ରେ ଓଡ଼ିଶା ୨୦% ଉନ୍ନତ ପ୍ରଦର୍ଶନ କରିଥିବା ବେଳେ ଇକ୍ୟୁଟି ଡୋମେନ୍‌ରେ ଅରୁଣାଚଳ ପ୍ରଦେଶ ଓ ମଣିପୁର ସହ ଏହା ୧୦% ଉତ୍ତମ ପ୍ରଦର୍ଶନ କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶା ୨୦୧୯-୨୦ରେ ଭିତ୍ତିଭୂମି କ୍ଷେତ୍ରରେ ୧୦୯ ପଏଣ୍ଟ ପାଇଛି, ଯାହା ୨୦୧୮-୧୯ରେ ୭୨ ଥିଲା। ଅର୍ଥାତ୍ ସ୍କୁଲ ଭିତ୍ତିଭୂମି ସୃଷ୍ଟି କରିବାରେ ଏହା ଯଥେଷ୍ଟ ଭଲ କରିପାରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଲାଗି ଉକ୍ତ ରିପୋର୍ଟକୁ ଉନ୍ମୋଚନ କରିବା ଅବସରରେ କହିଛନ୍ତି ଯେ, ୨୦୧୯-୨୦ ବର୍ଷ ଲାଗି ପଞ୍ଜାବ, ଚଣ୍ଡିଗଡ଼, ତାମିଲନାଡୁ, ଆଣ୍ଡମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ କେରଳ ସର୍ବାଧିକ ଗ୍ରେଡ୍ (ଏ ++) ହାସଲ କରିଛନ୍ତି। ଏଥିରେ ପଞ୍ଜାବ ୯୨୯ ପଏଣ୍ଟ ପାଇ ଶୀର୍ଷରେ ରହିଥିବା ବେଳେ ଚଣ୍ଡିଗଡ଼ ୯୧୨, ତାମିଲନାଡୁ ୯୦୬, କେରଳ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ୯୦୧ ଲେଖାଏ ପଏଣ୍ଟ ପାଇଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଆହୁରି କୁହାଯାଇଛି ଯେ, ପିଜିଆଇ ଦ୍ୱାରା ପ୍ରକାଶିତ ରିପୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍କୁଲ ଭିତ୍ତିଭୂମି ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ଅତ୍ୟନ୍ତ ଉପାଦେୟ ହୋଇପାରିବ। ସୂଚନା ଦିଆଯାଇପାରେ ଯେ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଲାଗି ୨୦୧୯ରେ ପିଜିଆଇ ତାଲିକା ପ୍ରକାଶ କରାଯାଇଥିଲା, ଯେଉଁଥିରେ ୨୦୧୭-୧୮କୁ ରେଫେରାନ୍ସ ବର୍ଷ ଭାବେ ନିଆଯାଇଥିଲା।

## ପୁଣି ପେଟ୍ରୋଲ ୨୮, ଡିଜେଲ ...

ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଯଥାକ୍ରମେ ୯୬.୪୭ ଟଙ୍କା, ୯୫.୦୨ ଟଙ୍କା ଏବଂ ୧୦୧.୨୫ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୯୦.୬୦ ଟଙ୍କା, ୮୮.୮୦ ଟଙ୍କା ଏବଂ ୯୩.୩୦ ଟଙ୍କାରେ ବିକ୍ରି ହେଉଥିବା କୁହାଯାଇଛି। ଦେଶର ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶର କେତେକ ସହରରେ ପେଟ୍ରୋଲ ୧୦୦ ଟଙ୍କା ଟପି ଯାଇଥିବା ବେଳେ ଡିଜେଲ ୯୫ ନିକଟବର୍ତ୍ତୀ ରହିଥିବା ସୂଚନା ରହିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଉଚ୍ଚରେ ଥିବାରୁ ଭାରତ ବଜାରରେ ଏହାର ଦର ମଧ୍ୟ ବୃଦ୍ଧି ହେଉଛି। ତେଲର ମୂଳ ଦର ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ପରିମାଣ ଅଧିକା ରହିବା ଯୋଗୁ ଦର ବୃଦ୍ଧି ପାଉଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ତୈଳ ଦର ଉପରେ ରୋକ୍ ଲଗାଇବା ପାଇଁ ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଜଣାପଡିଛି। ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ପେଟ୍ରୋଲରେ ଇଥାନଲ ମିଶ୍ରଣ କରିବା ସହ ଆସନ୍ତା ୨୦୨୫ ସୁଦ୍ଧା ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଗତକାଲି ପ୍ରଧାନମନ୍ତ୍ରୀ ଏକ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ର ହେଉ କିମ୍ବା ପରିବାରରେ ଆପଣ ଆଜି ମନର ଅସନ୍ତୋଷକୁ କଠୋର ବାକ୍ୟରେ ପ୍ରକାଶ କରିବାକୁ ପଛାଇବେ ନାହିଁ। ସାମୟିକ ଭାବପ୍ରବଣତା କାରଣରୁ ଜମିଜମା, ସ୍ତ୍ରୀ/ସ୍ୱାମୀଙ୍କ ସ୍ୱାସ୍ଥ୍ୟ କିମ୍ବା ବ୍ୟବସାୟିକ କିଛି ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ସ୍ଥିତି, ପରିବହନ, ନିର୍ମାଣ, କାରିଗରି ବିଦ୍ୟା, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ**
ଆଜିର କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**
କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ମଧ୍ୟ ରହିପାରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ବ୍ୟବସାୟୀମାନେ ପରିବହନରେ କାମ ହାସଲ କରିବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ**
ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ସମ୍ପନ୍ନ କରିବେ। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ସାମିଲ ହେବେ। ଜମିଜମା, ମାଲିମକଦ୍ଦମା, ନିର୍ମାଣ, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିପ୍‌ରେ ପ୍ରତିଷ୍ଠା ଅର୍ଜନ କରିବେ। ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ବୃଦ୍ଧି ପାଇବା ଯୋଗୁ ଚିଡିଚିଡି ହୋଇପାରନ୍ତି।

**ସିଂହ**
କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା**
ଆକସ୍ମିକ ଓ ଅଯାଚିତ ଭାବରେ ଜଣେ କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଆପଣଙ୍କ କାମରେ ପ୍ରତିବନ୍ଧକ ସାଜିପାରନ୍ତି। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଭଲ ସମ୍ପର୍କ ନ ଥିବା କାରଣରୁ ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**
ହଠାତ୍ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ସାମୟିକ ଚିନ୍ତାର କାରଣ ହୋଇପାରେ। ମାଙ୍ଗଳିକ କାମରେ କୌଣସି ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି। ଅବଶ୍ୟ ପରିସ୍ଥିତି ପ୍ରତି ସତର୍କ ରହି କାମ କରନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଜିନିପତ୍ର ଅଦଳ ବଦଳ ହୋଇଯାଇପାରେ।

**ବିଛା**
କୌଣସି ବନ୍ଧୁଙ୍କ ଅସୌଜନ୍ୟ ବାକ୍ୟ ମନକୁ ମାନ୍ଦା କରି ଦେଇପାରେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତାନ୍ତର ଘଟିବାର ଆଶଙ୍କା ଦେଖାଦେବ। ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମ କରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପାଖ ପଡ଼ୋଶୀମାନେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ୍ୟ କଳହ କରିବେ ।

**ମକର**
ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ଆପଣଙ୍କୁ ବହୁତ ସାହାଯ୍ୟ କରିବ। ବନ୍ଧୁମାନଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ପ୍ରିୟବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**
ଆନୁଷ୍ଠାନିକ କାର୍ଯ୍ୟ ସମ୍ପାଦନରେ ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଅସାବଧାନତା କିମ୍ବା ଅନ୍ୟମନସ୍କ କାରଣରୁ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସଙ୍ଗଠନ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ସୋମବାର, ଜୁନ୍ ୭ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମିଥୁନ ରାଶିର ଘାତବାର, ମେଷ ରାଶିର ଘାତଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୧ମି. ଗତେ ୧୦।୨୬ମି. ମଧ୍ୟେ, ରାତ୍ରି ଘ.୦୯।୧୩ମି. ଗତେ ଘ.୧୨।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬।୪୯ମି. ଗତେ ଘ. ୦୮।୨୮ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302




**SALE**

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ଫ୍ଲାଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852




Monalisa massage club: All types body massage with hiprofile smart lady rooms service available 9708545108. D-20849

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବିଟ୍ ହାଉସ୍ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଚାଲୁଛି।

# କଂକ୍ରିଟ କାମରେ ଅନିୟମିତତା ଅଭିଯୋଗ

- ନିମ୍ନ ଗ୍ରେଡ ସିମେଣ୍ଟ ବ୍ୟବହାର
- ସାମାନ୍ୟ ବର୍ଷାରେ ନଷ୍ଟ ହେଉଛି ନିର୍ମାଣ

ଯାଜପୁର ଅଫିସ,୬ା୬

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ୍)ର ବିଭିନ୍ନ ଉନ୍ନୟନ କାମରେ ପୁଣି ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ସିହା ଗ୍ରାମ ଆଦର୍ଶ ଖେଳ ପଡ଼ିଆ ନିର୍ମାଣ କାମରେ ଅନିୟମିତତା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ସେହି ଅଭିଯୋଗର ତଦନ୍ତ କରାଯାଇ ନିର୍ମାଣ କାମ ବନ୍ଦ କରାଯାଇଥିଲା। ମାତ୍ର ସେତିକିରେ ବ୍ଲକ୍ ପ୍ରଶାସନର ମନ ବୁଝିନି, ପୁନଶ୍ଚ ଭିନ୍ନ ଯୋଜନାରେ ସେହି ଖେଳ ପଡିଆ ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଯେଉଁଥିରେ ଏବେ ଖେଳ ପଡିଆ ପ୍ରବେଶ ଦ୍ୱାରରେ କଂକ୍ରିଟ ଖୁଣ୍ଟ ନିର୍ମାଣ ହେଉଛି। କିନ୍ତୁ ସେଥିରେ ବିନା ଅନୁମୋଦିତ ନିମ୍ନମାନର ଗ୍ରେଡ୍ ସିମେଣ୍ଟ ଓ କଳା ମେଟାଲ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏହାସହ ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ମଧ ନିମ୍ନ ଗ୍ରେଡ଼ ସିମେଣ୍ଟ ଓ କଳା ମେଟାଲ ବ୍ୟବହାର କରାଯାଇଛି। ବଡ଼ ଟ୍ରକରେ ଆନ୍ଧ୍ରପ୍ରଦେଶରୁ ଏହି ସିମେଣ୍ଟ ଆଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଏକ ଘରେ ମହଜୁଦ କରି ରଖାଯାଇଛି। ସେଥିରୁ ଆବଶ୍ୟକତା ଅନୁସାରେ ବ୍ୟବହାର କରାଯାଇ ବିଭିନ୍ନ ନିର୍ମାଣ କାମ ଚାଲିଛି । ଏକଥା ଜଣେ ଜନପ୍ରତିନିଧି ଓ ପଞ୍ଚାୟତର ଜଣେ ଅଧିକାରୀଙ୍କ ଜାଣତରେ ଚାଲି ଆସିଛି। କିନ୍ତୁ ସମସ୍ତେ ନିଜ ନିଜର କମିଶନ ପାଇ ଏହି ନିମ୍ନମାନର ନିର୍ମାଣ କାମକୁ ସ୍ୱାଗତ କରୁଛନ୍ତି। ଜଇପୁର ମୌଜାରେ ଦର୍ପଣ–ସମିଆଁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଭଗବତୀ ମନ୍ଦିର ରାସ୍ତା ହେଉ ବା ସିହା ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ କଂକ୍ରିଟକରଣ, ସିହା ଗ୍ରାମ ରଜକସାହି ରାସ୍ତା, ସିହା ଉପରସାହିରେ ନରୋତ୍ତମ ସାହୁଙ୍କ ଘର ସମ୍ମୁଖ ରାସ୍ତା ମଧ ନିମ୍ନଗ୍ରେଡ଼ ସିମେଣ୍ଟ ଓ କଳା ମେଟାଲ ଦ୍ୱାରା ନିର୍ମାଣ କରାଯାଉଛି। ସେହି ସାମଗ୍ରୀରେ ସିହା ତଳସାହି କୋଠଘରଠାରୁ ତେଲିସାହି ରାସ୍ତା ନିର୍ମାଣ ବୁଧବାରଠାରୁ ଆରମ୍ଭ ହୋଇଛି। କେବଳ ସେତିକି ନୁହେଁ ରାସ୍ତାରେ ବ୍ୟବହୃତ ହେଉଥିବା ସାମଗ୍ରୀର ଭାଗମାପରେ ମଧ ବ୍ୟାପକ ଅନିୟମିତ କରାଯାଉଛି। ଗୁରୁବାର ତଳସାହି କୋଠଘରଠାରୁ ତେଲିସାହି ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ଯେଉଁ ବେସ ନିର୍ମାଣ ହୋଇଛି ସେଥିରେ ଅତି ନିମ୍ନମାନର ୧୦ ଭାଗ କୁଆଁରିଆ ବାଲି ସହ ୬ ଭାଗ ମାଟି ମିଶା କଳା ମେଟାଲ ଓ ମାତ୍ର ୨ ଭାଗ ସେହି ଗ୍ରେଡ ବିହୀନ ସିମେଣ୍ଟ ବ୍ୟବହାର କରାଯାଉଛି । ଗତ କିଛି ମାସ ମଧରେ ଯେତେ ସବୁ କଂକ୍ରିଟ ରାସ୍ତା ଏହି ସିମେଣ୍ଟ ଦ୍ୱାରା ହୋଇଥିଲା ଗତ ପ୍ରଥମ କାଳବୈଶାଖୀ ବର୍ଷାରେ ସେଥିରୁ ସିମେଣ୍ଟ ଧୋଇ ହୋଇ ରାସ୍ତାରୁ ଚିପ୍ସ ଉଠିବାକୁ ଲାଗିଲାଣି। ତେଣୁ ନିମ୍ନ ଗ୍ରେଡର ସିମେଣ୍ଟ ବ୍ୟବହାରକୁ ବାଦ ଦେଇ ଭଲ ବ୍ରାଣ୍ଡ ସିମେଣ୍ଟ ବ୍ୟବହାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବଡଚଣା ବିଡିଓ ଅଜିତ ପ୍ରସାଦ ଗିରିଙ୍କୁ ପଚାରିବାରେ ସେ କହିଛନ୍ତି, ସେଭଳି କିଛି ଅଭିଯୋଗ ତାଙ୍କ ପାଖରେ ପହଞ୍ଚି ନାହିଁ। ତେବେ କାମ ଉପରେ ଆବଶ୍ୟକ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



ନିମ୍ନମାନ ସିମେଣ୍ଟରେ କାମ ହେଉଛି।

# ବର୍ଷାରେ ଉବୁଟୁବୁ ଜାତୀୟ ରାଜପଥ

ଧର୍ମଶାଳା,୬ା୬(ଡି.ଏନ.ଏ.)

ରବିବାର ଅପରାହ୍ନରେ ମୂଷଳଧାରାରେ ଅସରାଏ ବର୍ଷା ହେବାରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବିଟ୍ ହାଉସ୍ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଏହି ରାଜପଥ ସମ୍ପ୍ରସାରଣ କାମ ଦୀର୍ଘ ଦିନ ହେଲା ଚାଲିଥିବା ବେଳେ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ମନମାନି ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନ କଟାଯାଇ କାମ ହେଉଥିବାରୁ ବର୍ଷା ପାଣି ନିଷ୍କାସିତ ହେବାରେ ବାଧା ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତାଦେଇ ଗାଡ଼ି ଯାତାୟାତ କରିବା ଅସମ୍ଭବ ହୋଇ ପଡ଼ିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରା ନ ଗଲେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ। ତେଣୁ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଶୀଘ୍ର ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଜାରକା ବଜାର ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ବାଲ୍ୟ ବିବାହ ରୋକିଲେ ସିଡିପିଓ

**କାଳିଆପାଣି,୬ା୬(ଡି.ଏନ.ଏ.):** କାଳିଆପାଣି ଥାନା ଅଧୀନ ଉପର ନଗଡ଼ାରେ ଏକ ବାଲ୍ୟ ବିବାହକୁ ରୋକାଯାଇଛି। ରବିବାର ସୁକିନ୍ଦା ସିଡିପିଓ (ଚାଇଲ୍ଡ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ଅଫିସର) ସଂଯୁକ୍ତା କାନୁନଗୋ ଏହି ବିବାହକୁ ରୋକିଛନ୍ତି। ସୂଚନା ଅନୁସାରେ, ଉପର ନଗଡ଼ାର ଜଣେ ବ୍ୟକ୍ତିଙ୍କ ୧୩ ବର୍ଷୀୟ ପୁଅଙ୍କ ଗୁହିଆଶାଳ ଗ୍ରାମର ଜଣେ ନାବାଳିକଙ୍କ ସହ ବିବାହ ପାଇଁ ସ୍ଥିର ହୋଇଥିଲା। ଖବର ପାଇ ସିଡିପିଓ କାନୁନଗୋ କାଳିଆପାଣି ଥାନାରେ ନାବାଳକ ବାପାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିସହିତ ଉପରଗଡ଼ାରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଯାଜପୁରରେ କରୋନା ପରୀକ୍ଷା କରାଇଥିଲେ। ସୋମବାର ଶିଶୁ ସୁରକ୍ଷା ୟୁନିଟିକୁ ନାବାଳକଙ୍କୁ ହସ୍ତାନ୍ତର କରାଯିବ ବୋଲି ସିଡିପିଓ କାନୁନଗୋ ପ୍ରକାଶ କରିଛନ୍ତି। ନାବାଳକଙ୍କୁ ଉଦ୍ଧାର ସମୟରେ ଶିଶୁ ସୁରକ୍ଷା ୟୁନିଟିର ଅଧିକାରୀ ମିହିର ଜେନା ଉପର ନଗଡ଼ାରେ ଉପସ୍ଥିତ ଥିଲେ।

# ନଦୀରେ ବୁଡ଼ି ମହିଳା ମୃତ

## ସମ୍ପର୍କୀୟ ଭାଇ ଅଟକ

ରସୁଲପୁର,୬ା୬(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ସାମନ୍ତରାପୁର ପଞ୍ଚାୟତସ୍ଥ ବ୍ରାହ୍ମଣୀ ନଦୀର କଟେରି ଘାଟ ନିକଟରେ ରବିବାର ଜଣେ ମହିଳା ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା କେନ୍ଦୁଝର ଜିଲା ରାଇଘାଟି ଅଞ୍ଚଳର ମୀନତି ମୁଣ୍ଡା ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ତାଙ୍କୁ ନଦୀରୁ ଉଦ୍ଧାର କରି ଯାଜପୁର ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହିତ ମହିଳାଙ୍କ ସହ ନଦୀକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସମ୍ପୃକ୍ତ ବ୍ୟକ୍ତି ମହିଳାଙ୍କ ସମ୍ପର୍କୀୟ ଭାଇ ହେବେ ବୋଲି ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ମହିଳାଜଣକ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ। ସେ ମଧ୍ୟାହ୍ନରେ ନଦୀକୁ ଗାଧୋଇ ଆସି ବୁଡ଼ି ଯାଇଥିଲେ। ତାଙ୍କ ସହ ନଦୀକୁ ଆସିଥିବା ସମ୍ପର୍କୀୟ ଭାଇ ନଦୀ ଅପରପାର୍ଶ୍ୱରେ ଗୋଧୋଉଥିବା ଲୋକଙ୍କୁ ଡାକ ପକାଇଥିଲେ। ଲୋକେ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ୧ ଘଣ୍ଟା ପରେ ମହିଳାଙ୍କୁ ଠାବ କରିଥିଲେ। ମହିଳାଙ୍କୁ ପାଣିରୁ ଉଦ୍ଧାର କରିଥିବା ସାମନ୍ତରାପୁର ଗ୍ରାମର ସେକ୍ ମୋଜାଫର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ ଜାରି ରଖିଛି। ତେବେ ମହିଳା ଜଣକ ପାଣିରେ ବୁଡି ଯିବା ଘଟଣା ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଘଟଣାର ପ୍ରକୃତ ତଦନ୍ତ କରାଗଲେ ସତ୍ୟାସତ୍ୟ ଉନ୍ମୋଚନ ହୋଇ ପାରିବ ବୋଲି ଲୋକେ ଆଶାବାଦୀ ଅଛନ୍ତି। ମହିଳା ଜଣକ ଯେଉଁ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ ପୋଲିସ ତାଙ୍କୁ ପଚରାଉଚୁରା କଲେ ଅଧିକ ତଥ୍ୟ ପାଇପାରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ବଂଶୀଧର ବେହେରା କହିଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଛତିଆ,୬ା୬(ଡି.ଏନ.ଏ.):** ଯୁବତୀଙ୍କୁ ଅସଦାଚରଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଦେଢ଼ ବର୍ଷ ପରେ ଗିରଫ କରାଯାଇଛି। ସେ ହେଲେ ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତ କମ୍ପାନୀ ବଜାର ଗ୍ରାମର ରଶ୍ମିରଞ୍ଜନ ବେହେରା। ଶନିବାର ରାତିରେ ଛତିଆ ବିଟ୍ ହାଉସ୍ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ରଶ୍ମିରଞ୍ଜନ ଛତିଆ କମ୍ପାନୀ ବଜାର ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ରଶ୍ମିରଞ୍ଜନଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଛତିଆ ବିଟ୍ ହାଉସ୍ ପୋଲିସ ଏକ ମାମଲା (ନଂ.୫୯/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ରଶ୍ମିରଞ୍ଜନ ଫେରାର ହୋଇ ଯାଇଥିଲେ। ତେବେ ସେ ଘରେ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଛତିଆ ବିଟ୍‌ହାଉସ୍ ଅଧିକାରୀ ଜଗଦୀଶ୍ କର, ସନ୍ତୋଷ ବେହେରା, ବାଡେନ୍ ଟୁଡୁ ଓ ଅରୁଣ ପ୍ରଧାନ ପ୍ରମୁଖ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ବିଶିଷ୍ଟ ପ୍ରବଚକଙ୍କ ପରଲୋକ

**ଛତିଆ,୬ା୬(ଡି.ଏନ.ଏ.):** ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ନେଳିଆ ପଞ୍ଚାୟତ ଶାସନ ଗ୍ରାମର ବିଶିଷ୍ଟ ପ୍ରବଚକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ୫୪ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକପ୍ରକାଶ କରିଛନ୍ତି। ସେ ଜଣେ ସୁନାମଧନ୍ୟ ପ୍ରବଚକ ଭାବେ ସାରା ଓଡ଼ିଶାରେ ବେଶ୍ ପରିଚିତ ଥିଲେ। ବିଭିନ୍ନ ଟିଭି ଚ୍ୟାନେଲରେ ତାଙ୍କର ଆଧାତ୍ମିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ସେ ମହାପୁରୁଷ ହାଡ଼ିଦାସ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଦସ୍ୟ ଥିଲେ। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ସିଂହପୁର,୬ା୬(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପ୍ରହ୍ଲାଦ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ପୁହାଣ (୬୮)ଙ୍କ ପରଲୋକ ଘଟିଛି। ସେ ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ। କାଣୀ ଖରସ୍ରୋତା ନଦୀ ଅବବାହିକା ଅଞ୍ଚଳର ବିଶିଷ୍ଟ ଭାଗବତ ଓ କଣ୍ଠଶିଳ୍ପୀ ଭାବେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ କଣ୍ଟିପୁର ଗ୍ରାମ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ପୁଅବୋହୂ ଉପସ୍ଥିତ ଥିଲେ। ପୁତ୍ର ଯଶୋବନ୍ତ ମୁଖାଗ୍ନି ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରଠୁ ୪ କି.ମି. ଦୂରରେ କରୋନା ପରୀକ୍ଷା

## ଭଡ଼ା ରହୁଥିବା ଲୋକଙ୍କୁ ପରୀକ୍ଷା ମନା

କଳିଙ୍ଗନଗର,୬ା୬(ଡି.ଏନ.ଏ.)

ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ୟାସନଗର ପୌରାଞ୍ଚଳ ସମେତ ଆଖପାଖ ପଞ୍ଚାୟତ, କଳିଙ୍ଗନଗର ଶିଳ୍ପାଞ୍ଚଳ, ବାହାରୁ ଆସି ଚାକିରି ଏଠାରେ କରିଥିବା ଏବଂ ବ୍ୟବସାୟ କରୁଥିବା ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି। ତେବେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଏବଂ ପୌର ପ୍ରଶାସନର ଅଜବ ନିୟମ ଏବେ ଲୋକଙ୍କୁ ଅସୁବିଧାରେ ପକାଉଛି। ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଟୁଇଟର ଆକାଉଣ୍ଟରେ ଯାଜପୁରରେ କରୋନା ଟେଷ୍ଟିଂ ସ୍ଥାନ ସମ୍ପର୍କରେ ବିସ୍ତୃତଭାବେ ସୂଚନା ଦିଆଯାଇଛି। ମାତ୍ର ବ୍ୟାସନଗର ପ୍ରଶାସନ ଏବଂ ଯାଜପୁର ରୋଡ୍ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଅବଜ୍ଞା କରି ଚାଲିଛନ୍ତି। ବ୍ୟାସନଗର ସହରର ୩ ସ୍ଥାନ ଯଥା: ଫନିପାଲ ସ୍କୁଲ, ରାଜୀବ ଗାନ୍ଧୀ ଷ୍ଟାଡିୟମ ଏବଂ ବ୍ୟାସନଗର ହାଇସ୍କୁଲରେ କରୋନା ଟେଷ୍ଟିଂ ସେଣ୍ଟର ରହିଥିବା ସରକାରୀ ଭାବେ ଅନ୍‌ଲାଇନ୍‌ରେ ତଥ୍ୟ ପ୍ରଦାନ କରାଯାଇଛି। କିନ୍ତୁ ବାସ୍ତବରେ ଏଠାରେ କେବଳ ବ୍ୟାସନଗର ହାଇସ୍କୁଲରେ ଟେଷ୍ଟିଂ କରାଯାଉଛି। ଯାହାକି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୪ କି.ମି. ଦୂରରେ ଅବସ୍ଥିତ। ଏଠାରେ ଟେଷ୍ଟିଂ କରି ରୋଗୀଙ୍କୁ ପୁଣି ଡାକ୍ତରଖାନା ପର୍ଯ୍ୟନ୍ତ ଆସିବାକୁ ପଡୁଛି। ଏହାଦ୍ୱାରା ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଯଦି ଏହି ରୋଗୀ ବ୍ୟାସନଗର ପୌରାଞ୍ଚଳର ନ ହୋଇ ସହରରେ ଭଡ଼ା ରହୁଥାନ୍ତି ତେବେ ତାଙ୍କୁ କୋଭିଡ୍ ଟେଷ୍ଟ କରିବାକୁ ମନା କରାଯାଉଛି। ଘର ମାଲିକଙ୍କଠାରୁ ପ୍ରମାଣପତ୍ର ମଗାଯାଉଛି। ଏପରି କି ପରୀକ୍ଷା ଲାଗି କେତେଜଣ କର୍ମଚାରୀଙ୍କୁ ହାତଗୁଞ୍ଜା ମଧ ଦେବାକୁ ପଡୁଛି। ଯଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ଫନିପାଲ ସ୍କୁଲରେ ଟେଷ୍ଟିଂ କରାଯାଆନ୍ତା ତେବେ ଅନେକ ଲୋକ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ସୁଧାଂଶୁ ବଳ କହିଛନ୍ତି, ସମସ୍ୟା ସମ୍ପର୍କରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ସମସ୍ୟାର ସମାଧାନ କରାଯାଉଛି।




ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ମୃତ ଆଇନଜୀବୀଙ୍କ ପରିବାରକୁ ସହାୟତା

ଚଣ୍ଡିଖୋଲ,୬ା୬(ଡି.ଏନ.ଏ.)

ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ବରିଷ୍ଠ ସଭ୍ୟ ଟିକମ କୁମାର ପ୍ରହରାଜଙ୍କ ବିୟୋଗରେ କୋର୍ଟ ବାର ଆସୋସିଏସନ ପକ୍ଷରୁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଭିଡିଓ କନଫେରନ୍ସ ମାଧ୍ୟମରେ କୋର୍ଟ ପରିସରରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ବାର ଆସୋସିଏଶନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚଣ୍ଡିଖୋଲ କୋର୍ଟର ବରିଷ୍ଠ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଓ କନିଷ୍ଠ ବିଚାରପତି ସୌମ୍ୟରଞ୍ଜନ ପୃଷ୍ଟିଙ୍କ ସମେତ ସମ୍ପାଦକ ପ୍ରାକାଶ କୁମାର ଦାଶ, ଉପସଭାପତି ଶ୍ରୀକାନ୍ତ କୁମାର ବଳ, ଯୁଗ୍ମ ସମ୍ପାଦକ ସୁର୍ଦଶନ ଘଡ଼ାଇ, କୋଷାଧ୍ୟକ୍ଷ ଚିନ୍ମୟ କୁମାର ପ୍ରତାପ, କାର୍ଯ୍ୟକାରୀ କମିଟି ସଭ୍ୟ ଶ୍ୟାମ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

କଳିଙ୍ଗନଗର,୬ା୬(ଡି.ଏନ.ଏ.)

ଦାନଗଦି ବ୍ଲକ ଓଲ୍ହଳ ପଞ୍ଚାୟତ ରାମ୍ପିଲୋ ଗାଁ ମଧରେ ଓ ରାସ୍ତା କଡ଼ରେ ମୁନ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବ୍ୟାପକ ଚାରାରୋପଣ କରାଯାଇଛି। ଫାଉଣ୍ଡେଶନର ଆଲୋକ ଜେନା, ବିଶ୍ୱଜିତ ସିଂ, ଜିତେନ୍ଦ୍ର ଜେନା, ବିକାଶ ଜେନା, ସପନ ଜେନା, ଅନୁଭବ ଜେନା, ଆଜାଦ ଜେନା, ସମୀର ଜେନା ସିଦ୍ଧାନ୍ତ ଜେନା ପ୍ରମୁଖ ଯୋଗଦେଇ ଆମ୍ବ, ପିଜୁଳି ଓ କଦମ୍ବ ଗଛ ଆଦି ଲଗାଇଥିଲେ।

## ରଜ କୁଇନ୍ ପ୍ରତିଯୋଗିତା ପାଇଁ ୧୦୦ଜଣ ଚୟନ

ଧର୍ମଶାଳା,୬ା୬(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ହେବାକୁ ଥିବା ରଜ କୁଇନ ପ୍ରତିଯୋଗିତା ପାଇଁ ୧୦୦ଜଣ ବାଳିକାଙ୍କୁ ଚୟନ କରାଯାଇଛି। ରଜ କୁଇନ ପ୍ରତିଯୋଗିତାରେ ଯୋଗ୍ୟତା ହାସଲ ପାଇଁ ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତରୁ ୧୨୩୪ ପ୍ରତିଯୋଗୀ ଭାଗ ନେଇଥିଲେ। ନୃତ୍ୟ, ଗୀତ, ର୍‍ୟାମ୍ପଶୋ ଓ ତର୍କ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଚୟନ ହୋଇଥିବା ପ୍ରତିଯୋଗୀଙ୍କ ତାଲିକା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ଫେସବୁକ୍ ପେଜରେ ପ୍ରକାଶ ପାଇଛି। ୧୦୦ ପ୍ରତିଯୋଗୀଙ୍କୁ ନେଇ ଦ୍ୱିତୀୟ ରାଉଣ୍ଡ ପ୍ରତିଯୋଗିତା ହେବ। ସେଥିରୁ ୩୦ଜଣଙ୍କୁ ଚୟନ କରାଯିବ। ଏହି ପ୍ରତିଯୋଗୀମାନେ କେବଳ ୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏମାନଙ୍କ ମଧ୍ୟରୁ ରଜ କୁଇନର ବିଜେତା ଘୋଷଣା କରାଯିବା ସହ ଚୟନ ହୋଇଥିବା ୧୦୦ ବାଳିକାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ପରାମର୍ଶକ୍ରମେ କାର୍ଯ୍ୟକ୍ରମକୁ ବିଜେଡି ଗାଲର୍ସ ୱିଙ୍ଗ ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲିକ, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ଜିଲା ବିଜେଡି ଉପସଭାପତି ସୁବ୍ରତ ଧଳ, ଅନୀତା ବେହେରା, ସ୍ମୃତିରେଖା ବେହେରା, ସାଇନା ଖାତୁନ୍, ସୁଜାତା ଦାସ, ମଧୁସ୍ମିତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ବିଚାରକ ଭାବେ ଯୁବ ବିଜେଡି ରାଜ୍ୟ ସମ୍ପାଦକ ତାରିଣୀ ପ୍ରସାଦ ନାୟକ, ସମ୍ପାଦିକା ସୋନାଲୀ ପ୍ରିୟଦର୍ଶନୀ, ମଡେଲର ଲିପସା ପାଢ଼ୀ ଯୋଗ ଦେଇଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ମିଳିତ ସ୍କ୍ୱାଡ୍‌ର ଚଢ଼ାଉ: ଫଳ ଶୂନ

ଚଣ୍ଡିଖୋଲ,୬ା୬(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ସଂଲଗ୍ନ ଧାଉଡ଼ିଆପଦା ପାହାଡ଼ରେ ବ୍ୟାପକଭାବେ ବେଆଇନ ଖନନ ଚାଲିଛି। ଗତ କିଛିଦିନ ତଳେ ଦର୍ପଣ ତହସିଲଦାର ଏହି ପାହାଡ଼ରେ ଚଢାଉକରି ଦୁଇ ଟ୍ରକ୍ ଜବତ କରିଥିଲେ। ପୁନର୍ବାର ତହସିଲଦାରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଶନିବାର ସମ୍ପୃକ୍ତ ପାହାଡ଼ରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ଟ୍ରକ୍ ମାଲିକମାନେ ସେମାନଙ୍କ ଟ୍ରକ୍ ଘଟଣାସ୍ଥଳରୁ ଫେରାର କରି ଦେଇଥିଲେ। ଫଳରେ ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ଖାଲିହାତରେ ଫେରିବାକୁ ପଡ଼ିଥିଲା। ଚଢ଼ାଉରେ ତହସିଲଦାର୍‌ଙ୍କ ସମେତ ଚଣ୍ଡିଖୋଲ ବନବିଭାଗ, ବାଲିଚନ୍ଦ୍ରପୁର ପୋଲିସ ସାମିଲ ହୋଇଥିଲେ। ଏହାପରେ ସମସ୍ତ ଅଧିକାରୀମାନେ ଧାଉଡ଼ିଆପଦା ଗ୍ରାମକୁ ଯାଇ ଯେଉଁମାନଙ୍କ ଟ୍ରକ୍ ଅଛି ସେମାନଙ୍କୁ ତାଗିଦ୍ କରିଥିଲେ। ଭବିଷ୍ୟତରେ ବେଆଇନ ଖନନ କଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ଚେତାବନୀ ଦିଆଯାଇଥିବା ତହସିଲଦାର ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ପାଚେରି ସୀମାକଡ଼ରୁ ବେଆଇନ ଖନନ କରି ବ୍ୟାପକ ମୋରମ୍ ଚାଲାଣ କରାଯାଉଛି। ଯେଉଁଥି ପାଇଁ ଉଦୟଗିରିର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏପରି କି ସେଠାରେ ଥିବା ସବୁଜ ବନାନୀକୁ କାଟି ପାହାଡ଼ ମାଫିଆମାନେ ଧ୍ୱଂସ କରିସାରିଲେଣି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।



ଧାଉଡ଼ିଆପଦା ପାହାଡ଼ରେ ବେଆଇନ ଖନନ ଚାଲିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ଆଧାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ୍ୟ ଗଭୀର ହେବ। —ଶ୍ରୀଅରବିନ୍ଦ



# ଯୁବବର୍ଗ ନା ବରିଷ୍ଠ

ଗତ ସପ୍ତାହରେ ବିଶ୍ୱର ଦୁଇ ଲୋକସଂଖ୍ୟା ବହୁଳ ରାଷ୍ଟ୍ର ଚାଇନା ଓ ଭାରତରେ ପୃଥକ୍ ଘଟଣା ଦେଖିବାକୁ ମିଳିଛି। ଯୁବସଂଖ୍ୟା କମିଯାଉଥିବାରୁ ପରିବାର ପିଛା ୩ ସନ୍ତାନ ନୀତି ପ୍ରଣୟନ କରିଛି ଚାଇନା। ବୟସ୍କଙ୍କ ସଂଖ୍ୟା ବଢ଼ିଯାଉଥିବାରୁ ଦେଶକୁ ଆଗକୁ ନେବାକୁ ହେଲେ ଏପରି ପଦକ୍ଷେପର ଯଥେଷ୍ଟ ଆବଶ୍ୟକତା ରହିଥିବା ସରକାରୀ ଭାବେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏକ ସନ୍ତାନ ନୀତି କରିଥିବା ଚାଇନା ୨୦୧୬ରେ ତାହାକୁ ଉଚ୍ଛେଦ କରି ଦୁଇ ସନ୍ତାନ ନୀତି ଆଣିଥିଲା। ଏବେ ସମୟର ଆବଶ୍ୟକତାକୁ ଦେଖି ବେଜିଂ ଯେଉଁ ନିଷ୍ପତ୍ତି ନେଇଛି ତାହା ସାଧାରଣରେ ଗ୍ରହଣୀୟ ହୋଇପାରି ନାହିଁ। ସନ୍ତାନ ଜନ୍ମ କଲେ ସେମାନଙ୍କ ଲାଳନପାଳନଠାରୁ ଆରମ୍ଭକରି ରୋଜଗାରକ୍ଷମ କରାଇବା କଷ୍ଟକର ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆହୁରି ଅନେକେ ଯୁକ୍ତି ବାଢ଼ୁଛନ୍ତି ଯେ ଶସ୍ତା ଶ୍ରମଶକ୍ତି ସୃଷ୍ଟି କରି ଚାଇନା ବିଶ୍ୱବଜାରକୁ ଯେଭଳି ପୂର୍ବରୁ ଅକ୍ତିଆର କରି ରଖିଥିଲା, ଏବେ ଯୁବବର୍ଗଙ୍କ ସଂଖ୍ୟା କମିଯାଇଥିବାରୁ ଏହା ବହୁ ପଛରେ ପଡ଼ିଯିବ। ଅଧିକ ପିଲା ଜନ୍ମ ହେଲେ ପୂର୍ବବର୍ଷଗୁଡ଼ିକରେ କମ୍ ସନ୍ତାନ ନୀତି ଯୋଗୁ ଯେଉଁ ଶ୍ରମଶକ୍ତିର ଅଭାବ ଦେଖାଦେଇଛି, ତାହା ପୂରଣ ହୋଇପାରିବ। ଏହି ଯୁକ୍ତିରେ ଏବେକାର ୩ ସନ୍ତାନ ନୀତି ଗ୍ରହଣୀୟ ହୋଇପାରେ। ଏପଟେ ଭାରତ ଜନସଂଖ୍ୟାକୁ ନେଇ ସେଭଳି କିଛି କଠୋର ନୀତି କରି ନ ଥିଲେ ମଧ୍ୟ କୋଭିଡ୍-୧୯ର ପ୍ରତିକାର ଲାଗି ଟିକା ନୀତିରେ ଗଡ଼ବଡ଼ ଦେଖାଦେଇଥିବାରୁ ତାହା ଆଲୋଚନାର ବିଷୟ ପାଲଟିଛି।

ସରକାରଙ୍କ କହିବା ଅନୁଯାୟୀ, ୧୩୫ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ଦେଶ ଭାରତରେ ଅଦ୍ୟାବଧି ୨୨ କୋଟିରୁ କିଛି ଅଧିକ ଲୋକ ଟିକା ନେବାରେ ସକ୍ଷମ ହୋଇଛନ୍ତି। ଅର୍ଥାତ୍ ସରକାରୀ ହିସାବରେ ସମୁଦାୟ ଜନସଂଖ୍ୟାର ମାତ୍ର ୧୬ ପ୍ରତିଶତ ଲୋକଙ୍କୁ ଏହି ସୁବିଧା ମିଳିପାରିଛି। ପ୍ରଥମେ କେନ୍ଦ୍ର ସରକାର ଘୋଷଣା କଲେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବ। ତା' ପରେ କୁହାଗଲା ୪୫ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ଟିକାର ସୁଯୋଗ ମିଳିବ। ଏହି ବର୍ଗର ସମସ୍ତଙ୍କୁ ଟିକାକରଣ କରାଯାଇ ନ ଥିବା ବେଳେ ୧୮ରୁ ୪୪ ବର୍ଷଙ୍କ ଲାଗି ଦିନ ଘୋଷଣା କରିଦିଆଗଲା। ଚାହିଦା ଅନୁଯାୟୀ ଟିକା ଉତ୍ପାଦନ ହୋଇପାରୁ ନ ଥିବାରୁ ଟିକାକରଣ ପ୍ରକ୍ରିୟା ଘୋର ବାଧାପ୍ରାପ୍ତ ହୋଇଛି। ଦେଶର ପ୍ରତ୍ୟେକ ଭାଗରେ ଅସନ୍ତୋଷ ଦେଖାଦେଇଛି। ଫଳରେ କେନ୍ଦ୍ର ସରକାରଙ୍କ ଟିକା ନୀତିକୁ ସବୁଆଡୁ ସମାଲୋଚନା କରାଯାଉଛି। ଗତ ସପ୍ତାହରେ ଦିଲ୍ଲୀ ହାଇକୋର୍ଟ ଏହି ଘଟଣାରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ବିଚାରପତି ବିପିନ୍ ସାଙ୍ଘି ତାଙ୍କ ମତ ରଖିଲା ବେଳେ ଦେଇଥିବା ମନ୍ତବ୍ୟକୁ ନେଇ ଅବଶ୍ୟ ଏବେ ଅନେକାଂଶରେ ପ୍ରଶ୍ନ ଉଠିଛି। ଯୁବବର୍ଗଙ୍କ ଅପେକ୍ଷା ବରିଷ୍ଠ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବାରେ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ୮୦ ବର୍ଷୀୟ ବ୍ୟକ୍ତି ଏ ଦେଶକୁ ଆଉ ଆଗକୁ ନେଇପାରିବେ ନାହିଁ। ସେମାନେ ଜୀବନକୁ ନେଇ ଢେର ବଞ୍ଚିଗଲେଣି। ତେଣୁ ସରକାର ଯୁବବର୍ଗଙ୍କ ଉପରେ ଗୁରୁତ୍ୱ ଦେବା ଦରକାର। ବିଚାରପତିଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଯୁକ୍ତିସଂଗତ ହୋଇପାରି ନାହିଁ। ଏହା ସମସ୍ତେ ଜାଣନ୍ତି ଯେ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ପିଲାମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବା ଉଚିତ। କିନ୍ତୁ ଏହା ସତ୍ୟ ଯେ ଆଜି ଭାରତ ଯେଉଁ ଅବସ୍ଥାରେ ପହଞ୍ଚିଛି, ସେଥିରେ ବରିଷ୍ଠଙ୍କ ଯୋଗଦାନର ମହତ୍ତ୍ୱ ରହିଛି। ଏହି ବର୍ଗଙ୍କୁ ଅଣଦେଖା କରିବା ଠିକ୍ ନୁହେଁ। ବିଶ୍ୱର ବହୁ ବିକଶିତ ରାଷ୍ଟ୍ର ସେମାନଙ୍କ ବରିଷ୍ଠ ବର୍ଗଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେଇଛି। ଭାରତରେ ଯଦି କୁହାଯିବ ଯୁବବର୍ଗଙ୍କୁ ଗୁରୁତ୍ୱ ଦିଆଯିବାର ଥିଲା, ତାହା ହେଲେ କିଶୋର ବର୍ଗ ସବୁଠାରୁ ଆଗ ଟିକା ପାଇବା କଥା। ଏଠାରେ ଆଲୋଚନା କରାଯିବା ଦରକାର ଯେ, କେନ୍ଦ୍ର ସରକାରଙ୍କ ଟିକା ନୀତିରେ ସ୍ୱଚ୍ଛତା ରହୁ ନ ଥିବାରୁ ସବୁକିଛି ଗଡ଼ବଡ଼ ହୋଇଯାଇଛି। ସରକାରଙ୍କ ଚିନ୍ତାଧାରା 'ସମସ୍ତଙ୍କ ପାଇଁ ଟିକାକରଣ' ଉପରେ କେନ୍ଦ୍ରିତ ହେବାର ଥିଲା।

ଭାରତରେ ନୀତି ଓ ଏହାର କାର୍ଯ୍ୟକାରିତାରେ ଭିନ୍ନତା ପରିଲକ୍ଷିତ ହେଉଥିବାରୁ ଯେକୌଣସି କାର୍ଯ୍ୟକ୍ରମ ବା ଅଭିଯାନ ବିଫଳ ହୋଇଯାଉଛି। 'ଏକ ଦେଶ ଏକ ଦୃଢ଼ ନେତୃତ୍ୱ' ବିଷୟରେ ଏଠାରେ ଯେତିକି କସରତ କରାଯାଉଛି, ସମପରିମାଣର ପ୍ରାଧାନ୍ୟ ନୀତି କାର୍ଯ୍ୟକାରିତା ଉପରେ ଦିଆଗଲେ ତାହା ଉତ୍ତମ ଫଳାଫଳ ଦେଇପାରନ୍ତା। ଏହି ଦୃଷ୍ଟିରୁ ଦେଖିଲେ ଚାଇନାର ନୀତି ସ୍ୱଚ୍ଛ ରହିବା ସହିତ ସେଠାକାର ଅମଲାତନ୍ତ୍ରୀ ମଧ୍ୟ ନୀତିକୁ କାର୍ଯ୍ୟକାରୀ କରିବାରେ ଅତ୍ୟନ୍ତ ତତ୍ପର। ଅବସୋସର ବିଷୟ ହେଉଛି, ଭାରତର ସରକାରୀ କର୍ମଚାରୀଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭିନ୍ନ। ଚାଇନା ଦେଖିଲା ତା'ର ଯୁବଶକ୍ତି କମିଯାଉଥିବାରୁ ବିକଳ୍ପ ବାହାର କରାଯିବା ଉଚିତ। କିନ୍ତୁ ବରିଷ୍ଠଙ୍କୁ ହତାଦର କରିନାହିଁ। ହେଲେ ଭାରତରେ କେଉଁଭଳି ଓ କିପରି ଭାବେ ଲୋକଙ୍କୁ ସନ୍ତୁଷ୍ଟ କରାଯାଇପାରିଲେ, କ୍ଷମତା ଜାବୁଡ଼ି ହେବ ତାହା ରାଜନେତାଙ୍କ ମୁଖ୍ୟ ଚିନ୍ତାର ବିଷୟ ହୋଇଥିବା ବେଳେ ସରକାରୀ କଳର ଜନବିରୋଧୀ ଆଭିମୁଖ୍ୟ ଆଜିର ଏହି ପାଣ୍ଡେମିକ୍ ସମୟରେ ସ୍ପଷ୍ଟ ବୁଝାପଡୁଛି।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୧ :** ପ୍ରତିଷ୍ଠିତ ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକଙ୍କ ପରଲୋକ।
➢ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ବାତିଲ।
**ଜୁନ୍ ୨:** ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପରଲୋକ।
➢ଟିକାନୀତି ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ବୋଲି ସୁପ୍ରିମ୍‌କୋର୍ଟ ଭର୍ତ୍ସନା କରିଛନ୍ତି।
➢୨୦୨୦ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ରେଳଧାରଣାରେ ୮,୭୦୦ ଜୀବନ ଯାଇଛି।
**ଜୁନ୍ ୩:** ଶିକ୍ଷା ଉଦ୍ୟୋଗୀ ବିଜୟ ସାହୁଙ୍କ ପରଲୋକ।
➢ଫ୍ରାନ୍ସର ବିଶିଷ୍ଟ ସାହିତ୍ୟିକ ଡେଭିଡ୍ ଡିଓପ୍‌ଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର।
➢ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଲା।
**ଜୁନ୍ ୪:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିଛନ୍ତି।
**ଜୁନ୍ ୫ :** ଲୋକପ୍ରିୟ ସମ୍ବଲପୁରୀ ଫିଲ୍ମ 'ଶଲାବୁଢ଼ା' ଫେମ୍ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା ଡ. ଅଟଳ ବିହାରୀ ପଣ୍ଡାଙ୍କ ପରଲୋକ।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | 6 |
| | 1 | | 5 | 9 | | | | |
| 3 | | | | 2 | | | | |
| | | | | | | | | |
| | | | 9 | 5 | 1 | 2 | | |
| | 8 | | 2 | | 6 | | | 5 |
| 6 | | | | 4 | | | 3 | |
| 9 | 5 | | | | | | 4 | |
| | 3 | | | 1 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 8 | 6 | 2 | 5 | 4 | 7 | 1 |
| 7 | 6 | 4 | 8 | 9 | 1 | 3 | 5 | 2 |
| 5 | 1 | 2 | 3 | 4 | 7 | 6 | 8 | 9 |
| 4 | 8 | 3 | 9 | 7 | 2 | 5 | 1 | 6 |
| 2 | 7 | 1 | 5 | 3 | 6 | 9 | 4 | 8 |
| 6 | 9 | 5 | 1 | 8 | 4 | 2 | 3 | 7 |
| 3 | 4 | 6 | 2 | 1 | 8 | 7 | 9 | 5 |
| 8 | 2 | 9 | 7 | 5 | 3 | 1 | 6 | 4 |
| 1 | 5 | 7 | 4 | 6 | 9 | 8 | 2 | 3 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ଅସ୍ଥି କଳସର ଦୁଃଖ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କାଲିଯାଏ ସୁଖଦୁଃଖର ଦୁନିଆରେ ବଞ୍ଚିଥିବା ଲୋକଟିର ଶରୀର ଆଜି ଜୁଇ ନିଆଁରେ ଭସ୍ମୀଭୂତ ହୋଇ ମୁଠାଏ ପାଉଁଶ ଓ କେଇଖଣ୍ଡ ଅସ୍ଥିରେ ପରିଣତ ହୋଇଗଲା ପରେ ତା'ର ପୁଣି ଗୋଟାଏ ଦୁଃଖ କ'ଣ ଯେ! କରୋନା ମହାସଂହାରର ଶିକାର ହୋଇ କାଳରେ ହେଉ କି ଅକାଳରେ ସଂସାର ଛାଡ଼ିଥିବା ଲୋକଟି ବରଂ ଖୁସି ହେବା କଥା ଯେ ତା' ଭାଗ୍ୟକୁ ତାକୁ ନିଆଁ ଟିକିଏ ମିଳିଛି। ଅନ୍ୟ ହତଭାଗ୍ୟମାନଙ୍କ ପରି ତା' ମୃତ ଶରୀରକୁ ନଦୀଗର୍ଭରେ ଫିଙ୍ଗିଦିଆଯାଇ ନାହିଁ କି ହସ୍ପିଟାଲ ପଛପଟ ନର୍ଦ୍ଦମା ଡ୍ରେନରେ ଫୋପାଡ଼ି ଦିଆଯାଇ ନାହିଁ! ପୁଣି ସେ ମହାମାରୀ କରୋନାରେ ମରିଥିବା ଭଳି ପାପ କରିଥିବା ପଡ଼ୋଶୀ ବା ଆତ୍ମୀୟସ୍ୱଜନ ଶ୍ମଶାନରେ ତା'ର ଶବ ସତ୍କାର କରିବାକୁ ଅସ୍ୱୀକାର କରିବାରୁ ସାଇକେଲ ବା ଟ୍ରଲିରିକ୍ସାରେ ବୁହାହୋଇ ଶ୍ମଶାନ ଆସିନାହିଁ କି ଜେସିବି ମେଶିନର ଲୌହଦାନବ ଦ୍ୱାରା ବିରାଟ ଗର୍ତ୍ତ ମଧ୍ୟରେ ନିପତିତ ହୋଇନାହିଁ! ଅହୋଭାଗ୍ୟ ତାହାର ଯେ ତାକୁ ଦାହ କରାଯାଇଛି!

କରୋନାର ଦ୍ୱିତୀୟ ଲହରର ବିଭୀଷିକା ପ୍ରଥମ ଲହରଠୁଁ ଯେ କେତେ ଭୟଙ୍କର, ତାହା ଏବେ ନିତିଦିନ ଆମ ଆଖିରେ ପଡୁଛି। କେଉଁଠି ପନ୍ଦର ଦିନ ମଧ୍ୟରେ ପରିବାରର ସବୁ ମହିଳାଙ୍କୁ ଦାରୁଣ ବୈଧବ୍ୟ ଭୋଗିବାକୁ ଠେଲିଦେଇ ବାପା ଓ ତାଙ୍କର ଦୁଇ ପୁଅ ଆଖିବୁଜି ଦେଲେଣି ତ ଅନ୍ୟ କେଉଁଠି ସଂସାରକୁ ଭଲକରି ଚିହ୍ନି ନ ଥିବା କୁନି କୁନି ଶିଶୁମାନଙ୍କୁ ଅନାଥ କରି ବାପା ମା' ଦୁହେଁ ସଂସାର ଛାଡ଼ିଲେଣି। ବଡ଼ ଅବ୍ୟକ୍ତ ଏ ବେଦନା! ବଡ଼ ଅସହ୍ୟ ଏ ଦୁଃଖ! କରୋନାର ଏହି ଭୟଙ୍କର ରୂପକୁ ନିଜ ମାନସଚକ୍ଷୁରେ ପ୍ରତ୍ୟକ୍ଷ କରି ପ୍ରଥମ ଲହରର ଶେଷ ଆଡ଼କୁ ଜଣେ ବିଶେଷଜ୍ଞ ଚେତାବନୀ ଶୁଣାଇ କହିଥିଲେ, ''କରୋନା ଜୀବନର ସଂଜ୍ଞା ବଦଳାଇ ଦେବା ସହିତ ବଦଳାଇଦେବ ସମ୍ପର୍କର ପରିଭାଷା।'' ପ୍ରକୃତରେ କେଡ଼େ ଅର୍ଥପୂର୍ଣ୍ଣ ଭବିଷ୍ୟବାଣୀଟିଏ କରି ନ ଥିଲେ ସେଇ ମହାଶୟ। କରୋନାଠୁ ଦୂରେଇ ରହିବା ପାଇଁ ତୁହାକୁ ତୁହା କର୍ଣ୍ଣପଟରେ ପ୍ରତିଧ୍ୱନିତ ହେଉଥିବା ସାମାଜିକ ଦୂରତାର ଆହ୍ୱାନଠାରୁ ବଳିଯାଉଛି କରୋନା ପରର ବଢ଼ି ବଢ଼ି ଯାଉଥିବା ବ୍ୟକ୍ତିଗତ ଦୂରତାର ଅଚିନ୍ତନୀୟ ବେଦନା।

ଥରେ କରୋନା ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଲାପରେ କେହି କାହାର ଖବର ରଖିପାରୁ ନାହାନ୍ତି। ଭାଗ୍ୟ ସଳଖ ଥିଲେ ନିଜ ହାତରେ ନିଜ ପରିବାରଟିକୁ ଗଢ଼ିଥିବା ଲୋକଟି କେଇଦିନର ଚିକିତ୍ସା ପରେ ପୁଣି ତା' ପରିବାର ଭିତରକୁ ଫେରିଆସୁଛି। ମାତ୍ର ଯେଉଁ ହତଭାଗ୍ୟମାନେ ଏହି ସୌଭାଗ୍ୟରୁ ବଞ୍ଚିତ, ସେମାନଙ୍କ ମୃତ ଶରୀର ସିଧା ଯାଉଛି ହସ୍ପିଟାଲରୁ ଶ୍ମଶାନ। ନିଜ ପୁଅ ନାତିଙ୍କ ଚାରିକାନ୍ଧରେ ଶେଷଯାତ୍ରା କରିବାର ସ୍ୱପ୍ନ ଦେଖିଥିବା ମଣିଷଟି ମରିଗଲା ପରେ ସେମାନଙ୍କ ପାଇଁ ଅସ୍ପୃଶ୍ୟ ହୋଇପଡୁଛି। ତା' ଶବାଧାର ଉପରେ ଫୁଲଟିଏ ପଡୁନାହିଁ କି ଶବଦାହ ପୂର୍ବରୁ ଶୁଭୁନାହିଁ ବୈଦିକ ରୀତିମତେ ବ୍ରାହ୍ମଣର ମନ୍ତ୍ରପାଠ। ବାସ୍, କେବଳ ସରକାରୀ ଯୋଜନା ଅନୁସାରେ ସରକାରୀ ଅଧିକାରୀଙ୍କ ଦ୍ୱାରା ସମ୍ପନ୍ନ ହେଉଛି ତା'ର ଆନୁଷ୍ଠାନିକ ଶେଷଗତି। ଯେ କରୋନା ରାକ୍ଷସ କେତେ ନିର୍ଦ୍ଦୟ, ନିଷ୍ଠୁର ସତେ।

କରୋନାର ନିଷ୍ଠୁରତାଠୁ ବଳିଯାଉଛି କେତେକ କ୍ଷେତ୍ରରେ ସରକାରୀ ଅଧିକାରୀମାନଙ୍କ ଅବିମୃଶ୍ୟକାରୀ କାର୍ଯ୍ୟ ସଂସ୍କୃତି। କେଉଁଠି ଆଦୌ ହସ୍ପିଟାଲ ନ ଯାଇ ପଜିଟିଭ୍ ଚିହ୍ନଟ ପରେ ନିଜ ଘରେ ନିଃସଙ୍ଗବାସରେ ଥିବା ପୀଡ଼ିତଙ୍କ ପାଖକୁ କରୋନା ପରିଚାଳନା କରୁଥିବା ସରକାରୀ ଦପ୍ତରରୁ ଚିକିତ୍ସା କିପରି ଚାଲିଛି ବୋଲି ଜିଜ୍ଞାସା ପ୍ରକରର ବାର୍ତ୍ତା ଆସୁଥିଲାବେଳେ ଅଧିକାରୀ ଜଣକ ଏ କଥା କହି ଚମକାଇ ଦେଉଛନ୍ତି ଯେ ରେକର୍ଡ କହୁଛି ପୀଡ଼ିତ ଏବେ ନିଜ ଘରେ ନୁହେଁ, ହସ୍ପିଟାଲରେ ଅଛନ୍ତି। ପୁଣି ଆକ୍ରାନ୍ତଙ୍କ ମୃତ୍ୟୁର ଦଶାହ ପାଳନରେ ବ୍ୟସ୍ତ ଥିବା ପୁଅଙ୍କ ପାଖକୁ ବାପାଙ୍କ ସ୍ୱାସ୍ଥ୍ୟ କିପରି ଅଛି ବୋଲି ଟେଲିଫୋନ ଆସୁଛି, ସେମିତି ଆଉ ଏକ ଦପ୍ତରରୁ। ଟିଭି ପରଦାରେ ଦେଖିବାକୁ ମିଳୁଛି କୋଟି କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ଭାବେ ନିର୍ମିତ କୋଭିଡ୍ ହସ୍ପିଟାଲର ପାଇଖାନା ଭିତରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଶୋଇ ରହିଥିବା ରୋଗୀର ହୃଦୟ ବିଦାରକ ଦୃଶ୍ୟ। କୋଭିଡ୍ ପରିଚାଳନାର ଏ ସମସ୍ତ ଅବ୍ୟବସ୍ଥା ସତ୍ତ୍ୱେ ତଥାପି କିଛି କର୍ତ୍ତବ୍ୟନିଷ୍ଠ କରୋନା ଯୋଦ୍ଧା ଦେବତାଙ୍କ ଭଳି ଆବିର୍ଭୂତ ହେଉଛନ୍ତି କେଉଁଠି ନିଜ ଦୁଇବର୍ଷର ଶିଶୁପୁତ୍ରକୁ ଘରେ ଛାଡ଼ି ରୋଗୀ ସେବାରେ ନିୟୋଜିତ ଥିବା ନର୍ସ ରୂପରେ ତ ଅନ୍ୟ କେଉଁଠି ଆଠମାସର ଗର୍ଭବତୀ ପୋଲିସ କନ୍‌ଷ୍ଟେବଲ ରୂପରେ। ପୁଣି କେଉଁଠି ନିଜ ସହକର୍ମୀ ଡାକ୍ତରଙ୍କ କରୋନାରେ ଅକାଳ ବିୟୋଗ ପରେ ତଥାପି ନିଜ ନିରାପତ୍ତାକୁ ପଛରେ ପକାଇ ରୋଗୀସେବାରେ ଲାଗିଥିବା ଡାକ୍ତରଙ୍କ ରୂପରେ ତ ଆଉ କେଉଁଠି କରୋନା ମୃତକଙ୍କ ଶବ ସତ୍କାର କରିବାକୁ ଜ୍ଞାତିପରିଜନ ଅସ୍ୱୀକାର କରିବା ପରେ ନିଜେ ପି.ପି.ଇ. କିଟ୍ ପିନ୍ଧି ଶବଦାହ କରୁଥିବା ତହସିଲଦାରଙ୍କ ରୂପରେ। ତେବେ ସେ ଯାହା ହେଉ, ଶାସନ ପରିଚାଳନା କରୁଥିବା ସରକାର କରୋନାର ଉଦ୍ଦଣ୍ଡ ଉତ୍ପାତ ମଧ୍ୟରେ ଦିଗହରା ହୋଇ କେତେ ଭୁଲ୍ ବା ଠିକ୍ କରୁଛନ୍ତି, ତାହା ଏକ ଭିନ୍ନ ସମୀକ୍ଷାର ବିଷୟ। ମାତ୍ର ଯେତେବେଳେ କରୋନାର ବିଷାକ୍ତ ପଞ୍ଝା ମଧ୍ୟରେ ସଂସ୍କାରଗତ ସମ୍ପର୍କ ଓ ମାନବୀୟ ସଂସ୍କୃତି ବିପନ୍ନ ହୋଇପଡ଼େ, ସେତେବେଳେ ଲାଗେ କରୋନା କେବଳ ମଣିଷକୁ ମାରୁ ନାହିଁ, ମଣିଷତ୍ୱକୁ ବି ମାରି ଚାଲିଛି ବାରମ୍ବାର। ଖବର ପ୍ରକାଶ ପାଇଛି, ଉତ୍ତରପ୍ରଦେଶର ବଳରାମପୁର ନିକଟରେ ଏକ ନଦୀ ପୋଲ ଉପରୁ ଜଣେ କରୋନା ମୃତକଙ୍କ ଶବକୁ ନଦୀ ଗର୍ଭକୁ ଫିଙ୍ଗୁଥିବା ଜଣେ ଯୁବକ ପୋଲିସ ହାତରେ ଧରାପଡ଼ିଛି ଏବଂ ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଏହା ଯେ ନିଜେ କରୋନା ଆକ୍ରାନ୍ତ ହେବା ଭୟରେ ଦାହ ସଂସ୍କାର ପରିବର୍ତ୍ତେ ଶବକୁ ନଦୀରେ ଫିଙ୍ଗି ଚୁପଚାପ ଚାଲିଯାଉଥିବା ଯୁବକଟି ହେଉଛି ସେହି ହତଭାଗ୍ୟ ମୃତକଙ୍କ ପୁଅ। ନିଜ ଜନ୍ମଦାତା ବାପାଙ୍କ ପ୍ରତି ପୁଅର ଆଚରଣ ଯେତେବେଳେ ଏମିତି, ସେତେବେଳେ କୌଣସି ସମ୍ପର୍କ ନ ଥାଇ, କେବଳ ସରକାରୀ କର୍ତ୍ତବ୍ୟ ପାଳନ କରିବାକୁ ଶହ ଶହ ଶବ ଗଙ୍ଗାନଦୀରେ ଭସାଇ ଦେଇଥିବା କର୍ମଚାରୀମାନଙ୍କୁ ଆମେ ଦୋଷଦେବା କାହିଁକି?

ଆମ ରାଜ୍ୟର ବଲାଙ୍ଗୀର ସହରର ଉପକଣ୍ଠରେ ଥିବା ଏକ ଶ୍ମଶାନରୁ ବିଚିତ୍ର ଖବରଟିଏ ଆସିଛି। ପ୍ରତି ଶବଦାହ ପାଇଁ ସରକାରୀ ଯୋଜନାରେ ସାତ ହଜାର ଟଙ୍କାର ବ୍ୟୟବରାଦ ଥିଲେ ହେଁ ଖର୍ଚ୍ଚ କାଟ କରିବାକୁ ଗୋଟିଏ ଜୁଇରେ ତିନିଟି ଶବକୁ ଏକତ୍ର ଏମିତି ଦାହ କରାଯାଉଛି ଯେ ଭସ୍ମୀଭୂତ ଜୁଇରୁ ନିଜ ସମ୍ପର୍କୀୟଙ୍କ ଅସ୍ଥି ସଂଗ୍ରହ କରିବାକୁ ଜଗି ରହୁଥିବା ଲୋକ ଖାଲି କଳସୀ ଧରି ନିରାଶରେ ଫେରୁଛନ୍ତି। ମାନବତାର କଥା ଚୁଲିକୁ ଯାଉ, ମରିଗଲା ପରେ ମଣିଷର ଶବକୁ ବି ଉପଯୁକ୍ତ ସମ୍ମାନ ଦେଇ ଦାହ ସଂସ୍କାର କରିବାକୁ ଏକ ନିମ୍ନତମ ମାନବୀୟ ଦାୟିତ୍ୱ ବୋଲି ଆମ ସମ୍ବିଧାନ ସ୍ଥିର କରିଛି। ଅଥଚ କାହା ସ୍ୱାର୍ଥରେ କିଛି ଖର୍ଚ୍ଚକାଟ ପାଇଁ ଶବ ପ୍ରତି ଏ ଅସମ୍ମାନ! ଏମିତି ଅମାନବୀୟ ଆଚରଣ!

ସେମିତି ପୁଣି ସୁନ୍ଦରଗଡ଼ର କଥା। ଅବଶ୍ୟ ଏଠାରେ ସ୍ଥିତି ଭିନ୍ନ ପ୍ରକାରର। ବଲାଙ୍ଗୀରର ଉପର ବର୍ଣ୍ଣିତ ଶ୍ମଶାନରେ ବିନା ଅସ୍ଥିରେ ଖାଲି କଳସୀ ଧରି ସମ୍ପର୍କୀୟମାନେ ଫେରି ଯାଉଥିବା ବେଳେ ସୁନ୍ଦରଗଡ଼ରେ ଅସ୍ଥିଭର୍ତ୍ତି କଳସୀମାନେ ପଡ଼ି ରହିଛନ୍ତି ବହୁ ସଂଖ୍ୟାରେ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି। ସୁନ୍ଦରଗଡ଼ର ଏହି ଶ୍ମଶାନରେ କରୋନା ମୃତକଙ୍କ ଦାହ ସଂସ୍କାର କରିବାକୁ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ନିରାଶ ହେଲା ପରେ ସେଠାରେ ନିୟୋଜିତ କେତେକ ସ୍ୱେଚ୍ଛାସେବୀ ମଶାଣିବନ୍ଧୁମାନେ ନିଜେ ଶବଦାହ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ ପ୍ରାୟ କୋଡ଼ିଏ ପ୍ରତିଶତ ସମ୍ପର୍କୀୟମାନେ ସେମାନଙ୍କର ଚିହ୍ନିତ ଅସ୍ଥି କଳସ ନେଇ ଯାଇଥିବାବେଳେ ବାକି ଅଶୀ ପ୍ରତିଶତ ସେମିତି ପଡ଼ି ରହିଛି ଶ୍ମଶାନରେ ସେମାନଙ୍କ ସମ୍ପର୍କୀୟଙ୍କୁ ଅପେକ୍ଷା କରି, ନଦୀରେ ବିସର୍ଜନ ଅପେକ୍ଷାରେ, ନିଜ ନିଜର କଥିତ ମୁକ୍ତି ଅପେକ୍ଷାରେ। ଅତ୍ୟନ୍ତ କ୍ଷୋଭର ସହ ଜଣେ ମଶାଣି ବନ୍ଧୁ କହୁଥିଲେ, ଯେଉଁମାନେ ଚାଲିଗଲେ, ଆମେ ସେମାନଙ୍କର କେହି ନୋହୁଁ। କରୋନାକୁ ଡରି ସେମାନଙ୍କ ସମ୍ପର୍କୀୟମାନେ ଶବଦାହ କରିବାକୁ ତ ଆସିଲେ ନାହିଁ, ଗତ କିଛିଦିନ ଧରି ଏଠାରେ ଛପନଟି ଅସ୍ଥିକଳସ ପଡ଼ି ରହିଥିଲେ ମଧ୍ୟ ତାକୁ ନେବାକୁ କେହି ଜଣେ ବି ଆସୁନାହାନ୍ତି। ବାଧ ହୋଇ ଆମକୁ ହିଁ ସେ ସବୁକୁ ନଦୀରେ ବିସର୍ଜନ କରିବାକୁ ପଡ଼ିବ।

କ'ଣ କହିବା ସମ୍ପର୍କର ଏ ପ୍ରକାର ବିଭ୍ରାଟକୁ। ସଂସ୍କାରର ଏମିତି ଅବକ୍ଷୟକୁ ଅସ୍ଥି କଳସକୁ ନଦୀ ଗର୍ଭରେ ବିସର୍ଜନ ଦେଲେ ମୃତକଙ୍କ ଆତ୍ମା ମୋକ୍ଷ ପାଇବ କି ନାହିଁ, ତାହାର କିଛି ପ୍ରମାଣ ନାହିଁ। ପୁଅ ନାତି ବା ସେମିତି କେହି ସମ୍ପର୍କୀୟ ମୁଖାଗ୍ନି ଦେଇ ଦାହ ସଂସ୍କାର ନ କଲେ ଆତ୍ମାର ସଦ୍‌ଗତି ହେବ ନାହିଁ ବୋଲି ଯେଉଁ ବିଶ୍ୱାସ ଲୋକମୁଖରେ ପ୍ରଚଳିତ ଅଛି, ତାହା କେବଳ ଏକ ଅନ୍ଧବିଶ୍ୱାସ ହୋଇପାରେ। ସ୍ୱାମୀ ବିବେକାନନ୍ଦ ଏକଦା କହିଥିଲେ, ଜନ୍ମ ସହ ମୃତ୍ୟୁ ସଂଯୁକ୍ତ ହୋଇ ରହିବା ଏକ ଅବଧାରିତ ସତ୍ୟ। ପ୍ରଥମେ ଭାବୁଥିଲି ଜନ୍ମମୃତ୍ୟୁର ଏହି ମାୟାଚକ୍ର ମଧ୍ୟରୁ ମୁକୁଳିବାର ଏକମାତ୍ର ସାଧନ ହେଉଛି ନିର୍ବାଣ। ମାତ୍ର ପରେ ଜାଣିଲି ନିର୍ବାଣର ବହୁତ ଊର୍ଦ୍ଧ୍ୱରେ ଥାଏ ମାନବତା ଓ ମାନବୀୟ ସଂସ୍କୃତି। ଏହି ମାନବତା ଓ ମାନବୀୟ ସଂସ୍କୃତିର ମୂଲ୍ୟ ବିନିମୟରେ ମୁଁ କେବେ ବି ନିର୍ବାଣ ଚାହିଁବିନି, କେବେ ବି ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ଏହା ଯେ ଗତ ଦେଢ଼ ବର୍ଷ ଧରି କରୋନାର ଭୟ ଆମ ସମସ୍ତଙ୍କୁ ଏତେ ଅଧିକ ଜୀବନମନସ୍କ କରିଦେଇଛି ଯେ ଆମେ ନିଜକୁ ଯେତେ ଅଧିକ ଭଲ ପାଉଛୁ, ସେତେ ଦୂରେଇ ଆସୁଛୁ ଅବଶିଷ୍ଟ ଅନ୍ୟମାନଙ୍କଠୁ। ପରିଣାମ ହେଉଛି ଅତ୍ୟନ୍ତ ପ୍ରତ୍ୟାଶିତ। ଆମେ ମଣିଷ ବୋଲାଉଛୁ, ମାତ୍ର ମଣିଷତ୍ୱ ହରାଇ ବସୁଛୁ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଭୁବନେଶ୍ୱର
ମୋ- ୮୮୯୫୬୭୨୪୧୦୫



# ସାତ ଦଶନ୍ଧି ପରେ ବି ଅପରିପକ୍ୱ

ରବିନାରାୟଣ ସାମଲ

ଆସାମ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଓ ପଣ୍ଡିଚେରୀର ବିଧାନସଭା ନିର୍ବାଚନ ଫଳାଫଳ ଦେଶର ରାଜନୀତିକୁ ବେଶ୍ ପ୍ରଭାବିତ କରିଛି। କାରଣ ନିର୍ବାଚନ ମଇଦାନରେ ବିଭିନ୍ନ ରାଜନୈତିକ ଦଳ ପୂରାମାତ୍ରାରେ ସେମାନଙ୍କ ଦମ୍ ଖଟାଇ ଦେଇଥିଲେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ସମୁଦାୟ କେନ୍ଦ୍ର କ୍ୟାବିନେଟ୍ ଆଉ ଦିଲ୍ଲୀରେ ନ ରହି ପାଞ୍ଚଟି ରାଜ୍ୟରେ ନିର୍ବାଚନ ଶେଷ ଯାଏ ଡେରା ପକାଇ ରହିଥିଲେ। ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଲା। ପଶ୍ଚିମବଙ୍ଗରେ ମୋଦି ହାରିଲେ, ଦିଦି ଜିତିଲେ ବୋଲି କୁହାଗଲା। ଦିଦି ନିଜେ ନନ୍ଦିଗ୍ରାମରୁ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରିଗଲେ। ଫଳ ଯାହା ହେଉନା କାହିଁକି ନିର୍ବାଚନ ଭିତରେ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ବିପୁଳ ପରିମାଣର ଅର୍ଥ ଜବତ କରାଯାଇଥିବା ଘଟଣା ଆମ ଗଣତାନ୍ତ୍ରିକ ପଦ୍ଧତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏଠି 'ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ' ପ୍ରହସନ ପାଲଟିଥିଲା ବେଳେ ପ୍ରଲୋଭନ, ପ୍ରରୋଚନା ଓ ପ୍ରବଞ୍ଚନା ସମୁଦାୟ ନିର୍ବାଚନକୁ କବଳିତ କରିଛି। ନିଜର ବୁଦ୍ଧି, ବିବେକ ଓ ବିଚାରକୁ ଖଟାଇ ମତଦାନ କରିବାର ସୁଯୋଗ ମତଦାତାମାନଙ୍କ ପାଖରେ ନାହିଁ। ମଦ, ମାଂସ ଓ ଅର୍ଥ ପାଖରେ ସେସବୁ ଏକରକମ ବନ୍ଧା ପଡ଼ିଯାଇଛି। ନ ହେଲେ କୋଟି କୋଟି ଟଙ୍କାର ମଦ, କୋଟି କୋଟି ଟଙ୍କାର ସୁନାରୁପା ଓ ଶହ ଶହ କୋଟି ନଗଦ ଅର୍ଥ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ଜବତ ହୁଅନ୍ତା କିପରି ? ଗୋଟିଏ ବିଶାଳକାୟ ଆଇସ୍‌ବର୍ଗର କ୍ଷୁଦ୍ର ଉପରିଭାଗ ବୋଲି ଏହାକୁ ଧରିନେଲେ କ'ଣ ଭୁଲ୍ ହେବ ?

ସାଧାରଣ ନିର୍ବାଚନରେ ଜଣେ ଜଣେ ପ୍ରାର୍ଥୀ ଖର୍ଚ୍ଚ କରନ୍ତି ୨୦-୪୦ କୋଟି ଟଙ୍କା। ସେସବୁ ଆସେ କେଉଁଠୁ ଓ ଯାଏ କୁଆଡ଼େ? 'ନିର୍ବାଚନୀ ବଣ୍ଡ'ର ପ୍ରଚଳନ ଏହି କଳା ଟଙ୍କାକୁ ଧଳା କରିବାରେ ବେଶ୍ ସହାୟକ ହୋଇଛି।

ଜାତିକୁ ନେଇ ଭୋଟ୍ ଭିକ୍ଷା, ଧର୍ମକୁ ନେଇ ଭୋଟ୍ ଭିକ୍ଷା, ସମ୍ପ୍ରଦାୟକୁ ନେଇ ଭୋଟ୍ ଭିକ୍ଷା ଆମ ଦେଶରେ ପୁରୁଣା ପ୍ରଥା। ବେଶ୍ କିଛି ଲୋକ ଏହି ଆଧାରରେ ମତଦାନ କରିଥାନ୍ତି। ଅପରାଧ ପୃଷ୍ଠଭୂମି ଥିବା ପ୍ରତିନିଧିଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ପ୍ରକୃତ ସାଧୁ, ସଚ୍ଚୋଟ ଓ ଯୋଗ୍ୟ ପ୍ରାର୍ଥୀ ଜିତିକରି ଆସିବା କଷ୍ଟସାଧ୍ୟ ହୋଇପଡୁଛି।

ଆସାମର ଦିମାହସାଓ ଜିଲାରେ ଗୋଟିଏ ବୁଥ୍‌ରେ ୯୦ ଜଣ ଭୋଟର ଥିଲା ବେଳେ ସେଠାରେ ୧୭୧ ପୋଲିଂ ହେବା ଆମ ନିର୍ବାଚନ ପ୍ରକ୍ରିୟାର ଗର୍ହିତ ରୂପକୁ ପଦାରେ ପକାଇଦେଇଛି। ସେହିପରି ଆସାମର ଜଣେ ଭାଜପା ନେତାଙ୍କ କାର୍‌ରୁ ଇଭିଏମ୍ ଜବତ ହେବା ଘଟଣା ନିର୍ବାଚନ କମିଶନଙ୍କ ଭୋଟ୍ ପରିଚାଳନାକୁ ଫୁତ୍କାର କରିଛି। ଶାସକ ଦଳ ସପକ୍ଷରେ ଶାସନକଳର ଅପବ୍ୟବହାର ବିଭିନ୍ନ ସମୟରେ ଲୋକଲୋଚନକୁ ଆସିଥାଏ। ମତଦାନର ପୂର୍ବ ରାତିରେ ଭୋଜିଭାତ ହେବା, ସାହିବସ୍ତିରେ ଲକ୍ଷ ଲକ୍ଷ ଟଙ୍କା ବଣ୍ଟାଯିବା ଏବଂ ସର୍ବଶେଷରେ ବୁଥ୍ ଜବରଦଖଲ ହେବା ଭଳି ଦୃଷ୍ଟାନ୍ତ ସହିତ ଆମେ ଅଳ୍ପ ବହୁତେ ଅବଗତ ଅଛୁ। ଏସବୁ ସତ୍ତ୍ୱେ 'ମୁକ୍ତ-ଅବାଧ-ନିରପେକ୍ଷ ନିର୍ବାଚନ' ଦେଶରେ ଚାଲିଛି ବୋଲି ଡିଣ୍ଡିମ ପିଟା ହେଉଛି।

ଭାରତ ଗୋଟିଏ ଗଣତାନ୍ତ୍ରିକ ଦେଶ। ନିର୍ବାଚନ ପ୍ରକ୍ରିୟା ହେଉଛି ଏହି ଗଣତନ୍ତ୍ରର ମୁଖ୍ୟ ଅଙ୍ଗ। ମାତ୍ର ଯେଉଁ ଧାରାରେ ନିର୍ବାଚନ ହେଉଛି ତାହା ଦେଖିଲେ ଯେ କେହି ନିଶ୍ଚୟ ଉଦ୍‌ବିଗ୍ନ ହେବେ। ଟଙ୍କା ନ ଦେଲେ ଭୋଟ୍ ମିଳିବ ନାହିଁ। ଟିଭି, ମୋବାଇଲ୍, ଲାପ୍‌ଟପ୍ , ମଙ୍ଗଳସୂତ୍ର ଆଦି ନ ବାଣ୍ଟିଲେ ଭୋଟ ମିଳିବ ନାହିଁ। ମଦମାଂସର ଆସର ନ ହେଲେ ଭୋଟ ମିଳିବ ନାହିଁ। ମିଥ୍ୟା ପ୍ରତିଶ୍ରୁତି ନ ଦେଲେ ଭୋଟରଙ୍କ ମନକୁ କିଣାଯାଇ ପାରିବ ନାହିଁ। ସେଇଥିପାଇଁ ହୁଏତ ତାମିଲନାଡୁର ଜନୈକ ପ୍ରାର୍ଥୀ ଚନ୍ଦ୍ରପୃଷ୍ଠକୁ ନେଇଯିବା ଭଳି ଅସମ୍ଭବ ପ୍ରତିଶ୍ରୁତିଟିଏ ଦେବାକୁ କୁଣ୍ଠାବୋଧ କରିନାହାନ୍ତି। ନିର୍ବାଚନ ପ୍ରକ୍ରିୟାକୁ ତାଚ୍ଛଲ୍ୟ କଲାଭଳି ଏହା ଏକ ପ୍ରତିଶ୍ରୁତି ନୁହେଁ କି?

କୁହାଯାଉଥିବା ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ବର୍ତ୍ତମାନ ପକ୍ଷଭୁକ୍ତ ଓ ଦୁର୍ବଳପ୍ରାୟ। କେଉଁ ମୁହୂର୍ତ୍ତରେ ସେଗୁଡ଼ିକ ଭୁଶୁଡ଼ି ପଡ଼ିବ ତାହାର କିଛି ଠିକଣା ନାହିଁ। ସ୍ତମ୍ଭ ଭୁଶୁଡ଼ିଲେ ଏତେ ବଡ଼ ଦେଶର ଗଣତନ୍ତ୍ର କ'ଣ ତିଷ୍ଠି ରହିପାରିବ? କେବଳ ନିର୍ବାଚନ ନୁହେଁ ଆମ ଦେଶରେ ଘଟୁଥିବା ଯାବତୀୟ ଘଟଣାବଳୀକୁ ତର୍ଜମା କଲେ ଏପରି ଏକ ଅଘଟଣ ନିଶ୍ଚୟ ଆଶଙ୍କାକୁ ଆସିବ। ବାକି ରହିଲା ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର। ଏହା କ'ଣ ଦେଶରେ ସୁନିଶ୍ଚିତ ଅଛି?

ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଆମ ଦେଶର ଶତକଡ଼ା ୫ ଭାଗ ଲୋକ ରାଜନୈତିକ ଭାବେ ସଚେତନ। ଅବଶିଷ୍ଟ ୯୫ ଭାଗ ଲୋକ ଦେଶଦୁନିଆ ସମ୍ପର୍କରେ ଧାର ଧରନ୍ତି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ରାଜନୈତିକ ଭାବେ ଅସଚେତନ ଏହି ୯୫ ଭାଗ ଲୋକଙ୍କୁ ମଦ, ମାଂସ, ମଙ୍ଗଳସୂତ୍ର, ନଗଦ ଅର୍ଥ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ କେତେକ ରାଜନୈତିକ ଦଳ ଭୋଟ ହାତେଇଥାନ୍ତି। ଗଣତନ୍ତ୍ରର ଖୋଳପା ଭିତରେ ଏ ଯେଉଁ ଅଗଣତାନ୍ତ୍ରିକ ପନ୍ଥା ଅବଲମ୍ବନ କରାଯାଏ ତାହା ଗଣତନ୍ତ୍ରକୁ ନଷ୍ଟଭ୍ରଷ୍ଟ କରିପକାଏ। ସେଥିଯୋଗୁ ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଆମ ଦେଶରେ ଗଣତନ୍ତ୍ର ଅପରିପକ୍ୱ ବୋଲି କହିବାକୁ ହେବ।

ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ବାଦ୍ ଆଉ ଯେଉଁ ସ୍ତମ୍ଭଟି ଲୁକ୍କାୟିତ ହୋଇ ରହିଯାଉଛି, ତାହା ହେଉଛି ଦେଶର ଜନଗଣ। ଏମାନଙ୍କ ଶକ୍ତି ଅମାପ। ଏମାନେ ଚାହିଁଲେ ସବୁକିଛି ଓଲଟପାଲଟ କରିଦେଇପାରିବେ, ଦେଶର ଗଣତନ୍ତ୍ରକୁ ସୁରକ୍ଷା ପ୍ରଦାନ କରିପାରିବେ। ଆସନ୍ତୁ ଆଜିର ଦିନରେ ଆମେ ଏମିତି କିଛି ଉଦ୍ୟମ କରିବା । ନୀରବ ଦର୍ଶକ ନ ସାଜି ଦେଶର ଗଣତନ୍ତ୍ରକୁ ସୁରକ୍ଷା ଦେବା।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

''ଆମ ପୃଥିବୀ ଅତି ସୁନ୍ଦର, ଆକର୍ଷଣୀୟ। ଆମେ ତାଙ୍କୁ ଭଲ ପାଇବା, ତା'ପାଇଁ ପ୍ରତିଦିନ କିଛି ସମୟ ଦେବା ଓ ତା'ର ଯତ୍ନ ନେବା ଦରକାର। କାରଣ ଆମ ପାଖରେ ଆଉ ଗୋଟିଏ ପୃଥିବୀ ନାହିଁ''- ଏ ହେଉଛି କ୍ରିଷ୍ଣକୁମାରଙ୍କ ମନର କଥା। କଲେଜ ବେଳୁ ୬ ଜଣ ସାଥୀଙ୍କୁ ନେଇ ସବୁଜ ପରିବେଶ ସୃଷ୍ଟି କରିବାର ନେଇଥିବା ସଂକଳ୍ପକୁ ଏବେ ସାକାର କରିଛନ୍ତି କ୍ରିଷ୍ଣକୁମାର ଏସ୍। ସେ ରହୁଛନ୍ତି ଚେନ୍ନାଇରେ। ସେ ଏବେ ସୁଦ୍ଧା ସହର ବା ତା' ଆଖପାଖ ଅଞ୍ଚଳରେ ୨୫ଟି ମିୟାୱାକି ଜଙ୍ଗଲ ସୃଷ୍ଟି କରିସାରିଲେଣି। ଜାପାନିଜ୍ ଉଦ୍ଭିଦବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମାନୁସାରେ କରାଯାଇଥିବା ମିୟାୱାକି ପଦ୍ଧତିରେ କ୍ରିଷ୍ଣକୁମାର ପାଖାପାଖି ୧୦ ଏକର ଜମିରେ ୨୫ଟି କ୍ଷୁଦ୍ର ଜଙ୍ଗଲରେ ୬୫,୦୦୦ ଗଛ ଲଗାଇଛନ୍ତି। ଏହି ପଦ୍ଧତିରେ ସେ ଦେଶୀ ବୁଦାଜାତୀୟ ଲତା ଲଗାଇ କିଛି ମାସ ମଧ୍ୟରେ ଘଞ୍ଚ ଜଙ୍ଗଲ କରିପାରୁଛନ୍ତି। ଏଥିପାଇଁ ସେ 'ଥୁବାକ୍କମ୍' ସଂସ୍ଥା ଗଠନ କରି ତା'ମାଧ୍ୟମରେ ଅଭିଯାନ ଚଳାଇଛନ୍ତି। ଏଯାବତ୍ ତାଙ୍କ ସହ ୧,୮୦୦ ସ୍ୱେଚ୍ଛାକର୍ମୀ ଯୋଗ ଦେଇସାରିଲେଣି। ସେମାନଙ୍କୁ କ୍ରିଷ୍ଣକୁମାର ୧୪ଟି ଗ୍ରୁପ୍‌ରେ ବିଭକ୍ତ କରି ବୃକ୍ଷରୋପଣ ଓ ତା'ର ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ ସଂଚାଳନ କରୁଛନ୍ତି। ୬ କଲେଜ ସାଙ୍ଗଙ୍କ ମଧ୍ୟରୁ ଆଉ ତିନିଜଣ ଏବେ ତାଙ୍କ ସହ ରହିଛନ୍ତି। ଅବ୍ୟବହୃତ ତଥା ବର୍ଜ୍ୟବସ୍ତୁ ଜମା ହେଉଥିବା ସ୍ଥାନଗୁଡ଼ିକୁ ସେମାନେ ଜଙ୍ଗଲ କରିବା ଦ୍ୱାରା ବହୁ ପ୍ରଜାତିର ପକ୍ଷୀ ବାସ କରିବା ଆରମ୍ଭ କରିଛନ୍ତି। ତାଙ୍କ ଅଭିଯାନରେ ବହୁ ସ୍କୁଲ ଓ କଲେଜ କ୍ୟାମ୍ପସରେ ଜଙ୍ଗଲ କରାଯାଇଛି। ସ୍କୁଲ, କଲେଜ ଓ ବିଭିନ୍ନ ଅଞ୍ଚଳରେ କ୍ରିଷ୍ଣକୁମାର ଓ ତାଙ୍କ ସାଥୀମାନେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି। ଜଙ୍ଗଲ ସୃଷ୍ଟି କରିବାରେ ସ୍ଥାନୀୟ ପ୍ରଶାସନ ଓ ଜଙ୍ଗଲ ବିଭାଗ ତାଙ୍କୁ ସହଯୋଗ କରୁଛନ୍ତି। ଚେନ୍ନାଇ ଓ ତା' ଆଖପାଖ ବ୍ୟତୀତ ଏବେ ଏହି ଅଭିଯାନକୁ ତାମିଲନାଡୁର ଅନ୍ୟ ସହର ଓ ଗ୍ରାମକୁ ସମ୍ପ୍ରସାରିତ କରିଛନ୍ତି କ୍ରିଷ୍ଣକୁମାର।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନାରେ ଗରିବୀ ବଢୁଛି

ମହାଶୟ,

ଆମ ରାଜ୍ୟରେ ଗରିବ, ନିମ୍ନ ମଧ୍ୟବିତ୍ତ ଓ ଧନୀଙ୍କ ଆୟରେ ବହୁତ ତାରତମ୍ୟ ରହିଛି। ସମାଜର ଗୋଟିଏ ବର୍ଗ ସୁଖସ୍ୱାଚ୍ଛନ୍ଦ୍ୟ ଜୀବନ ବିତାଉ ଥିବା ବେଳେ ଅନ୍ୟ ଏକ ବର୍ଗ ଦୁଇଓଳି ଦୁଇମୁଠା ଖାଦ୍ୟ ଯୋଗାଡ଼ କରିପାରୁନାହାନ୍ତି। କରୋନା ମହାମାରୀ ସମଗ୍ର ରାଜ୍ୟକୁ କବଳିତ କରିଦେଇ ଥିବା ବେଳେ ମଣିଷ ମୃତ୍ୟୁର ବିଭୀଷିକା ମଧ୍ୟରେ ଗତି କରୁଛି। କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ତାଲାବନ୍ଦ ଭିତରେ ଜୀବନ ଅତିବାହିତ କରୁଥିବା ବେଳେ ମୁହଁରେ ତୁଣ୍ଡି ଓ ସାମାଜିକ ଦୂରତା ରକ୍ଷା କରି ଚଳିବାକୁ ପଡୁଛି। ରାଜ୍ୟର ସମସ୍ତ ମନ୍ଦିରରେ ପ୍ରବେଶକୁ ବାରଣ କରାଯାଇଛି। ଅପରପକ୍ଷରେ ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଘଟିଛି। ନିଜର କୌଳିକ ବୃତ୍ତି ହରାଇ ମଣିଷ ରାସ୍ତାକଡ଼କୁ ଚାଲିଆସିଛି। ଏହି ମହାମାରୀ ଯୋଗୁ ରାଜ୍ୟର ୩୦% ମଧ୍ୟବିତ୍ତ ପରିବାର ଗରିବ ହୋଇ ଯାଇଛନ୍ତି ବୋଲି କୁହାଯାଉଛି। ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ମହାମାରୀ କରୋନା ସଂକ୍ରମଣରେ ଅକାଳରେ ଝରିପଡୁଛନ୍ତି। ମଣିଷ ହା ହା କାର ମଧ୍ୟରେ ଜୀବନ ଅତିବାହିତ କରୁଛି। ଜୀବିକା ହରାଇ ଲୋକ କେଉଁ ଉପାୟ ଅବଲମ୍ବନ କରି ନିଜର ଗୁଜରାଣ ମେଣ୍ଟାଉଛି, ତାହା କହିବା କଷ୍ଟକର ହୋଇପଡ଼ିଛି।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ନାହିଁରେ ଲାଭ ଜୀବନେ ଲେଖି
କାରଣହୀନ ଦୁଃଖ
ମରଣ ଶୋକେ ବିକଳେ ସଦା ଚାହିଁ
ଅମର ହେବା ମାନସେ ଖାଲି
ବିରସ କରି ମୁଖ
ଜୀବନ ପରେ ନାହିଁରେ କିଛି ନାହିଁ!
-(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ପଦ୍ମପୁର,୬।୬(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର କୋଭିଡ୍ କେୟାର ସେଣ୍ଟରରେ ଶନିବାର ବିଳମ୍ବିତ ରାତ୍ରିରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଇକମାଳ ଥାନା ଢେଙ୍କିମୁଣ୍ଡା ଗ୍ରାମର ସତରାମ ଧନୁଆର। ସେ ଗତ ୨୦୨୦ ନଭେମ୍ବର ୨ରୁ ଏକ ମାମଲାରେ ଗିରଫ ହୋଇ ପଦ୍ମପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଥିଲେ। ଅସୁସ୍ଥ ହେବାରୁ ମେ ୨୧ରେ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। ପଜିଟିଭ୍ ରିପୋର୍ଟ ଆସିବାରୁ ମେ ୨୩ରୁ ସେ ପଦ୍ମପୁର କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଖବର ପାଇ ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର, ଏସ୍‌ଡ଼ିପିଓ ପ୍ରଦୀପ ସାହୁ, ଥାନାଧିକାରୀ ରାଜେନ୍ଦ୍ର ସିଆଲ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ତହସିଲ ସାହୁ, ତହସିଲଦର ସଞ୍ଜନ ସେଟ୍, ଜେଲର ଦଶମୀ ବାଗ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚିଥିଲେ ଏବଂ ମୃତଦେହ ସଂସ୍କାର ବ୍ୟବସ୍ଥା କରିଥିଲେ।

### ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



କେନ୍ଦୁଝର,୬।୬(ଡି.ଏନ୍.ଏ./ସ୍ୱ.ପ୍ର.): ଯାଜପୁର ଜିଲା ଯଖପୁରା ଷ୍ଟେଶନରୁ କେନ୍ଦୁଝର ଜିଲା ନୟାଗଡ ରେଳ ଷ୍ଟେଶନ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ କେନ୍ଦୁଝରଗଡ଼ ରେଳ ଷ୍ଟେଶନ ନିକଟରେ ରବିବାର ପୂର୍ବାହ୍ନରେ ଲାଇନଚ୍ୟୁତ ହୋଇଛି। ଏଥିରେ ରେଳବାଇ କିମ୍ବା ଟ୍ରେନରେ ଥିବା କୌଣସି କର୍ମଚାରୀଙ୍କ କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ଖୋର୍ଦ୍ଧାରୋଡ୍ ଡିଭିଜନରୁ ଆସି କେନ୍ଦୁଝରରେ ପହଞ୍ଚିଛନ୍ତି। ପୂର୍ବତଟ ରେଳବାଇର ଏହି ମାଲବାହୀ ଟ୍ରେନ ଲୁହାପଥର ବୋଝେଇ ପାଇଁ ନୟାଗଡ ଷ୍ଟେଶନ ଅଭିମୁଖେ ଯାଉଥିଲା। ତେବେ ବୈଷୟିକ ତ୍ରୁଟି ଯୋଗୁ ଏହି ଟ୍ରେନର ୩ ବଗି ରେଳଧାରଣା ବାହାରକୁ ଚାଲି ଯାଇଥିଲା। ଏହି ଘଟଣା ୫ନମ୍ବର ଲାଇନରେ ହୋଇଥିବାବେଳେ ଜରୁରୀକାଳୀନ ପରିସ୍ଥିତିରେ ଅନ୍ୟ ସମସ୍ତ ମାଲବାହୀ ଟ୍ରେନ୍‌କୁ ଏହି ଲାଇନରେ ବାତିଲ କରାଯାଇଛି।

### ଜଙ୍ଗଲରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଖୋର୍ଦ୍ଧା ଅଫିସ/ଜଟଣୀ,୬।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ତିରିମଲ ଗ୍ରାମ ନିକଟ ବେଗୁନିଆପଡ଼ା ଜଙ୍ଗଲରେ ରବିବାର ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ଜଙ୍ଗଲରୁ ଏକ ନବଜାତ ଶିଶୁକନ୍ୟାଙ୍କୁ କେତେଜଣ ଗ୍ରାମବାସୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଖବରପାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ମେଡିକାଲରେ ପହଞ୍ଚି ଶିଶୁର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ମୁତାବକ, ରବିବାର ସକାଳୁ ବେଗୁନିଆପଡ଼ା ଗ୍ରାମ୍ୟ ଜଙ୍ଗଲକୁ ଯାଇଥିବା କେତେଜଣ ଗ୍ରାମବାସୀ ଏକ ଶିଶୁର କାନ୍ଦ ଶବ୍ଦ ଶୁଣିବାକୁ ପାଇଥିଲେ। ଏକ ଶିଶୁକନ୍ୟା ତଳେ କାନ୍ଦୁଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଶିଶୁକୁ ଉଦ୍ଧାର କରିବା ସହ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷେ କନ୍ୟା ସନ୍ତାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଶିଶୁଙ୍କ ବିକାଶ ଲାଗି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର କେହି ଅସହାୟ କିମ୍ବା ଗରିବ ମହିଳା ନବଜାତ ଶିଶୁକନ୍ୟାକୁ ଜଙ୍ଗଲରେ ଛାଡି ଦେଇଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

### କରୋନା ଆକ୍ରାନ୍ତ ଆଶାକର୍ମୀଙ୍କ ମୃତ୍ୟୁ

ଯାଁଳା,୬।୬(ଡି.ଏନ୍.ଏ.): କରୋନାରେ ଆକ୍ରାନ୍ତ ଥିବା ଜଣେ ଆଶାକର୍ମୀଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତ ରାଧାଚରଣପୁର ଗ୍ରାମର ସରୋଜିନୀ ପ୍ରଧାନ। ତାଙ୍କୁ ୫୫ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛିଦିନ ହେବ ସରୋଜିନୀ ଥଣ୍ଡା, କାଶ ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଦେହ ଅଧିକ ଖରାପ ହେବାରୁ ସେ କୋଭିଡ୍ ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ମୃତଦେହକୁ ସତ୍ୟନଗର ଶ୍ମଶାନରେ ସତ୍କାର କରାଯାଇଛି।

# ଶ୍ରୀପଦ୍ମକେଶର ମନ୍ଦିର ହିଁ ଶ୍ରୀସୂର୍ଯ୍ୟବଲ୍ଲଭ ପ୍ରାସାଦ

ଡ. ସୁରେନ୍ଦ୍ର କୁମାର ମିଶ୍ର




ଏକ ମଙ୍ଗଳମୟ କାର୍ଯ୍ୟ ଓଡ଼ିଶାରେ ଆରମ୍ଭ କଲାବେଳେ ଯେଉଁ ବିଧିବିଧାନ କରାଯାଏ, ସର୍ବାଦୌ ସର୍ବମଙ୍ଗଳ ଜଗନ୍ନାଥଙ୍କୁ ମର୍ଯ୍ୟାଦା ଦିଆଯାଏ, ତାହାର ସାମାନ୍ୟ ପରିଚୟ ପୂର୍ବରୁ ଆମେ ଜାଣିଲେ। କାର୍ଯ୍ୟନିର୍ବାହର ଦାୟିତ୍ୱ କିପରି ସର୍ବସମ୍ମତ ବିଧିରେ ଗଜପତିଙ୍କ ଉପସ୍ଥିତିରେ ଦିଆଯାଏ ଆମେ ହେଜିଲେ। ବାସ୍ତବରେ ଓଡ଼ିଶାରେ ସ୍ଥପତି ଚାରି ପ୍ରକାର।

୧. ଅନୁକରଣପ୍ରିୟ ସ୍ଥପତି, ୨. ଅଙ୍ଗୀଭୂତ ସ୍ଥପତି, ୩. ଅଙ୍ଗୀକାରବଦ୍ଧ ସ୍ଥପତି ଓ ୪. ସୃଜନଶୀଳ ସ୍ଥପତି। ଏହି ୪ ସ୍ଥପତି ପରସ୍ପର ପରିପୂରକ। ସୃଜନଶୀଳ ସ୍ଥପତି ସବୁ କାଳରେ ମାର୍ଗଦର୍ଶକ। ଏମାନଙ୍କ କାର୍ଯ୍ୟ ମୌଳିକ ଓ ନୂତନତ୍ୱ ମଧ୍ୟରେ ଉତ୍କର୍ଷ ଅର୍ଜନ କରିବା, କିଛି ନୂଆ କରିବା, ଦେଖାଇବା ଓ କିଛି ନୂତନ ଚେତନା ଦେବାର ପ୍ରୟାସରେ ଏମାନଙ୍କ ଜୀବନ ଗତି କରିଯାଏ। ଠିକ୍ ଜଣେ ସାହିତ୍ୟିକ/ଲେଖକ ପରି। ତଥାପି ଶ୍ରୀପଦ୍ମକେଶର ମନ୍ଦିର ଆରମ୍ଭ ବେଳେ ଗଜପତି ଘୋଷଣା କରିଥିଲେ ମୁଖ୍ୟ ସ୍ଥପତି ପଦବୀ। ତାଙ୍କୁ କୁହାଯାଉଥିଲା ସୂତ୍ରଧର। ଚାରି ସ୍ଥପତିଙ୍କର ସୂତ୍ରଧର। କୋଣାର୍କଠାରେ ଶ୍ରୀସୂର୍ଯ୍ୟବଲ୍ଲଭ ପ୍ରାସାଦ ନିର୍ମାଣ ପାଇଁ ସୂତ୍ରଧର ଥିଲେ ଏ ଜାତିର ନମସ୍ୟ ସଦାଶିବ ସାମନ୍ତରାୟ, ଯାହାଙ୍କ ନାମ ପ୍ରସିଦ୍ଧ ହୋଇଛି ଶିବେଇ ସାମନ୍ତରା ଭାବରେ।

ଆମେ ଜାଣିଛେ ଭୁବନେଶ୍ୱରରେ ଶ୍ରୀଲିଙ୍ଗରାଜମନ୍ଦିରକୁଓଡ଼ିଶା ଶିଳ୍ପଶାସ୍ତ୍ରରେ କୁହାଯାଉଥିଲା 'ମହାକୈଳାସପ୍ରାସାଦ'। ତା'ପରେ ଗଢ଼ିଉଠିଲା ଶ୍ରୀଜଗନ୍ନାଥଙ୍କ 'ହରିପ୍ରିୟ ଶ୍ରୀବସ୍ତ୍ର ଖଣ୍ଡଶାଳ'। ଶେଷରେ କୋଣାର୍କଠାରେ ନିର୍ମିତ ହୋଇଥିଲା ଶ୍ରୀପଦ୍ମକେଶର ମନ୍ଦିର। ଶିଳ୍ପଶାସ୍ତ୍ର ଭାଷାରେ ଶ୍ରୀସୂର୍ଯ୍ୟବଲ୍ଲଭ ପ୍ରାସାଦ। ୟା'ର ଆରମ୍ଭକାଳକୁ ଯଦି ଆମେ ୧୨୪୨ ମସିହା ବୋଲି ଗ୍ରହଣ କରିବା, ତେବେ ମନ୍ଦିର ସରିବାକୁ ଲାଗିଥିଲା ୧୬ବର୍ଷ। କାରଣ ୧୨୫୮ ମସିହାରେ ଏହା ସମାପ୍ତ ହୋଇଥିଲା। ସେହିବର୍ଷ ପ୍ରତିଷ୍ଠା ପରେ ସୂର୍ଯ୍ୟଙ୍କର ଉପାସନା ଆରମ୍ଭ ହୋଇଥିଲା।



ମୁଖ୍ୟ ସ୍ଥପତି ସଦାଶିବ ସାମନ୍ତରାୟ ମହାପାତ୍ର (ଶିବେଇ ସାମନ୍ତରା) ଶିଳ୍ପୀଙ୍କ କାମ ତଦାରଖ କରୁଛନ୍ତି। (ରେଖାଚିତ୍ର– ଦୁର୍ଗାମାଧବ କର)

ଉପାସନା ନିରନ୍ତର ଭାବରେ ଚାଲିଥିଲା ୧୬୨୬ ମସିହା ପର୍ଯ୍ୟନ୍ତ, ଅର୍ଥାତ୍ ୩୬୮ ବର୍ଷ। ଏତେ ବର୍ଷ ଧରି ତୀର୍ଥ ଭାବରେ ଚଳଚଞ୍ଚଳ ଥିଲା ଅର୍କକ୍ଷେତ୍ର।

ଓଡ଼ିଶା ଇତିହାସକୁ ଦେଖିଲେ ଜଣାଯିବ ୩୬୮ ବର୍ଷ ମଧ୍ୟରେ ୧୨ଥର ଆକ୍ରମଣ ହୋଇଥିଲା ଶ୍ରୀମନ୍ଦିର ଉପରେ। ଶ୍ରୀପଦ୍ମକେଶର ମନ୍ଦିର ପ୍ରତିଷ୍ଠା ହେବାର ୮୨ ବର୍ଷ ପରେ (୧୩୪୦ ମସିହା) ବଙ୍ଗଳାର ନବାବ ଇଲିଅସ୍ ତାକୁ ଆକ୍ରମଣ କରିଥିଲେ। ତା'ର ୨୦ ବର୍ଷ ପରେ ଅର୍ଥାତ୍ ୧୩୬୦ ମସିହାରେ ଦିଲ୍ଲୀ ବାଦ୍‌ଶାହା ଫିରୋଜଶାହା ତୋଗଲକ୍ ଆକ୍ରମଣ କଲେ। ପୁଣି ୪୯ ବର୍ଷ ପରେ ଅର୍ଥାତ୍ ୧୫୦୯ ମସିହାରେ ଇସ୍‌ମାଇଲ ଗାଜି ଆକ୍ରମଣ କଲେ। ଏହାର ୫୯ ବର୍ଷ ପରେ ହେଲା କଳାପାହାଡ଼ର ବର୍ବର ଆକ୍ରମଣ।

କେତେକ ଇତିହାସକାର ମତ ଦେଇଛନ୍ତି, କଳାପାହାଡ଼ କୋଣାର୍କ–ଗୋପ ଦେଇ ପୁରୀରେ ପ୍ରବେଶ କରିଥିଲା। କଟକ ଦୁର୍ଗ ଅଧିକାର ପରେ ଭୁବନେଶ୍ୱର ଆସିଛି, ସେଠାରୁ କୋଣାର୍କ, ଶେଷରେ ପୁରୀ। କଳାପାହାଡ଼ ଆକ୍ରମଣ ପରେ ୧୫୯୨, ୧୬୦୧, ୧୬୦୭, ୧୬୧୦, ୧୬୧୧, ୧୬୧୨, ୧୬୧୭ ଓ ୧୬୨୩ ମସିହାରେ ଆକ୍ରମଣ ହୋଇଥିଲା।

ପୂର୍ବରୁ ଆମେ ସୂଚନା ଦେଇଥିଲୁ କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ଗଜପତି ନରସିଂହ ଦେବଙ୍କ ବିଜୟ ସ୍ମୃତିରେ ନିର୍ମିତ ହୋଇଥିଲା। ୧୨୪୦ ମସିହାରେ କାକତୀୟ ରାଜା ଗଣପତିଙ୍କୁ ପରାସ୍ତ କରି ବିଜୟ ଲାଭ କରିଥିଲେ। ଢେଙ୍କାନାଳର କପିଳାସଠାରେ ଶ୍ରୀଚନ୍ଦ୍ରଶେଖର ମନ୍ଦିରରେ ଏକ ଶିଳାଲିପି ଅଛି, ଯାହା କପିଳାସ ଶିଳାଲିପି ରୂପେ ପ୍ରସିଦ୍ଧ। ଏଥିରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ। ଗୋଟିଏ ସେ 'ଗଜପତି' ପଦବୀ ବ୍ୟବହାର କରିବା, ଅନ୍ୟଟିରେ ସେ ଘୋଷଣା କରିଥିଲେ 'ପରମେଶ୍ୱର ଶ୍ରୀଦୁର୍ଗାପୁତ୍ର ଶ୍ରୀପୁରୁଷୋତ୍ତମ ପୁତ୍ର'। ସେଇ ଶ୍ରୀପୁରୁଷୋତ୍ତମ ପୁତ୍ର ହିଁ ସ୍ୱପ୍ନ ଦେଖିଥିଲେ ଶ୍ରୀସୂର୍ଯ୍ୟବଲ୍ଲଭ ପ୍ରାସାଦର।

# ସେଲ୍‌ଫି ନେବାବେଳେ ଡ୍ୟାମ୍‌ରେ ଖସି ୨ ମୃତ

ରାଜଗାଙ୍ଗପୁର,୬।୬(ଡି.ଏନ୍.ଏ.)

ସେଲ୍‌ଫି ନେବା କାଳ ହୋଇଛି। ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କାଂଶବାହାଲ ଡ୍ୟାମ୍‌ରେ ଖସି ରବିବାର ଅପରାହ୍ନରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରାଉରକେଲା ଡିଏଭି ଗଳିର ସୁମନ୍ତ ଦେ(୨୫) ଏବଂ ବାସନ୍ତୀ କଲୋନୀର ପ୍ରମୋଦ ପରିଡ଼ା (୩୭)। ଉଭୟ ଅପରାହ୍ନ ପ୍ରାୟ ୩ଟାରେ ଡ୍ୟାମ୍‌କୁ ବୁଲିବାକୁ ଆସିଥିଲେ। ଡ୍ୟାମ୍ ପାର୍ଶ୍ୱରେ ଛିଡ଼ା ହୋଇ ସେଲ୍‌ଫି ନେଉଥିବାବେଳେ ତଳେ ଥିବା ଗଭୀର ପାଣିରେ ଖସି ପଡ଼ିଥିଲେ।

ପ୍ରତ୍ୟକ୍ଷଦର୍ଶୀମାନେ ଦେଖି ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ଥାନା ଓ କାଂଶବାହାଲ ଫାଣ୍ଡି ପୋଲିସ ପହଞ୍ଚିଥିଲେ। ରାଉରକେଲା, ପାନପୋଷ, ରାଜଗାଙ୍ଗପୁର ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ। ପ୍ରଥମେ ପ୍ରମୋଦ ପରିଡ଼ାଙ୍କୁ ଗୁରୁତର ଅବସ୍ଥାରେ ଡ୍ୟାମ୍ ପାଣିରୁ ବାହାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିଶମ କର୍ମଚାରୀମାନେ ବହୁ ଖୋଜାଖୋଜି କରି ସନ୍ଧ୍ୟାରେ ସୁମନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେମାନେ ରାଉରକେଲାରୁ କେମିତି ଓ ଆଉ କାହା ସହିତ ଆସିଥିଲେ ତାହା ଜଣାପଡ଼ିନାହିଁ।

ପ୍ରକାଶ ଯେ ଗତ ଜାନୁୟାରୀ ମାସରେ ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଇବ୍‌ନଦୀ କୂଳକୁ ପିକ୍‌ନିକ୍ କରିବାକୁ ଯାଇ ସେଲ୍‌ଫି ନେବାବେଳେ ନଦୀରେ ଖସିପଡ଼ି ରାଜଗାଙ୍ଗପୁର ଅଞ୍ଚଳର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ରବିବାର ମଧ୍ୟ ସେଲ୍‌ଫି ନେବାବେଳେ ଅନୁରୂପ ଘଟଣା ଘଟିଛି।


ଅଗ୍ନିଶମ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ନେଉଛନ୍ତି।

# ସ୍ୱାମୀଙ୍କ ଚିକିତ୍ସା ପାଇଁ ସହାୟତା ନିବେଦନ

ଭଞ୍ଜନଗର,୬।୬(ଡି.ଏନ.ଏ)

**୭୫ ଲକ୍ଷ ସରିଲାଣି, ଆଉ ୪୦ ଲକ୍ଷ ଆବଶ୍ୟକ**

ଗଞ୍ଜାମ ଜିଲା ଭଞ୍ଜନଗର ସହରତଳି ଲଣ୍ଡେଇସାହିର ରମେଶ ସାହୁ କରୋନାରେ ଆକ୍ରାନ୍ତ ହୋଇ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ଏବେ କରୋନାରୁ ସୁସ୍ଥ ହୋଇଥିଲେ ମଧ୍ୟ ଫୁସ୍‌ଫୁସ୍ କିଛି ମାତ୍ରାରେ ଖରାପ ରହିଛି। ଶନିବାର ଏମ୍‌ଆର୍‌ଆଇ କରାଯିବା ପରେ ହଠାତ୍ ବ୍ରେନ୍ ସର୍ଜରି ଆବଶ୍ୟକ ପଡ଼ିଥିଲା। ରାତି ପ୍ରାୟ ୧୧ଟାରେ ବ୍ରେନ୍ ଅପରେଶନ କରାଯାଇଛି। ରମେଶଙ୍କ ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ ପ୍ରାୟ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଇସିଏମ୍‌ଓ ମେଶିନ ସହାୟତାରେ ତାଙ୍କୁ ବଞ୍ଚାଇ ରଖାଯାଇଛି। ଇସିଏମ୍‌ଓ ମେଶିନ ଭଡ଼ା ବାବଦକୁ ଦୈନିକ ୧ଲକ୍ଷ ୧୨ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଆଉ ୨୧ ଦିନ ସେହି ମେଶିନ ଆବଶ୍ୟକ ପଡ଼ିବ। ମେଶିନ ଭଡ଼ା ଓ ଅନ୍ୟାନ୍ୟ ବାବଦକୁ ଆଉ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ପଡୁଥିବା ବେଳେ ରମେଶଙ୍କ ସ୍ତ୍ରୀ ସ୍ମିତା ନାୟାର ସହାୟତା ପାଇଁ ଗଣମାଧ୍ୟମରେ ନିବେଦନ କରିଛନ୍ତି।

ରମେଶ ମୁମ୍ବାଇରେ କାମ କରନ୍ତି। ସ୍ତ୍ରୀ ଓ ୮ବର୍ଷୀୟା ଝିଅକୁ ନେଇ ସେ ଗତ ଏପ୍ରିଲରେ ଗାଁକୁ ଆସିଥିଲେ। ସେହି ମାସ ଶେଷରେ ସେ ମୁମ୍ବାଇ ଫେରି ଯାଇଥାନ୍ତେ। ହେଲେ ତାହା ପୂର୍ବରୁ ବାପା କାଳୁ ଚରଣ ସାହୁ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏପ୍ରିଲ ୧୧ ତାରିଖରେ ବାପାଙ୍କ ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁ ପୂର୍ବରୁ ୯ ତାରିଖରେ ରମେଶ ମଧ୍ୟ ସଂକ୍ରମିତ ଚିହ୍ନଟ ହେବାରୁ ଭଞ୍ଜନଗର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୦ରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ୧୮ ତାରିଖରେ ଏୟାର ଆମ୍ବୁଲାନ୍ସ ଯୋଗେ କୋଲକାତା ନିଆଯାଇଥିଲା। ସେଠାରେ ଏବେ ସେ ଜୀବନ ସହ ସଂଘର୍ଷ କରୁଛନ୍ତି। ରମେଶଙ୍କ ସ୍ତ୍ରୀ ସ୍ମିତା ଏବଂ ଭଉଣୀ ବର୍ତ୍ତମାନ କୋଲକାତାରେ ଚିନ୍ତାରେ ଅଛନ୍ତି। ଚିକିତ୍ସା ପାଇଁ ଆଉ ଟଙ୍କା ନାହିଁ। ସ୍ୱାମୀଙ୍କୁ ଯେ କୌଣସି ମତେ ବଞ୍ଚେଇବା ପାଇଁ ସ୍ମିତା ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସେ ତାଙ୍କର ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟ ନମ୍ବର (୦୦୫୭୦୧୫୬୨୩୯୮), ଆଇଏଫ୍‌ଏସ୍‌ସି କୋଡ୍ ଆଇସିଆଇସି୦୦୦୭୫୨୪ ଯୋଗେ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି। ରାଜ୍ୟ ସରକାର ରମେଶଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


ସ୍ତ୍ରୀ, ଝିଅଙ୍କ ସହ ରମେଶ ସାହୁ।

**ରାଜଧାନୀରେ ହୃଦୟବିଦାରକ ଘଟଣା**

# ଶ୍ରମିକଙ୍କୁ ହତ୍ୟାକଲେ ସାଥୀ ଶ୍ରମିକ

**ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୬।୬(ବ୍ୟୁରୋ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଶ୍ରମିକଙ୍କୁ ହତ୍ୟା। ଶଟ୍‌ଡାଉନ୍‌ରେ ରାଜଧାନୀର ସମ୍ବେଦନଶୀଳ ଅଞ୍ଚଳ ମାଷ୍ଟରକ୍ୟାଣ୍ଟିନ ଛକ ଚେକ୍ ପୋଷ୍ଟ ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଶ୍ରମିକ ହେଲେ ଭଦ୍ରକ ଜିଲା ପୁରୁଣା ବଜାର ଅଞ୍ଚଳ ସେକ୍ ଅବଦୁଲ (୩୫)। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ହେଉଛନ୍ତି ସାଥୀ ଶ୍ରମିକ। ତାଙ୍କୁ ଖାରବେଳନଗର ଥାନା ପୋଲିସ ରବିବାର ସକାଳୁ ବୁଦ୍ଧନଗର ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅରୁହା ଗ୍ରାମର ସୁନୁ ସିଂ (୨୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅବଦୁଲ ଓ ସୁନୁ ସିଂ ଦୁହେଁ ଶ୍ରମିକ ଭାବେ ରାଜଧାନୀରେ କାମ କରନ୍ତି। ଲକ୍‌ଡାଉନ ଓ ଶଟ୍‌ଡାଉନ୍ ଯୋଗୁ କାମ ବନ୍ଦ ଥିବାରୁ ଉଭୟ ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟ ସ୍ୱସ୍ତି ହୋଟେଲ ସମ୍ମୁଖ ବରଗଛ ଚାନ୍ଦିନିରେ ଏକାଠି ରହୁଥିଲେ। ସାମାଜିକ କର୍ମୀଙ୍କ ତରଫରୁ ବଣ୍ଟା ଯାଉଥିବା ରନ୍ଧା ଖାଦ୍ୟ ଖାଉଥିଲେ। ଗତ ୩ ଦିନ ତଳେ ମଦ୍ୟପାନ ପରେ ଟଙ୍କା ଦିଆନିଆକୁ କେନ୍ଦ୍ର କରି ଅବଦୁଲ ରାଗିଯାଇ ସୁନୁଙ୍କୁ ଚାପୁଡା ମାରିଥିଲେ। ଶନିବାର ମଧ୍ୟାହ୍ନରେ ସେହି ବରଗଛ ତଳ ଚାନ୍ଦିନିରେ ବସିଥିବାବେଳେ ଉକ୍ତ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସୁନୁ ଏକ ସିମେଣ୍ଟ ସ୍ଲାବ୍‌କୁ ଉଠାଇ ଆଣି ଅବଦୁଲଙ୍କ ଛାତିରେ ଜୋର୍‌ରେ ଛେଚି ଦେଇଥିଲେ। ନିକଟରେ ଥିବା ଯୁବକ ଲଲାଟ ପାଇକରାୟ ଓ ଅନ୍ୟ କେତେଜଣ ତାଙ୍କୁ ଅଟକାଇବାରୁ ସେ ଦୌଡ଼ି ପଳାଇଥିଲେ। ଅବଦୁଲ ଛଟପଟ ହେଉଥିବାବେଳେ ପୋଲିସ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ହତ୍ୟା ମାମଲା (ନଂ. ୧୭୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆମ୍ବତୋଟାରୁ ହାତୀ ମୃତଦେହ ଠାବ



ଭାପୁର, ୬।୬(ଡି.ଏନ୍.ଏ.)

ଢେଙ୍କାନାଳ ସଦର ବନଖଣ୍ଡ ଅଧୀନ ଗୋବିନ୍ଦପ୍ରସାଦ ଗ୍ରାମ ନିକଟ ଆର୍ଯ୍ୟେନ୍ଦୁ କୁମାର ଜେନାଙ୍କ ଆମ୍ବତୋଟାରୁ ରବିବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ସୋଲାର ତାରବାଡ଼ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ସୋଲାର ତାରବାଡ଼ ହାତୀ ଭଳି ବିଶାଳକାୟ ଜନ୍ତୁର ଜୀବନ ନେବାକୁ ସକ୍ଷମ ନୁହେଁ। ତେଣୁ ଅଧିକ ବିଦ୍ୟୁତ୍ ପ୍ରବାହ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି।

ଅଞ୍ଚଳବାସୀଙ୍କ କହିବା କଥା, ଚଳିତବର୍ଷ ଅଞ୍ଚଳରେ ପର୍ଯ୍ୟାପ୍ତ ଆମ୍ବ ଫଳିଛି। କାଜୁ ଜଙ୍ଗଲ ମଧ୍ୟ ରହିଛି। ଦୀର୍ଘଦିନ ହେଲା ହାତୀପଲ ଆମ୍ବତୋଟାରେ ବିଚରଣ କରିବା ସହ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଉନାହିଁ। ଆମ୍ବ ଚାଷୀଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି। ଧନଜୀବନ ହାନି ହେବାର ଆଶଙ୍କା ରହୁଛି। ବନ ବିଭାଗ ହାତୀଙ୍କୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, ରେଞ୍ଜର ଧରିତ୍ରୀ ମୁର୍ମୁ, ବନପାଳ ଇନ୍ଦୁଭୂଷଣ ଭଞ୍ଜ, ଯୁଗଳ ମହାନ୍ତି ପ୍ରମୁଖ ପହଞ୍ଚି ମୃତହାତୀର ବ୍ୟବଚ୍ଛେଦ କରିଥିଲେ। ପରେ ଗାତଖୋଳି ପୋତି ଦିଆଯାଇଥିଲା। ମୃତହାତୀର ଆନୁମାନିକ ବୟସ ୧୫ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ସ୍ୱାବଲମ୍ବୀ କଲା ସବୁଜ ହୀରା

ସମ୍ବଲପୁର,୬।୬(ବ୍ୟୁରୋ)

- ୮ଲକ୍ଷ ତୋଳାଳି ଉପକୃତ, ୧୬୬ କୋଟି ଆୟ
- ସରକାରଙ୍କ ଖର୍ଚ୍ଚ ବିନା ମିଳିଲା ରୋଜଗାର

ରାଜ୍ୟରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜଙ୍ଗଲ ନିକଟସ୍ଥ ଅଧିବାସୀ ବର୍ଷ ସାରା ରୋଜଗାର ପାଇଥାନ୍ତି। ତେଣୁ ସରକାର ସ୍ୱତନ୍ତ୍ର ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରି ସୁବିଧା ଯୋଗାଇ ଦେଇ ଆସୁଛନ୍ତି। ବର୍ତ୍ତମାନ କରୋନା ମହାମାରୀ ସମୟରେ ରୋଜଗାର ମିଳିବା କଷ୍ଟକର ହୋଇପଡିଛି। ପରିବାର ପାଇଁ ଦୁଇ ମୁଠା ଖାଇବା ଯୋଗାଡ କରିବାରେ ଅର୍ଥାଭାବ ଦେଖାଦେଇଛି। ଏଭଳି ସଙ୍କଟ ସମୟରେ ସରକାରଙ୍କ ବିନା ଖର୍ଚ୍ଚରେ ଜଙ୍ଗଲ ଜାତ ଦ୍ରବ୍ୟ ତଥା ସବୁଜ ହୀରା (କେନ୍ଦୁପତ୍ର) ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି ରୋଜଗାର ହରାଇଥିବା ୮ ଲକ୍ଷ ପରିବାର।

ମିଳିଥିବା ରିପୋର୍ଟ ଅନୁସାରେ, ଚଳିତବର୍ଷ ରାଜ୍ୟରେ ୨ ଲକ୍ଷ ୫୦ ହଜାର କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ହେବାର ଲକ୍ଷ୍ୟ ରହିଥିଲା। ବର୍ତ୍ତମାନ ସୁଦ୍ଧା ୯୧ ପ୍ରତିଶତ ପତ୍ର ସଂଗ୍ରହ ହୋଇସାରିଛି। ଏ ସମ୍ପର୍କରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି କହିଛନ୍ତି ଯେ,ରାଜ୍ୟର ବିଭିନ୍ନ ଜିଲାରେ କେନ୍ଦୁପତ୍ର ସଂଗ୍ରହ ହୋଇଥିବା ବେଳେ ପଶ୍ଚିମ ଓଡିଶାର ଅଧିକାଂଶ ଜିଲାରୁ ଉନ୍ନତମାନର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ପ୍ରତିବର୍ଷ ୨ ଲକ୍ଷ ୫୦ ହଜାର କୁଇଣ୍ଟାଲ ପତ୍ର ସଂଗ୍ରହ କରିବାର ଲକ୍ଷ୍ୟ ରହିଥାଏ। ଗତ ବର୍ଷ ପାଣିପାଗ ଓ କରୋନା କଟକଣା ଯୋଗୁ ଏହି ଲକ୍ଷ୍ୟ ପୂରଣ ହୋଇ ନ ଥିଲା। ମାତ୍ର ୧୧୯ କୋଟି ଟଙ୍କାର ପତ୍ର ସଂଗ୍ରହ ହୋଇ ପାରିଥିଲା। ହେଲେ ୨୦୨୦–୨୧ ଆର୍ଥିକ ବର୍ଷରେ ଲକ୍ଷ୍ୟ ହାସଲ ହୋଇଛି। ଏପର୍ଯ୍ୟନ୍ତ ୧୬୬ କୋଟି ୫୦ ଲକ୍ଷ ଟଙ୍କା କାରବାର ହୋଇଛି। ଗତବର୍ଷ ଅପେକ୍ଷା ୪୭ କୋଟି ୫୦ ଲକ୍ଷ ଟଙ୍କାର ଅଧିକ କାରବାର ହୋଇଛି। ଏହାଦ୍ୱାରା ସିଧାସଳଖ ରାଜ୍ୟର ୮ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହୋଇ ପାରିଛନ୍ତି। ସେମାନେ ଏପ୍ରିଲ ୨୦ ତାରିଖ ଠାରୁ ମେ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟରେ ନିୟୋଜିତ ରୁହନ୍ତି। ଦିନକୁ ପ୍ରାୟ ୩ରୁ ୪ ଘଣ୍ଟା ପରିଶ୍ରମ କରି ମାସିକ ୩ରୁ ୪ ହଜାର ଟଙ୍କା ରୋଜଗାର କରି ପାରିଛନ୍ତି। ଆଗକୁ ୫୦ ପ୍ରତିଶତ ବୋନସ ମଧ୍ୟ ପାଇବେ। ମହାମାରୀ ସମୟରେ ଏହି ଟଙ୍କା କେନ୍ଦୁପତ୍ର ତୋଳାଳି ପରିବାର ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଏଥିପାଇଁ ସରକାରଙ୍କ ରାଜକୋଷରୁ ଖର୍ଚ୍ଚ କରାଯାଉନାହିଁ। କେବଳ ତୋଳାଳି ପରିବାର ଏଥିଯୋଗୁ ଉପକୃତ ହୋଇନାହାନ୍ତି , ଅକ୍ଟୋବର ମାସ ସୁଦ୍ଧା ୨୦ ହଜାର କୁଶଳୀ ଶ୍ରମିକ ଓ ୧୮ ହଜାର ପତ୍ର ବନ୍ଧାଳି ଶ୍ରମିକଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ହେଲେ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ୨୮ ପ୍ରତିଶତ ଜିଏସଟି ଓ ବିଡି ଉପରେ ମଧ୍ୟ ଜିଏସଟି ଲାଗୁ କରିଛନ୍ତି। ଏହା ସିଧାସଳଖ ବିଡି ବ୍ୟବସାୟ ଉପରେ ପ୍ରଭାବ ପକାଇଛି। ତେଣୁ ଶ୍ରମିକମାନଙ୍କୁ ସମସ୍ୟା ଭୋଗିବାକୁ ପଡୁଛି ବୋଲି ମହାନ୍ତି କହିଛନ୍ତି।


ମହିଳାମାନେ କେନ୍ଦୁପତ୍ର ବନ୍ଧେଇ କରୁଛନ୍ତି।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ଲୁନା ଚାଳକ ମୃତ

ବିରିଡି,୬।୬(ଡି.ଏନ.ଏ): ବିରିଡି ଥାନା ଅନ୍ତର୍ଗତ ୫୫ ନଂ.ଜାତୀୟ ରାଜପଥର ଅଣଖିଆ ଛକ ନିକଟରେ ଏକ ବୋଲେରୋ ଧକ୍କାରେ ରବିବାର ଅପରାହ୍ନରେ ଜଣେ ଲୁନା ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତରିକୁନ୍ଦ ଗ୍ରାମର ସୁକାନ୍ତ ସିଂ (୩୫)। ସେ ଥାନା ଅନ୍ତର୍ଗତ ତାଞ୍ଛଣାବ୍ରହ୍ମପୁର ସିଂହ ସାହିରୁ ଢଳେଇ କାମ ସାରି ଲୁନାରେ ଘରକୁ ଫେରୁଥିଲେ। ଏହି ସମୟରେ କଟକରୁ ଜଗତସିଂହପୁର ଅଭିମୁଖେ ଯାଉଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁକାନ୍ତଙ୍କ ମୃତ୍ୟୁ ଘଟିଛି। ଖବରପାଇ ବିରିଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଓ ଲୁନାକୁ ଜବତ କରିଛି। ଏଥିସହ ସୁକାନ୍ତଙ୍କ ମୃତଦେହ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଫୁଟବଲ କୋଚ୍‌ଙ୍କ ପାଇଁ ସ୍ମୃତିସଭା

ଆଳି,୬।୬(ଡି.ଏନ.ଏ.): ଆଳି ଆଥ୍‌ଲେଟିକ୍ ଆସୋସିଏଶନ ସଭାଗୃହରେ ଆସୋସିଏଶନର ସଭାପତି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଅଧକ୍ଷତାରେ ପୂର୍ବତନ ମହିଳା ଫୁଟବଲ କୋଚ୍ ନନ୍ଦ କିଶୋର ପଟ୍ଟନାୟକଙ୍କ ସମେତ ମହମ୍ମଦ ୟୁନୁସ୍, ଓ କିଶୋର ଦାସଙ୍କ ପାଇଁ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଜୟାନନ୍ଦ ସେନାପତି, ଆଳି ମହିଳା ଫୁଟବଲ ଦଳର ପ୍ରଶିକ୍ଷକ ସୁଶାନ୍ତ କୁମାର ମଲ୍ଲିକ୍, ସଭ୍ୟ ସଦାନନ୍ଦ ସିଂ, ଆଳି କ୍ରିକେଟ୍ ଆଣ୍ଡ ସ୍ପୋର୍ଟସ କାଉନସିଲର ମୁଖପାତ୍ର ଭଗବାନ ନାୟକ, ରବୀନ୍ଦ୍ର ମହାନ୍ତି, ଶୈଳେନ୍ଦ୍ର ମଲ୍ଲିକ,ଭାରତ ମଲ୍ଲିକ, ଶୁକଦେବ ଗୋଚ୍ଛାୟତ, ଶଙ୍କର୍ଷଣ ମଲ୍ଲିକ, ଭାଗବତ ସେଠୀ, ଧୀରେନ୍ଦ୍ର ମଲ୍ଲିକ ଓ ମହିଳା ଫୁଟବଲ ଦଳର ସମସ୍ତ ଖେଳାଳୀ ସ୍ମୃତିଚାରଣ କରିଥିଲେ।

### ସମ୍ମୁଖ ଯୋଦ୍ଧାଙ୍କୁ କରୋନା କିଟ୍ ବଣ୍ଟନ

ବିରିଡି,୬।୬(ଡି.ଏନ.ଏ):ବିରିଡ଼ି ବ୍ଲକ ଅନ୍ତର୍ଗତ ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କରୋନା ଯୋଦ୍ଧାମାନଙ୍କୁ କରୋନା କିଟ୍ ବଣ୍ଟନ କରାଯାଇଛି। ଦିଲ୍ଲୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗୁଞ୍ଜ' ପକ୍ଷରୁ ବସୁମାତା ଅନୁଷ୍ଠାନ ସହାୟତାରେ ଏହାକୁ ପ୍ରଦାନ କରାଯାଇଥିଲା। ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ରାକେଶ କୁମାର ମହାନ୍ତି, ବାଗଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଶୁଭଦର୍ଶିନୀ ଦାଶ ଓ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଏହି କିଟ୍ ବଣ୍ଟନ କରିଥିଲେ । ଏହି ଅବସରରେ ୧୦ ଖବରଦାତା, ୨ ଡାକ୍ତର, ୨୩ ଆଶା କର୍ମୀ ଓ ୪ ଜଣ ଲେଖାଏଁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି କିଟ୍ ବଣ୍ଟନ କରାଯାଇଥିଲା। କିଟ୍‌ରେ ଅକ୍ସିମିଟର, ଥର୍ମୋମିଟର, ଔଷଧ, ଭିଟାମିନ୍, ମାସ୍କ, ସାନିଟାଇଜର, ଓଆରଏସ, ଗ୍ଲୋବ୍‌ସ୍ ଆଦି ରହିଛି । ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ କିଟ୍ ପ୍ରଦାନ କରାଯିବ ବୋଲି ବସୁମାତାର ସମ୍ପାଦକ ମହାନ୍ତି କହିଛନ୍ତି।

# ଓଡ଼ିଶା ତଟକୁ ସୁରକ୍ଷା ଦେବ ବନାନୀ

- କାଳି ଭଞ୍ଜଡିହାରେ ୟାସ୍ ପ୍ରଭାବହୀନ
- ୩,୫୦୦ ହେକ୍ଟର ଜମିରେ ବନୀକରଣ
- ୪୦୦ ହେକ୍ଟର ଅଞ୍ଚଳରେ ନୂତନ ହେନ୍ତାଳବଣ

କେନ୍ଦ୍ରାପଡ଼ା ଅଫିସ, ୬।୬

ଜାତୀୟ ଉଦ୍ୟାନ ଭିତରକନିକା ନିକଟରେ ମେ' ୨୬ରେ ହୋଇଥିବା ସାମୁଦ୍ରିକ ଝଡ଼ ୟାସ୍‌ର ବେଗ ଘଣ୍ଟା ପ୍ରତି ୧୪୫ କି.ମି.ରୁ ଅଧିକ ଥିଲା। ଝଡ଼ ପ୍ରଭାବରେ ରଙ୍ଗଣୀ, ତାଲଚୁଆ, ସାତଭାୟା ଅଞ୍ଚଳ ମଧ୍ୟକୁ ସମୁଦ୍ର ଜୁଆର ମାଡ଼ି ଆସିଥିଲା। ଧନ ଜୀବନ ସଙ୍କଟରେ ପଡ଼ିଗଲା। ହାବେଳିଖଟିର ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ଅନ୍ୟୂନ ୧୦୦ ଗଛ ଉପୁଡ଼ିବା ସହ ୬ଟି ପର୍ଯ୍ୟଟକଙ୍କ ରହିବା ଘରର ଆଂଶିକ କ୍ଷତି ହୋଇଥିଲା। ତେବେ ଏହାଠାରୁ ନିମ୍ନରେ ଥିବା ଭିତରକନିକାସ୍ଥ କାଳିଭଞ୍ଜଡିହା ଦ୍ୱୀପାଞ୍ଚଳରେ ପ୍ରବଳ ପବନ ମାଡ଼ ସହ ସମୁଦ୍ର ଜୁଆର ମାଡ଼ି ଯାଇଥିବା ବେଳେ କ୍ଷତିର ପରିମାଣ ନଗଣ୍ୟ ଅଛି। ଏହି ୮.୫ ବର୍ଗ କି.ମି. ଅଞ୍ଚଳରେ ଥିବା ହେନ୍ତାଳବଣ ୟାସ୍ ପ୍ରଭାବକୁ ହ୍ରାସ କରିଦେଇଛି। ସାମୁଦ୍ରିକ ଝଡ଼ ପ୍ରଭାବକୁ ହେନ୍ତାଳବଣ ରୋକିପାରିବ ବୋଲି କାଳିଭଞ୍ଜଡିହା ଏହାର ଉଦାହରଣ ପାଲଟିଛି। ଏହା ରାଜ୍ୟ ସରକାର, ସ୍ଥାନୀୟ ଅଧିବାସୀ, ପରିବେଶବିତ୍‌ମାନେ ହୃଦୟଙ୍ଗମ କରିଛନ୍ତି। ଓଡ଼ିଶାର ସମୁଦ୍ର ତଟକ୍ଷୟ, ଧନଜୀବନ ନଷ୍ଟକୁ ବନ୍ୟା, ବାତ୍ୟା ଓ ସୁନାମି ସମୟରେ ରକ୍ଷା ପାଇଁ ୩,୫୦୦ ହେକ୍ଟର ତଟାଞ୍ଚଳରେ ସବୁଜ ବନାନୀ ସୃଷ୍ଟି ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ୪୦୦ ହେକ୍ଟର ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି ହେବ ବୋଲି ପଦାଧିକାରୀମାନେ ସୂଚନା ଦେଇଛନ୍ତି।



ପେଣ୍ଠ ନିକଟରେ ହେନ୍ତାଳବଣ।

ପରିବେଶବିତ୍ ହେମନ୍ତ କୁମାର ରାଉତ, ଶ୍ରୀକାନ୍ତ ନାୟକ, ଦୋଳଗୋବିନ୍ଦ ଜେନା, ଆଲୋକ ପରିଡ଼ା ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ସବୁବେଳେ ସାମୁଦ୍ରିକ ଝଡ଼, ବନ୍ୟା ଓ ସୁନାମି ଭୟ ରହିଛି। ୧୯୯୯ ମହାବାତ୍ୟାଠାରୁ ଅଦ୍ୟାବଧି ୬ଟି ପ୍ରଭାବଶାଳୀ ସାମୁଦ୍ରିକ ଝଡ଼ ସହ ପ୍ରତିବର୍ଷ ବନ୍ୟା ହେଉଥିଲେ ମଧ୍ୟ ଭିତରକନିକା ହେନ୍ତାଳବଣ ପାଇଁ କ୍ଷତି ପରିମାଣ ଅନ୍ୟ ସ୍ଥାନଠାରୁ କମ ରହିଛି। ମହାବାତ୍ୟା ସମୟରେ ସୁନାମି ପରି ସମୁଦ୍ର ଜୁଆର କୂଳ ଲଙ୍ଘିଥିଲା। ତେବେ ଏହି ସମୟରେ ୧୦ ହଜାରରୁ ଅଧିକଙ୍କ ଜୀବନ ଯାଇଥିବା ବେଳେ ମାତ୍ର ୩୯୭ଜଣ ଏହି ଜିଲାର ଅଧିବାସୀଙ୍କର ମୃତ୍ୟୁ ହୋଇଥିଲା। ୟାସ୍ ଝଡ଼ରେ ମଧ ଏହି ଘଟଣା ଦେଖିବାକୁ ମିଳିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାର ୧୫୦ଗାଁକୁ ଏହା ପ୍ରଭାବ ପକାଇଛି। ଭିତରକନିକାରେ ମାତ୍ର ୪୮.୩୭ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି। ଅପରପକ୍ଷରେ ଏହା ମଧରେ ଥିବା କାଳିଭଞ୍ଜଡିହା ଦ୍ୱୀପାଞ୍ଚଳ ଆଶ୍ଚର୍ଯ୍ୟଜନକ ଭାବେ ସାମୁଦ୍ରିକ ଝଡ଼କୁ ସମ୍ମୁଖୀନ କରିଛି। ଏହି ୮.୫ ବର୍ଗ କି.ମି. ପରିଧି ମଧରେ ପୃଥିବୀରେ ଦେଖାଯାଉଥିବା ୭୦% ହେନ୍ତାଳ ପ୍ରଜାତିର ଗଛ ଅଛି। ଏହି ଅଞ୍ଚଳରେ ଗୋଟିଏ ହେଲେ ଗଛ ଉପୁଡ଼ିବା ଅଥବା ତଟକ୍ଷୟ ଦେଖାଯାଇନାହିଁ। ଫଳରେ ହେନ୍ତାଳବଣ ହିଁ ବନ୍ୟା, ବାତ୍ୟା ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରାଚୀର ହେବ ବୋଲି ସେମାନେ ମତ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବନ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦଙ୍କୁ ପଚାରିବାରେ ରାଜ୍ୟ ସରକାର ଚଳିତବର୍ଷ ସମୁଦ୍ର ତଟାଞ୍ଚଳରେ ୩,୫୦୦ହେକ୍ଟର ଅଞ୍ଚଳରେ ବନୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଅଞ୍ଚଳରେ ଝାଉଁ ଓ କାଜୁ ଚାରା ଲଗାଯିବ। ସେହିପରି ଏବେ ରାଜ୍ୟରେ ମୋଟ ୨୨୦ ବର୍ଗ କି.ମି. ହେନ୍ତାଳ ବଣ ଅଛି। ଅଧିକ ୪୦୦ ହେକ୍ଟର ଜମିରେ ହେନ୍ତାଳବଣ ସୃଷ୍ଟି ହୋଇପାରିଲେ ବାତ୍ୟା, ବନ୍ୟା, ସୁନାମି ଭୟ କିଛି ପରିମାଣରେ କମିଯିବ। ସେହିପରି ତଟକ୍ଷୟକୁ ରୋକାଯାଇପାରିବ ବୋଲି ନିର୍ଦ୍ଦେଶକ ନନ୍ଦ କହିଛନ୍ତି। ଡିଏଫ୍‌ଓ ବିକାଶ ଚନ୍ଦ୍ର ଦାଶ କହିଛନ୍ତି, ସମୁଦ୍ର ତଟକ୍ଷୟକୁ ରୋକିବା ଆମର ପ୍ରଥମ କର୍ତ୍ତବ୍ୟ ହୋଇଛି। ଏଥିପାଇଁ ପରିବେଶକୁ ନଷ୍ଟ କରୁଥିବା ଚିଙ୍ଗୁଡ଼ି ଘେରିର ଉଚ୍ଛେଦକୁ ଗୁରୁତ୍ୱ ଦିଆଯାଇଛି। ଏହି ସ୍ଥାନରେ ହେନ୍ତାଳବଣ ସୃଷ୍ଟି ହେବ। ଏଥିପାଇଁ ନୂତନ ଚାରା ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଛି।

### ନବବଧୂଙ୍କୁ ହତ୍ୟା ଅଭିଯୋଗ

ଡେରାବିଶ,୬।୬(ସ୍ୱ.ପ୍ର.)

ଡେରାବିଶ ଥାନା ଏଣ୍ଡର ପଞ୍ଚାୟତ ଗଉଡୁଣୀପୋଖରୀ ଗାଁରେ ରବିବାର ଜଣେ ନବବଧୂଙ୍କୁ ଯୌତୁକ ଲାଗି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ନବବଧୂ ହେଲେ ଗଉଡୁଣୀପୋଖରୀ ଗାଁର ରାଜେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ସୁଜାତା (୨୦)। ସୁଜାତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା କଟକ ଜିଲା ମାହାଙ୍ଗା ଥାନା ଭରତପଡ଼ା ଗାଁର ପଞ୍ଚାନନ ମଲ୍ଲିକ ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ଥାନାରେ ନଂ.୧୨୫/୨୧ରେ ମାମଲା ରୁଜୁ କରିଛି। ପୋଲିସ ମୃତାଙ୍କ ଶ୍ୱଶୁର ହୃଷୀକେଶ, ଶାଶୁ କନକଲତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣାର ତଦନ୍ତ ଜାରି ରହିଥିବା ଏସ୍‌ଆଇ ଜନ୍ମିତା ସାସ୍‌ମଲ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୦୨୦ରେ ରାଜେନ୍ଦ୍ର ପଞ୍ଚାନନଙ୍କ ଝିଅଙ୍କୁ ବିବାହ କରିଥିଲେ। ବିବାହ ସମୟରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ସହ ସମସ୍ତ ଆସବାବପତ୍ର ଦିଆଯାଇଥିଲା। ବିବାହ ପରଠାରୁ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବିକରି ସୁଜାତାଙ୍କୁ ଶାଶୁଘର ପକ୍ଷରୁ ନିର୍ଯାତନା ଦିଆଯାଉଥିଲା। ସୁଜାତାଙ୍କ ପରିବାର ଲୋକେ ଶାଶୁ ଘର ଆସି ସମାଧାନ କରାଯାଇଥିବା ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ସୁଜାତାଙ୍କୁ ତାଙ୍କ ଶାଶୁଘର ପରିବାର ବାଡ଼େଇ ବାଡ଼େଇ ମାରି ଦେଇଥିବା ଅଭିଯୋଗରେ ପଞ୍ଚାନନ ଉଲ୍ଲେଖ କରିଛନ୍ତି। ସୁଜାତାଙ୍କ ମୃତଦେହକୁ ଜବତ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି।

# ନୁଆଁଣିଆ ଚାଳ ଛପର ଘରେ ଜୀବନ

- ଆଦିବାସୀ ବୋଲି ମିଳୁନି ଛାତ, ଭାତ, ଭତ୍ତା, ଆଲୁଅ
- ୨୩ ବର୍ଷ ହେଲା ମିଳିନି ବିଧବା ଭତ୍ତା

ମହାକାଳପଡ଼ା,୬।୬(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁର ଗରିବ ଆଦିବାସୀ ପରିବାରଙ୍କ ବିକାଶ ପାଇଁ ଅର୍ଥ ବ୍ୟୟ ହେଉଛି। ପ୍ରତ୍ୟେକ ବର୍ଷ ଗାଁର ବିକାଶ ପାଇଁ ପଞ୍ଚାୟତ ପାଣ୍ଠିକୁ ଆସୁଛି ଟଙ୍କା। ହେଲେ ଗାଁ ବିକାଶ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡ଼େ। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ବଉଳକଣି ପଞ୍ଚାୟତ ୧୩ ନଂ. ୱାର୍ଡ ଗରିବ ଆଦିବାସୀ ପରିବାରକୁ ମିଳୁନି ମୌଳିକ ସେବା। ନୁଆଁଣିଆ ଚାଳଛପର ଘରେ ଏମାନେ ଦିନ କାଟୁଛନ୍ତି।

ଆଦିବାସୀ ଗରିବ ପରିବାର ପାର୍ବତୀ ସିଂ (୭୫) ୧୯୯୮ରେ ସ୍ୱାମୀଙ୍କ ମୃତ୍ୟୁ ପରେ ୨୩ ବର୍ଷ ହେଲା ବିଧବା ଭତ୍ତା ପାଇନାହାନ୍ତି। ଏହି ଆଦିବାସୀ ଗାଁକୁ ଆବାସ ଯୋଜନା, ବିଦ୍ୟୁତ୍ ସେବା, ଶୌଚାଳୟ, ରାଶନ ସାମଗ୍ରୀ ମିଳୁନାହିଁ। ଗାଁକୁ ଭଲ ରାସ୍ତାଟିଏ ନାହିଁ। ସେହିପରି ଫୁଲ ସିଂ(୭୦)ଙ୍କ ସ୍ୱାମୀ ବୁଦ୍ଧିଆ ଆଜକୁ ୩୦ବର୍ଷ ପୂର୍ବେ ଘର ଛାଡ଼ି ବାଲେଶ୍ୱର ଯାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସ୍ୱାମୀଙ୍କ ବାଟକୁ ଚାହିଁ ବସିଛନ୍ତି ଫୁଲ। ତଥାପି ସ୍ୱାମୀ ପରିତ୍ୟକ୍ତାଙ୍କୁ ସରକାରୀ ଭତ୍ତା ମିଳିନି। ଅନ୍ୟପକ୍ଷେ ଫୁଲଙ୍କ ପୁଅ ଶୁକ୍ ସିଂ (୪୦) ଓ ଝିଅ କୁନି ସିଂ (୩୫)ଙ୍କ ବୋଝ ବୁହାଉଛନ୍ତି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ସଞ୍ଜ ହେଲେ ଡିବିରି ଆଲୁଅ ଭରସା। ବର୍ଷା ପବନ ହେଲେ ଘର ଚତୁଃପାର୍ଶ୍ୱରେ ପାଣି ଜମି ରହୁଛି। ମଶାବଂଶ ବୃଦ୍ଧି ପାଉଛି। ଗାଁରେ ଅସୁସ୍ଥ ରୋଗୀଙ୍କୁ ଚିକିତ୍ସା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ସେବା ସାତସପନ। ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ଗାଁରେ ନିର୍ମାଣ ହୋଇନି। ଏହି ଆଦିବାସୀ ପରିବାର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଜନପ୍ରତିନିଧିମାନେ ଭୋଟ ପରେ ନିରୀହ ଆଦିବାସୀଙ୍କୁ ଭୁଆଁ ବୁଲାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଦୁଃଖୀ ମଣିଷର ସବୁବେଳେ ଦୁଃଖଥାଏ ବୋଲି ପାର୍ବତୀ ସିଂ କହିଛନ୍ତି। ବାତ୍ୟା ଆସିଲେ ଆମକୁ ଭୟ ଲାଗେ। କାରଣ ଚାଳ ଛପର ଘରକୁ ବିପଦ ମାଡ଼ିଆସେ। ଛାତ ଘର ନାହିଁ ବୋଲି ଜୀବନ ବିକଳରେ ପଡିରହିଛୁ ଏହି ନୁଆଁଣିଆ ଚାଳ ଘରେ। ଆମେ ଶୁଣିଛୁ ମୁଖ୍ୟମନ୍ତ୍ରୀ ଗରିବ ଆଦିବାସୀ ପରିବାରକୁ ସବୁ ସାହାଯ୍ୟ କରୁଛନ୍ତି। ତେବେ ଫୁଲଙ୍କ କହିବା କଥା ଆମ ଆଦିବାସୀ ପରିବାରଙ୍କ ଦୁଃଖ କାହିଁକି ମୁଖ୍ୟମନ୍ତ୍ରୀ ଶୁଣୁନାହାନ୍ତି। ଏମାନଙ୍କ ଭଳି ଗାଁର ଅନେକ ଆଦିବାସୀ ପରିବାର ମୌଳିକ ସେବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହି ଗରିବ ଆଦିବାସୀ ପରିବାରକୁ ସରକାରୀ ମୌଳିକ ସେବା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।



ନୁଆଁଣିଆ ଚାଳ ଛପର ଘରେ ରହୁଥିବା ଆଦିବାସୀମାନେ।



ଆଦିବାସୀ ଗାଁକୁ ଯାଇଥିବା ରାସ୍ତା କାଦୁଅରେ ପୂର୍ଣ୍ଣ।

# ଗାଁ ମଶାଣିକୁ ରାସ୍ତା ନାହିଁ: ମୃତଦେହ ଦାହକୁ ନେଇ ଚିନ୍ତା

ଜଗତସିଂହପୁର ଅଫିସ, ୬।୬

ଜଗତ୍‌ସିଂହପୁର ସହରକୁ ଲାଗି ତରଡ଼ାପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏକ ଉଚ୍ଚଶିକ୍ଷିତ ଗାଁ ହେଉଛି ପାଟେଣୀଗାଁ। ଏହି ଗାଁରେ ବିଶିଷ୍ଟ ନାଟ୍ୟକାର ଭାଗୀରଥି ଦାସ, ନାଇଜରର କୁଳସଚିବ ଅଭୟ ନାୟକଙ୍କ ସମେତ ଏକାଧିକ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ଘର। କିନ୍ତୁ ଦୁଃଖର କଥା ହେଲା ଏ ପର୍ଯ୍ୟନ୍ତ ପାଟେଣୀ ଗାଁ ମଶାଣିକୁ ରାସ୍ତାଟିଏ ହୋଇପାରି ନାହିଁ। ଏହି କାରଣରୁ ଗ୍ରାମର କୌଣସି ଲୋକଙ୍କ ମୃତ୍ୟୁ ହେଲେ ମୃତଦେହ ଦାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ବିଶେଷକରି ବର୍ଷାଦିନେ ଗାଁ ମଶାଣିକୁ ଯିବାରେ ଅସୁବିଧା ହୋଇଥାଏ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ଆଇନଜୀବୀ ବାସୁଦେବ କୁହନ୍ତି, ମେ'୨୭ ରେ ପାଟେଣୀ ଗାଁର ବରିଷ୍ଠ ବ୍ୟକ୍ତି ଭୁବାନାନନ୍ଦ ବରାଳଙ୍କ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ବରାଳଙ୍କ ସହ ବାସୁଦେବଙ୍କ ନିବିଡ଼ତା ଥିବାରୁ ଖବର ପାଇ ସେ ତାଙ୍କ ଘରେ ପହଞ୍ଚି ମୃତଦେହ ସଂସ୍କାର ପାଇଁ ମଶାଣିକୁ ବାହାରିଥିଲେ। ବରାଳଙ୍କ ଘରଠାରୁ ୧ କିଲୋମିଟର ଦୂରରେ ମଶାଣି ଥିଲେ ମଧ ରାସ୍ତା ନ ଥିବାରୁ ପ୍ରଥମେ କେହି ଆଗ୍ରହ ପ୍ରକାଶ କରି ନ ଥିଲେ। ଏହାସତ୍ତ୍ୱେ ବାସୁଦେବ କାନ୍ଧରେ ମୃତଦେହ ନେଇ ମଶାଣିକୁ ଯିବାକୁ ବାହାରିଥିଲେ। ତାଙ୍କ ଆଗ୍ରହ ଦେଖି ଅନ୍ୟମାନେ ମଧ ଆଗେଇ ଆସିଥିଲେ। କିନ୍ତୁ ମଶାଣି ପୂର୍ବରୁ ପାଖାପାଖି ୩୦୦ ହାତ ଯିବା ବହୁତ କଷ୍ଟକର ହୋଇଯାଇଥିଲା। ଏହି ରାସ୍ତାରେ ୨ ଫୁଟ ଉଚ୍ଚର ପାଣି ଜମି ରହିଥିଲା । ଏନେଇ ମଶାଣିରେ କିପରି ପହଞ୍ଚିବେ ସେନେଇ ସମସ୍ତଙ୍କ ଚିନ୍ତା ବଢ଼ିଯାଇଥିଲା। ବହୁ କଷ୍ଟରେ ଶେଷରେ ମଶାଣିରେ ପହଞ୍ଚି ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଗାଁ ମଶାଣିକୁ ଯିବା ପାଇଁ ଏ ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ ବାସୁଦେବ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦିନ ବେଳେ ଯଦି ଏଭଳି ସମସ୍ୟା, ତେବେ ରାତି ହେଲେ ଲୋକେ କିଭଳି ପରିସ୍ଥିତି ସୃଷ୍ଟି ହେଉଥିବ ତାହା ସହଜେ ଅନୁମେୟ। ଆଉ ବର୍ଷା ଦିନ କଥା ନ କହିଲେ ଭଲ। ବିକାଶ ନାଁରେ କେବଳ ମିଥ୍ୟା ପ୍ରଚାର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବାସୁଦେବ ଚେତାବନୀ ଦେଇଛନ୍ତି। କେବଳ ପାଟେଣୀଗାଁ ନୁହେଁ ଜିଲାର ଅନେକ ଗ୍ରାମରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ସରକାର ମଶାଣି ଘର କରି ଦେଇଛନ୍ତି ସତ। କିନ୍ତୁ ମଶାଣିକୁ ଯିବା ପାଇଁ ଥିବା ବାଟ ପ୍ରତି ଧ୍ୟାନ ଦେଉନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିପଦସଙ୍କୁଳ ଅବସ୍ଥାରେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

ନାଉଗାଁ,୬।୬(ସ୍ୱ.ପ୍ର.)

**ନାଉଗାଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ**

ନାଉଗାଁ ବ୍ଲକର ତହସିଲ କାର୍ଯ୍ୟାଳୟ ନିକଟରେ ରହିଛି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଏହା ୨୦୧୦-୧୧ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଥିଲା। ୨୦୧୧ ଏପ୍ରିଲ ୧ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଓ ଆଇନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୦ବର୍ଷ ହେବ ଉକ୍ତ କାର୍ଯ୍ୟାଳୟଟି ନିର୍ମାଣ କରାଯାଇଥିବା ବେଳେ ବର୍ଷ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କାର୍ଯ୍ୟାଳଟିର ତଳ ଦବି ପ୍ଲାଷ୍ଟର ଛାଡିଥିବା ବେଳେ ଲଗା ଯାଇଥିବା ସମ୍ମୁଖ ଫାଟକଟିରେ କଳଙ୍କି ଲାଗି ଗଲାଣି। ସେହିପରି ଛାତରୁ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସୁଛି। ଯନ୍ତ୍ରୀ ବସି କାର୍ଯ୍ୟ କରୁଥିବା କାର୍ଯ୍ୟାଳୟର କାନ୍ଥ ଫାଟି ଯାଇଛି। ଏହି ଘରେ ବସି କାମ କରିବାକୁ ଯନ୍ତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀ ନିରାପଦ ମଣୁନାହାନ୍ତି। ସେହିପରି ଅସରାଏ ବର୍ଷା ହେଲେ ଫାଟି ଥିବା ଛାତ ଏବଂ କାନ୍ଥରେ ପାଣି କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରୁଛି। ୧୬ ଟି ପଞ୍ଚାୟତର ଶୌଚାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି କାର୍ଯ୍ୟାଳୟରେ ରହୁଥିବା ବେଳେ କମ୍ପ୍ୟୁଟର ଆଦି ମଧ ରହିଛି। ବର୍ଷା ଯୋଗୁ ଅନେକ କାଗଜପତ୍ର ନଷ୍ଟ ହେଉଥିବା ବେଳେ କାମ କରିବାକୁ ବିଭିନ୍ନ ଅସୁବିଧା ହେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ କାର୍ଯ୍ୟାଳୟକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।



କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭାଙ୍ଗିରୁଜି ଗଲାଣି।

# ବ୍ରାହ୍ମଣୀ ସହ ସଂଯୋଗୀକରଣ ଯୋଜନା ବାଧାପ୍ରାପ୍ତ

**ପୋତା ଗୋବରୀ ନଦୀ ଲୋକଙ୍କ କବ୍‌ଜାରେ**

ପଟ୍ଟାମୁଣ୍ଡାଇ, ୬।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପୋତା ଗୋବରୀ ନଦୀ ଓ ପଠା ସରକାରୀ ଜମି ପ୍ରଭାବଶାଳୀ ବ୍ୟକ୍ତିମାନେ ହାତେଇ ନେବାରେ ସକ୍ଷମ ହୋଇଛନ୍ତି। ଫଳରେ ପଟ୍ଟାମୁଣ୍ଡାଇରେ ପ୍ରବାହିତ ୨୦କିମି ବ୍ୟାପୀ ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡୁଛି। ନଦୀ ପୋତି ହୋଇପଡିଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଜନସାଧାରଣଙ୍କ ଦାବି ଫଳରେ ଓଡ଼ିଶା ଷ୍ଟେଟ କନ୍‌ଷ୍ଟ୍ରକଶନ କମ୍ପାନୀ(ଓସିସି) ପକ୍ଷରୁ ଗୋବରୀ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରବାହିତ ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀକୁ ସଂଯୋଗ କରିବାକୁ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ଏହାର ଗମ୍ଭୀରତା ବିଚାରକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, କ୍ଷୀରୋଦ ମଲିକ, ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ନିକଟରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ବିଚାର କରି କେନ୍ଦ୍ରାପଡା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ବିଚାରପତି ମଳୟ କୁମାର ପ୍ରଧାନ କେସ୍ ନଂ. ୧୦/୨୦୨୧ରେ ଏକ ମାମଲା ଦାଏର କରିଥିଲେ। ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଗୋବରୀ ନଦୀ ଜମିକୁ ଚଞ୍ଚକତା କରି ପ୍ରଭାବଶାଳୀ ବ୍ୟକ୍ତିମାନେ ହାତେଇ ନେଇଛନ୍ତି। ଫଳରେ ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀକୁ ସଂଯୋଗ ନେଇ ସମସ୍ୟା ଦେଖାଦେଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରୀ ଓ ଗୋବରୀ ନଦୀ ଜମିକୁ ଉଦ୍ଧାର କରିବାକୁ ଅଞ୍ଚଳବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀ ନଦୀ ସଂଯୋଗ ହେଲେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ନଦୀ ଉପରେ ନିର୍ଭର କରୁଥିବା ଉଭୟପାର୍ଶ୍ୱର ଶତାଧିକ ଗାଁର ଅଧିବାସୀ ଉପକୃତ ହେବେ। ପୂର୍ବରୁ ପଟ୍ଟାମୁଣ୍ଡାଇଠାରେ ପ୍ରବାହିତ ବ୍ରାହ୍ମଣୀ ସହ ଗୋବରୀ ନଦୀରେ ସଂଯୋଗ ହୋଇଥିଲା। ଏହି ନଦୀ ଚିରସ୍ରୋତା ସହ ନୌବାଣିଜ୍ୟ ପରିବହନ ପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ୬୦ ଦଶକ ପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ତିଆରି ହେବା ସମୟରେ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ-ଗୋବରୀ ନଦୀର ସଂଯୋଗ ପଥକୁ ପୋତି ଦିଆଯାଇଥିଲା। ଏହା ବ୍ରାହ୍ମଣୀ ବନ୍ୟା ନିରୋଧକ ଦଶ ହଜାରି ବନ୍ଧ ଭାବେ ନାମିତ ରହିଛି। ତେବେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଗୋବରୀ ନଦୀ କ୍ରମଶଃ ପୋତି ଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡା ପୋତା ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ୧୯୩୦ରେ ହୋଇଥିବା ବନ୍ଦୋବସ୍ତରେ ହେରଫେର କରି ହାତେଇ ନେଇଛନ୍ତି। ପୋତି ହୋଇ ପଡିଥିବା ଗୋବରୀ ନଦୀ ଜାତୀୟ ସମ୍ପତ୍ତି ହୋଇଥିଲେ ମଧ ଜମିଦାରଙ୍କ ଗୁମାସ୍ତା, ଜମିଦାରଙ୍କ ପୁଅମାନଙ୍କଠାରୁ ହାତଲେଖା ଆଣି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗ ଦଖଲ କରିବା ସହ ଜଳାଶୟକୁ ବିକ୍ରିବଟା କରିଛନ୍ତି। ଜମିଦାରଙ୍କ ହାତଲେଖା ଦେଖାଇ ତହସିଲରେ ନାମ ଦରଜ କରିଥିବା ଲୋକ ୧୯୮୪ ଚକବନ୍ଦୀରେ ନିଜ ନାମରେ ପଟ୍ଟା କରାଇ ନେବାକୁ ସକ୍ଷମ ହୋଇଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ସବୁ ଜାଣି ମଧ କିପରି ଲୋକଙ୍କ ନାମରେ ରେକର୍ଡ କରିଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ଆଇନର ଆଶ୍ରୟ ନେବାକୁ ପଛାଇବେ ନାହିଁ ବୋଲି କହିଛନ୍ତି। ନଦୀ ପୋତି ହୋଇଯିବାରୁ ଉଭୟପାର୍ଶ୍ୱରେ ଥିବା ଶତାଧିକ ଏକର ଉର୍ବର ଚାଷଜମି ପାଣି ବିନା ପଡିଆ ପଡୁଛି। ଗୋବରୀ ନଦୀ ସମ୍ପୂର୍ଣ୍ଣ ଖନନ କରାଯାଇ ବ୍ରାହ୍ମଣୀ ସହ ସଂଯୋଗ କରାଗଲେ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ୫୦ ହଜାର ଚାଷୀଙ୍କ ଅର୍ଥନୈତିକ ଓ ସାମାଜିକ ଉନ୍ନତି ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଗୋବରୀ ନଦୀ ପୋତି ହୋଇଯାଇଛି।

## ସଂକ୍ଷେପରେ

### ବହୁଦେଶୀୟ କମ୍ପାନୀଙ୍କ ଟିକସ ନେଇ ଜି-୭ର ନିଷ୍ପତ୍ତି

**ନୂଆଦିଲ୍ଲୀ,୬।୬:** ଶନିବାର ଜି-୭ ରାଷ୍ଟ୍ର ସମୂହର ପ୍ରତିନିଧି ଓ ଅଧିକାରୀଙ୍କ ମଧ୍ୟରେ ଏକ ବିଶେଷ ବୈଠକ ଲଣ୍ଡନରେ ଅନୁଷ୍ଠିତ ହୋଇଯାଇଛି। ଗୁଗଲ, ଆପଲ୍ ଓ ଆମାଜନ ଭଳି ବହୁ ଦେଶୀୟ କମ୍ପାନୀଗୁଡିକ ଉପରେ ଟିକସ ଲାଗୁ କରିବା ଲାଗି ଉକ୍ତ ବୈଠକରେ ଏକ ଐତିହାସିକ ଚୁକ୍ତି ନେଇ ଜି-୭ ରାଷ୍ଟ୍ର ସମୂହ ସହମତି ପ୍ରକାଶ କରିଛନ୍ତି। ଫଳରେ ବହୁ ଦେଶୀୟ କମ୍ପାନୀଗୁଡିକ ଅନ୍ତତଃ ପକ୍ଷେ ୧୫% ଅନ୍ତଃରାଷ୍ଟ୍ରୀୟ କର୍ପୋରେଟ ଟିକସ ଦେବାକୁ ପଡିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ବ୍ରିଟେନର ଅର୍ଥମନ୍ତ୍ରୀ ଋଷି ସୁନକ ଅଧକ୍ଷତା କରି ବିଭିନ୍ନ ବିଷୟ ଉପରେ ମତାମତ ଲୋଡିଥିଲେ। ଏହାଦ୍ୱାରା ସରକାରୀ ରାଜକୋଷକୁ ଆବଶ୍ୟକ ପରିମାଣର ଟିକସ ଆସିବ। ଫଳରେ ଦେଶଗୁଡିକ ଏହାଦ୍ୱାରା ଲାଭବାନ ହୋଇପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ସର୍ବନିମ୍ନ କର୍ପୋରେଟ ଟିକସକୁ ନେଇ ଆସନ୍ତା ମାସରେ ଏକ ଐତିହାସିକ ରାଜିନାମା ହୋଇପାରେ। ଏହି ନିଷ୍ପତ୍ତି ଫଳରେ ଭାରତ ଲାଭବାନ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ କହିବା କଥା ବହୁଦେଶୀୟ କମ୍ପାନୀଗୁଡ଼ିକ ୧୫% ଟିକସ ପ୍ରଦାନ କଲେ ଦେଶର ବିକାଶ କାର୍ଯ୍ୟରେ ତାହା ବିନଯୋଗ ହୋହାଇପାରିବ।

### ୫ଜି ଟେକ୍ନୋଲୋଜି ସୁରକ୍ଷିତ:ସିଓଏଆଇ

**ନୂଆଦିଲ୍ଲୀ,୬।୬:** ଆଗାମୀ ଦିନରେ ଆସିବାକୁ ଥିବା ୫ଜି ଟେକ୍ନୋଲୋଜି ସୁରକ୍ଷିତ। ସ୍ୱାସ୍ଥ୍ୟ ଉପରେ ଏହାର କୌଣସି ପ୍ରଭାବ ପଡିବନାହିଁ। ବର୍ତ୍ତମାନ ଭ୍ରାନ୍ତ ଧାରଣା ଏବଂ ଗୁଜବ ସୃଷ୍ଟି ହୋଇଛି। କୌଣସି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ଟେଲିକମ୍ ଶିଳ୍ପ ସଂଘ ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ସିଓଏଆଇ) ପକ୍ଷରୁ ଲୋକମାନଙ୍କୁ ନିବେଦନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ୫ଜିକୁ ନେଇ ସବୁ ପ୍ରକାରର ପରୀକ୍ଷା ନିରୀକ୍ଷା କରାଯାଇଛି। ଏହା ଲୋକଙ୍କୁ କୌଣସି କ୍ଷତି ପହଞ୍ଚାଇବ ନାହିଁ। ୫ଜି ଟେକ୍ନୋଲୋଜି ଆସିଲେ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

# କାର୍ଯ୍ୟକାରୀ ଅପେକ୍ଷାରେ ଶ୍ରମ କୋଡ୍

- କମ୍ପାନୀଙ୍କ ଭବିଷ୍ୟନିଧି ଲାଏବିଲିଟି ବଢ଼ିବ
- କର୍ମଚାରୀଙ୍କ ହାତକୁ ଆସୁଥିବା ଅର୍ଥ କମିବ

**ନୂଆଦିଲ୍ଲୀ,୬।୬**

ଆଗାମୀ କିଛି ମାସରେ ୪ ଶ୍ରମ କୋଡ୍ ବିଲ୍ ଦେଶ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଆଇନକୁ ଲାଗୁ କରାଇବା ଲାଗି କେନ୍ଦ୍ର ସରକାର ପ୍ରସ୍ତୁତିର ଚୂଡାନ୍ତ ପର୍ଯ୍ୟାୟରେ ରହିଛନ୍ତି। ଏହା ଆସିଲେ କର୍ମଚାରୀଙ୍କ ହାତକୁ ଆସୁଥିବା ଅର୍ଥ କମିବାକୁ ଥିବା ବେଳେ କମ୍ପାନୀଙ୍କ ଭବିଷ୍ୟନିଧି ଲାଏବିଲିଟି ବଢ଼ିବ ବୋଲି କୁହାଯାଉଛି। ଆଗାମୀ ଦିନରେ ବେସିକ୍ ପେ ଏବଂ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ପ୍ରଦାନ ହିସାବରେ ମଧ୍ୟ ପରିବର୍ତ୍ତନ ଆସିବ। ଆସିବାକୁ ଥିବା ୪ କୋଡ୍ ମଧ୍ୟରେ ଇଣ୍ଡଷ୍ଟ୍ରିଆଲ ରିଲେସନ, ୱେଜେସ, ସୋସିଆଲ ସିକ୍ୟୁରିଟି ଏବଂ ଅକ୍ୟୁପେଶନାଲ ହେଲଥ ସେଫ୍ଟି ଆଣ୍ଡ ୱାର୍କିଂ କଣ୍ଡିସନ। ୪୪ କେନ୍ଦ୍ରୀୟ ଶ୍ରମ ଆଇନରେ ମିଶ୍ରଣରେ ଏହି କୋଡ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ୪ କୋଡ୍ ଲାଗି କେନ୍ଦ୍ର ନିୟମ ଚୂଡାନ୍ତ କରିସାରିଛି। ମାତ୍ର ରାଜ୍ୟଗୁଡିକ ପରିସରରେ ଆସୁଥିବା ନିୟମକୁ ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ଏବେ ଯାଏ



ଅନେକାଂଶ ରାଜ୍ୟ ସ୍ଥିତିରେ ନାହାନ୍ତି।

ଶ୍ରମ ପ୍ରସଙ୍ଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ନିୟମ ପ୍ରଣୟନ କରିପାରିବେ। ନିୟମକୁ ଚୂଡାନ୍ତ କରିବା ଲାଗି ବର୍ତ୍ତମାନ କିଛି ରାଜ୍ୟ ପ୍ରକ୍ରିୟା ଜାରି କରିଛନ୍ତି। ରାଜ୍ୟଗୁଡିକ କେବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବେ ତାକୁ ନେଇ ସବୁ ବେଳେ କେନ୍ଦ୍ର ଅପେକ୍ଷା କରିପାରିବ ନାହିଁ। ଏଣୁ ଆଗାମୀ କିଛି ମାସରେ ଏହି ନିୟମ ନେଇ ବିଜ୍ଞପ୍ତି ଜାରି କରିବାକୁ କେନ୍ଦ୍ର ତତ୍ପରତା ପ୍ରକାଶ କରିଛି। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କିଛି ରାଜ୍ୟ ଅଦ୍ୟାବଧି ଡ୍ରାଫ୍ଟ ନିୟମ ଜାରି କରିଛନ୍ତି। ଏହା ମଧ୍ୟରେ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ହରିୟାଣା, ଓଡ଼ିଶା, ପଞ୍ଜାବ, ଗୁଜରାଟ, କର୍ନାଟକ ଏବଂ ଉତ୍ତରାଖଣ୍ଡ ରହିଛି।

ନୂଆ ନିୟମରେ ଭତ୍ତାକୁ ୫୦%ରେ ସୀମାବଦ୍ଧ କରାଯାଇଛି। ଏହାର ଅର୍ଥ ହେଲା କର୍ମଚାରୀ ପାଉଥିବା ମୋଟ ବେତନର ପ୍ରାୟ ଅଧା ବେସିକ୍ ୱେଜ ବା ମୂଳ ବେତନ ହୋଇପାରେ। ଭବିଷ୍ୟନିଧି ପାଣ୍ଠିକୁ କେତେ ଯୋଗଦାନ ରହିବ ବେସିକ ୱେଜର ପ୍ରତିଶତକୁ ନେଇ ବିଚାର କରାଯିବ। ଏହା ମଧ୍ୟରେ ବେସିକ ପେ ଏବଂ ମହଙ୍ଗା ମଧ୍ୟ ରହିଛି। ବର୍ତ୍ତମାନ ନିଯୁକ୍ତିଦାତା ବେତନକୁ ଅନେକ ପ୍ରକାର ଭତ୍ତାରେ ବାଣ୍ଟି ଦେଉଛନ୍ତି। ଫଳରେ ମୂଳ ବେତନ କମ୍ ରହୁଛି। ଏହାଦ୍ୱାରା ଭବିଷ୍ୟନିଧି ଏବଂ ଆୟକର ଯୋଗଦାନ ମଧ୍ୟ ନିମ୍ନରେ ରହୁଛି। ନୂଆ ବିଲ୍‌ରେ ଭବିଷ୍ୟନିଧି ଯୋଗଦାନ ମୋଟ ବେତନର ୫୦% ହିସାବରେ ନିର୍ଦ୍ଧାରଣ କରାଯିବ। ଏହା ଲାଗୁ ହେଲେ କର୍ମଚାରୀଙ୍କ ହାତକୁ ଆସୁଥିବା ବେତନ କମିବ। ନିଯୁକ୍ତିଦାତାଙ୍କ ଭବିଷ୍ୟନିଧି ଲାଏବିଲିଟି ଅନେକ କ୍ଷେତ୍ରରେ ବୃଦ୍ଧି ହେବ। ଆଗାମୀ ଦିନରେ ବେତନ କୋଡ୍ ଅନୁସାରେ ନିଯୁକ୍ତିଦାତା ପ୍ରଦାନ କରୁଥିବା ସେମାନଙ୍କ ବେତନ ଢାଞ୍ଚାକୁ ପୁଣିଥରେ ପୁନର୍ଗଠନ କରିବେ। ଏହାଦ୍ୱାରା ଇଜ ଅଫ ଡୁଇଂ ବିଜ୍‌ନେସ୍‌ରେ ଉନ୍ନତି ଆସିବ ବୋଲି କୁହାଯାଇଛି।

# ଭାରତୀୟ କର୍ତ୍ତୃପକ୍ଷଙ୍କୁ ଚୋକ୍‌ସୀଙ୍କ ଖୋଲା ଆମନ୍ତ୍ରଣ

**ନୂଆଦିଲ୍ଲୀ,୬।୬:** ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଖୋଲା ଆମନ୍ତ୍ରଣ କରିଛନ୍ତି। ଯାହା ପଚାରିବାର ଅଛି ଆସି ପଚାରିପାରିବ ବୋଲି ଚୋକ୍‌ସୀ କହିଛନ୍ତି। ଚିକିତ୍ସା ପାଇଁ ଭାରତ ଛାଡିଛି। ମୁଁ ଜଣେ ନିୟମ ପାଳନ କରୁଥିବା ନାଗରିକ ବୋଲି ଚୋକ୍‌ସୀ ମତ ରଖିଛନ୍ତି। ୬୨ ବର୍ଷ ଏହି ଜୁଏଲର୍ସ ପିଏନ୍‌ବିର ୧୪ ହଜାର କୋଟି ଟଙ୍କାର ଋଣ ଠକେଇରେ ସମ୍ପୃକ୍ତି ଜଣାପଡ଼ିବା ପରେ ଭାରତରୁ ଆଣ୍ଟିଗୁଆ ପଳାୟନ କରିଥିଲେ। ସେଠାରୁ ତାଙ୍କୁ ଭାରତ ଫେରାଇ ଆଣିବା ଲାଗି ଭାରତ ସରକାର ପ୍ରକ୍ରିୟା ଜାରି କରିଥିବା ବେଳେ ସେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଡୋମିନିକାରେ ଠାବ କରାଯିବା ପରେ ସେଠାରେ ଏବେ ସେ ରହିଛନ୍ତି। ଡୋମିନିକା ହାଇକୋର୍ଟଙ୍କୁ ଚୋକ୍‌ସୀ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ସେ କହିଛନ୍ତି, ଭାରତୀୟ ଆଇନକୁ ମୁଁ କେବେ ଅବମାନନା କରିନାହିଁ। ଭାରତ ଛାଡ଼ିବା ବେଳେ ମୋ ବିରୋଧରେ କୌଣସି ୱାରେଣ୍ଟ ଜାରି କରାଯାଇ ନ ଥିଲା। ଆମେରିକାରେ ଚିକିତ୍ସା ପାଇଁ ଭାରତ ଛାଡ଼ିଥିଲି। ସେହିଭଳି ଡୋମିନିକା କୋର୍ଟଙ୍କ ଶୁଣାଣିଠାରୁ ଦୂରକୁ ଯିବାର କୌଣସି ଯୋଜନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଡୋମିନିକା କୋର୍ଟରେ ଚୋକ୍‌ସୀଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ତାଙ୍କ ସ୍ତ୍ରୀ ପ୍ରୀତି ବ୍ରିଟେନ ରାଣୀ ଏଲିଜାବେଥଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ନିବେଦନ କରିବେ ବୋଲି ଶୁଣାଯାଉଛି। ଚୋକ୍‌ସୀଙ୍କୁ ଆଣ୍ଟିଗୁଆ ଯିବାରେ ସେ ରାଣୀଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ଏବେ ପ୍ରସ୍ତୁତି ଜାରି ରହିଛି।

**'ମୋତେ ଯାହା ପଚାରିବାର ଅଛି ପଚାରିପାର'**



# ଭି-ମାର୍ଟ ପକ୍ଷରୁ ଅଫର

**ଭୁବନେଶ୍ୱର,୬।୬:** ଭାରତୀୟ ରିଟେଲ କମ୍ପାନୀ ଭି-ମାର୍ଟ ପକ୍ଷରୁ ଘରୱାପସୀ ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ଗ୍ରାହକ ସାନିଟାଇଜ ଏବଂ ସୋସିଆଲ ଡିଷ୍ଟାନ୍ସ ଅଭିଜ୍ଞତା ହାସଲ କରିପାରିବେ। ସାବିତ୍ରୀ ଏବଂ ରଜ ଉପଲକ୍ଷେ ରାଜ୍ୟର ଗ୍ରାହକଙ୍କ ଲାଗି ସୁରକ୍ଷିତ କ୍ରୟ ଲାଗି ବ୍ୟବସ୍ଥା କରାଯାଇଛି। କମ୍ପାନୀର ଷ୍ଟୋରରେ ମହିଳାଙ୍କ ଲାଗି ଫ୍ୟାଶନେବଲ ଏବଂ ଟ୍ରେଣ୍ଡିଂ କଲେକ୍ସନ ଉପଲବ୍ଧ ରହିଛି। ୧୯୯ ଟଙ୍କା ଆରମ୍ଭ ମୂଲ୍ୟରୁ ଶାଢ଼ୀ, ୬୪୯ ଟଙ୍କା ଆରମ୍ଭ ମୂଲ୍ୟରୁ ସାଲୱାର ସୁଟ, ୧୯୯ ଟଙ୍କା ଆରମ୍ଭ ମୂଲ୍ୟରେ ପ୍ଲାଜୋ, ୨୧୯ ଟଙ୍କା ଆରମ୍ଭ ମୂଲ୍ୟରେ କୁର୍ତ୍ତା ଏବଂ ୯୯୯ ଟଙ୍କାରେ ପାର୍ଟି ଲାଗି ଗାଉନ ମିଳୁଛି। ୪ ହଜାର ଟଙ୍କାର କ୍ରୟରେ ୨ ହଜାର ଟଙ୍କାର ଡ୍ୟୁଫେଲର ହ୍ୱିଲ ବ୍ୟାଗ୍ ମାତ୍ର ୧୯୯ ଟଙ୍କାରେ ମିଳିପାରିବ। ସେହିଭଳି ୨ ହଜାର ଟଙ୍କାର କ୍ରୟ ଉପରେ ୧ ହଜାର ଟଙ୍କାର ଡବଲ ବେଡଶିଟ ଏବଂ ତକିଆ କଭର ୯୯ ଟଙ୍କାରେ ମିଳିବ। କରୋନା କଟକଣା ମାନି ଷ୍ଟୋର ପରିଚାଳନା ହେଉଥିବା ଭି-ମାର୍ଟ ରିଟେଲର ସିଓଓ ବିନୀତ ଜୈନ କହିଛନ୍ତି।

# ଏଫ୍‌ପିଆଇଙ୍କ ନିବେଶ ୮ ହଜାର କୋଟି

**ନୂଆଦିଲ୍ଲୀ,୬।୬:** ଦେଶର ପୁଞ୍ଜି ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ୮ ହଜାର କୋଟି ଟଙ୍କାର ନିବେଶ କରିଛନ୍ତି। ଗତ ୪ କାରବାର ସେସନରେ ଏଭଳି ନିବେଶ ହୋଇଛି। କୋଭିଡ୍ ମାମଲା କମିବା ଏବଂ କର୍ପୋରେଟଗୁଡିକର ଲାଭ ଉନ୍ନତ ହେବା ଯୋଗୁ ଏହି ବର୍ଗରେ ନିବେଶକଙ୍କ ମନୋଭାବ ସକାରାତ୍ମକ ରହିଛି। ମେ ମାସରେ ଏହି ନିବେଶକମାନେ ୨୯୫୪ କୋଟି ଏବଂ ଏପ୍ରିଲରେ ୯୬୫୯ କୋଟି ଟଙ୍କାର ନେଟ ଉଠାଣ କରିଥିଲେ ବୋଲି ଡିପୋଜିଟୋରୀ ଡାଟାରୁ ସାମ୍ନାକୁ ଆସିଛି। ଜୁନ୍ ପହିଲାରୁ ୪ ତାରିଖ ଯାଏ ଏଫ୍‌ପିଆଇ ମୋଟ ୭୯୬୮ କୋଟି ନିବେଶ କରିଛନ୍ତି।

# ପ୍ରଭାବିତ ହେବନି କୃଷି କ୍ଷେତ୍ର

**ନୀତି ଆୟୋଗ କୃଷି ସଦସ୍ୟଙ୍କ ମତ**

**ନୂଆଦିଲ୍ଲୀ,୬।୬:** କରୋନା ଦ୍ୱିତୀୟ ଲହର ଯୋଗୁ ଦେଶର କୃଷି କ୍ଷେତ୍ର ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ ବୋଲି ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦ ରବିବାର କହିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ମେ ମାସରେ ଦେଶର ଗ୍ରାମାଞ୍ଚଳଗୁଡିକରେ ସଂକ୍ରମଣ ବ୍ୟାପିଥିଲା। ଏହି ମାସରେ କୃଷି ସମ୍ପର୍କିତ କାର୍ଯ୍ୟକଳାପ ବହୁତ କମ୍ ହୋଇଥାଏ। ବର୍ତ୍ତମାନ ଭାରତର ନୀତି ଧାନ, ଗହମ ଏବଂ ଆଖୁ ଭଳି ଫସଲ



ଲାଗି ବିଶେଷ ଭାବେ ଉଦ୍ଦିଷ୍ଟ ରହୁଛି। ଏ କ୍ଷେତ୍ରରେ ସବସିଡି, ମୂଲ୍ୟ ଏବଂ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଉଛି। ଡାଲି ଜାତୀୟ ଫସଲ ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରିବା ସହ ସଂଗ୍ରହ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ସେ ପୁଣି କହିଛନ୍ତି, ମେ ମାସରେ ଫସଲ ବୁଣିବା କିମ୍ବା କାଟିବା ଭଳି କାମ ହୋଇ ନ ଥାଏ। ଅଫ୍ ସିଜନ ଫସଲ ଏହି ସମୟରେ ହୋଇଥାଏ। ମାର୍ଚ୍ଚ କିମ୍ବା ଏପ୍ରିଲ ମଧ୍ୟ ଭାଗ ଯାଏ କୃଷି କାର୍ଯ୍ୟକଳାପ ଶୀର୍ଷରେ ରହିଥାଏ। ଏହା ପରବର୍ତ୍ତୀ ସମୟରେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଥାଏ। ମୌସୁମୀ ଆସିବା ପରେ କୃଷି କାର୍ଯ୍ୟକଳାପ ପୁଣି ଥରେ ବୃଦ୍ଧି ହୋଇଥାଏ। ଏଭଳି ସ୍ଥିତିରେ ମେ ମାସରୁ ଜୁନ୍ ମଧ୍ୟଭାଗ ଯାଏ ଶ୍ରମିକଙ୍କ ଉପଲବ୍ଧତା କମ୍ ରହିଥାଏ ତେବେ କୃଷି କ୍ଷେତ୍ର ଉପରେ କୌଣସି ପ୍ରଭାବ ପରିଲକ୍ଷିତ ହୋଇ ନ ଥାଏ।

## ଖେଳ ଖବର

# ଭାରତ-ବାଂଲାଦେଶ ମୁକାବିଲା ଆଜି

**ଦୋହା,୬।୬(ପି.ଟି.)**

ଫିଫା ବିଶ୍ୱକପ୍ ଓ ଏସିଆନ କପ୍ କ୍ୱାଲିଫାୟର୍ସରେ ଭାରତ ସୋମବାର ପଡୋଶୀ ବାଂଲାଦେଶକୁ ଭେଟିବ। ସ୍ଥାନୀୟ ଯାସିମ ବିନ୍ ହମାଦ ଷ୍ଟାଡିୟମରେ ସନ୍ଧ୍ୟାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବିଭିନ୍ନ ଦୃଷ୍ଟିକୋଣରୁ ଭାରତ ପାଇଁ ଗୁରୁତ୍ୱ ବହନ କରୁଛି। ଏସିଆନ କପ୍ ଆଶା ବଜାୟ ରଖିବାକୁ ହେଲେ ଭାରତକୁ ଏହି ମ୍ୟାଚ୍‌ରେ ଭଲ ଖେଳିବାକୁ ହେବ। ଅତିକମ୍‌ରେ ଭାରତ ବିଜୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ। ବିଶ୍ୱକପ୍‌ରେ ସ୍ଥାନ ହାସଲ ଦୌଡ଼ରୁ ଭାରତ ବାଦ୍ ପଡିସାରିଛି। ତେବେ ୨୦୨୩ ଏସିଆନ କପ୍‌ରେ ସ୍ଥାନ ହାସଲ କରିବା ପାଇଁ ଏହି ମ୍ୟାଚ୍ ସୁଯୋଗ ସୃଷ୍ଟି କରିଛି। ଗ୍ରୁପ୍ ଇ'ରେ ଭାରତ ୬ଟି ମ୍ୟାଚ୍ ଖେଳି ମାତ୍ର ୩ ପଏଣ୍ଟ ହାସଲ କରିଛି। ଭାରତ ଗୋଟିଏ ହେଲେ ବି ମ୍ୟାଚ୍‌ରେ ବିଜୟ ହାସଲ କରିପାରିନାହିଁ। ତେଣୁ ଭାରତ ଏସିଆନ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ପହଞ୍ଚିବାର କୌଣସି ଗ୍ୟାରେଣ୍ଟି ପାଇନାହିଁ। ପ୍ରତ୍ୟେକ ୮ଟି ଗ୍ରୁପ୍‌ରେ ଶ୍ରେଷ୍ଠ ୪ଟି ସ୍ଥାନ ଅଧିକାର କରିବାକୁ ଥିବା ଦଳ ଏସିଆନ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡକୁ ସିଧାସଳଖ ଉଠିବେ। ସେହିପରି ୮ଟି ଗ୍ରୁପ୍‌ର ଅନ୍ୟ ୪ଟି ସ୍ଥାନ ଅଧିକାର କରିବାକୁ ଥିବା ଦଳ ଓ ପ୍ରତ୍ୟେକ ଗ୍ରୁପ୍‌ର ସର୍ବନିମ୍ନ ସ୍ଥାନରେ ଥିବା ଦଳ ପ୍ଲେ- ଅଫ୍ ରାଉଣ୍ଡରେ ଅଂଶଗ୍ରହଣ କରିବେ। ଏଥିରୁ ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୮ଟି ଦଳ ପୁଣି ଥରେ କ୍ୱାଲିଫାଇଙ୍ଗ୍ ପ୍ରକ୍ରିୟାରେ ସାମିଲ ହେବାର ସୁଯୋଗ ପାଇବେ। ଶ୍ରେଷ୍ଠ ୪ଟି ସ୍ଥାନରେ ରହିଥିବା ଦଳଗୁଡିକ ମଧ୍ୟରୁ ୬ଟି ଦଳ ଭାରତଠାରୁ ଅଧିକ ପଏଣ୍ଟ ପାଇଛନ୍ତି। ତେଣୁ ଭାରତ ଏହି ମ୍ୟାଚ୍‌ରେ ବାଂଲାଦେଶକୁ ହରାଇବା ଅପରିହାର୍ଯ୍ୟ ହୋଇପଡିଛି। ବାଂଲାଦେଶକୁ ହରାଇ ପାରିଲେ ଆଇଗର ଷ୍ଟିମାକଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏସିଆନ କପ୍‌ର ତୃତୀୟ କ୍ୱାଲିଫାଇଙ୍ଗ୍ ରାଉଣ୍ଡରେ ସିଧାସଳଖ ପ୍ରବେଶ କରିବ।

**ବିଶ୍ୱକପ୍ କ୍ୱାଲିଫାୟର୍ସ**
ଭାରତ ବନାମ ବାଂଲାଦେଶ
ଭେନ୍ୟୁ: ଯାସିମ ବିନ୍ ହମାଦ ଷ୍ଟାଡିୟମ, ଦୋହା
ସମୟ: ସନ୍ଧ୍ୟା ୭.୩୦
ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ



ରବିବାର ଅଭ୍ୟାସ ଅବସରରେ ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ।

ସୋମବାର ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ଗତ ୬ ବର୍ଷ ମଧ୍ୟରେ ବିଶ୍ୱକପ୍ କ୍ୱାଲିଫାୟର୍ସରେ ପ୍ରଥମ ବିଜୟ ହାସଲ କରିବ। ପୂର୍ବରୁ ଭାରତ ଶେଷଥର ପାଇଁ ୨୦୧୫ ନଭେମ୍ବରରେ ବିଜୟ ହାସଲ କରିଥିଲା। ବେଙ୍ଗାଲୁରୁରେ ୨୦୧୮ ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ରାଉଣ୍ଡ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଗୁଆମକୁ ହରାଇଥିଲା। ଗତ ଗୁରୁବାର ଭାରତ ଏସିଆନ ଚାମ୍ପିୟନ କାତାରଠାରୁ ୧-୦ ଗୋଲରେ ହାରିଥିଲା। ତେବେ ଭାରତ ଜବରଦସ୍ତ ଲଢେଇ କରିଥିଲା। ସେଥିପାଇଁ ଭାରତ ସେତେଟା ନିରାଶ ହୋଇ ନ ଥିଲା। ମ୍ୟାଚ୍‌ର ୧୮ତମ ମିନିଟ ପରେ ଭାରତ ୧୦ଜଣ ଖେଳାଳିଙ୍କୁ ନେଇ ମ୍ୟାଚ୍ ଖେଳି କାତାର ଭଳି ବିଶ୍ୱସ୍ତରୀୟ ଦଳକୁ ସମସ୍ୟାରେ ପକାଇଥିଲା। ଏହି ମ୍ୟାଚ୍‌ରୁ ଭାରତ ଆତ୍ମବିଶ୍ୱାସ ଫେରିପାଇଥିବ। ଗତ ମାର୍ଚ୍ଚରେ ଖେଳାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ଠାରୁ ୦-୬ ଗୋଲରେ ପରାସ୍ତ ହୋଇଥିଲା।

ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୦୫ତମ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ୧୮୪ତମ ସ୍ଥାନରେ ରହିଛି। ପାରମ୍ପରିକ ଭାବେ ବାଂଲାଦେଶଠାରୁ ଭାରତ ଅଧିକ ଶକ୍ତିଶାଳୀ ରହିଆସିଛି। ବିଶ୍ୱକପ୍ କ୍ୱାଲିଫାଇଂ ରାଉଣ୍ଡରେ ଭାରତ ବାଂଲାଦେଶକୁ ୨ଥର ପରାସ୍ତ କରିଛି। ଯଦିଓ ଏହି ବିଜୟ ଭାରତ ୧୯୮୫ରେ ହାସଲ କରିଥିଲା। ଭାରତ ଦୁଇଟିଯାକ ଡବଲ ଲେଗ୍ ମ୍ୟାଚ୍‌ରେ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦୋହାରେ ଆମେ ଏ ପର୍ଯ୍ୟନ୍ତ ଖାତା ଖୋଲିପାରି ନାହୁଁ। ବାଂଲାଦେଶ ବିପକ୍ଷ ମ୍ୟାଚ ପରେ ଆଫଗାନିସ୍ତାନ ବିପକ୍ଷରେ ଖେଳିବୁ ବୋଲି ଭାରତୀୟ ଅଭିଜ୍ଞ ଡିଫେଣ୍ଡର ସନ୍ଦେଶ ଝିନ୍‌ଗାନ କହିଛନ୍ତି। ବାଂଲାଦେଶ ଏକ ଲଢୁଆ ଦଳ ଭାବେ ଉଭା ହୋଇଛି। ୨୦୧୯ରେ କୋଲକାତାରେ ଅନୁଷ୍ଠିତ ଏହି କ୍ୱାଲିଫାୟର ପ୍ରଥମ ଲେଗ୍‌ରେ ବାଂଲାଦେଶ ପ୍ରଥମେ ଅଗ୍ରଣୀ ହାସଲ କରିଥିଲା। ତେବେ ୮୮ତମ ମିନିଟ୍‌ରେ ଆଦିଲ ଖାଁ ଗୋଲ ଦେଇ ମ୍ୟାଚ୍ ଡ୍ର କରାଇଥିଲେ। ବାଂଲାଦେଶ ୨ ପଏଣ୍ଟ ସହ ଗ୍ରୁପ୍ ଇ' ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଏହାପୂର୍ବରୁ ବାଂଲାଦେଶ ୧-୧ ଗୋଲରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିଥିଲା। ତେଣୁ ଭାରତ ଭଳି ବାଂଲାଦେଶ ମଧ୍ୟ ବିଜୟୀ ହେବାକୁ ପ୍ରୟାସ କରିବ। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ ବୋଲି ବାଂଲାଦେଶ ଅଧିନାୟକ ଜମାଲ ଭୂୟାଁ କହିଛନ୍ତି। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ସୁନୀଲ ଛେତ୍ରୀ (ଅଧିନାୟକ), ଗୁରୁପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, ଧୀରଜ ସିଂ, ପ୍ରୀତମ୍ କୋଟାଲ, ରାହୁଲ ଭେକେ, ନରେନ୍ଦର ଗେହଲଟ, ଚିଙ୍ଗ୍‌ଲେନସାନା ସିଂ, ସନ୍ଦେଶ ଝିନ୍‌ଗାନ, ଆଦିଲ ଖାଁ, ଆକାଶ ମିଶ୍ରା, ସୁଭାଶିଷ ବୋଷ, ଉଡନ୍ତା ସିଂ, ବ୍ରାଣ୍ଡନ ଫର୍ନାଣ୍ଡିଜ, ଲିଷ୍ଟନ କୋଲାକୋ, ରୋଲିନ ବୋର୍ଗ୍ସ, ଗ୍ଲାନ ମାର୍ଟିନ୍ସ, ପ୍ରଣୟ ହାଲଦାର, ସୁରେଶ ସିଂ, ଲାଲେଙ୍ଗମାୱିଆ ରାଲଟେ, ଅବଦୁଲ ସାହାଲ, ୟାସିର ମହମ୍ମଦ, ଲାଲିଆଞ୍ଜୁଆଲା ଚାଙ୍ଗଟେ, ବିପିନ ସିଂ, ଆଶିକ କୁରିୟାନ, ଇଶାନ ପଣ୍ଡିତ ଓ ମନବୀର ସିଂ। **କୋଚ୍: ଆଇଗର ଷ୍ଟିମାକ।**

# ମିଲ୍‌ଖା ସିଂଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**ଚଣ୍ଡିଗଡ଼, ୬।୬ (ପି.ଟି.):** କରୋନା ସଂକ୍ରମିତ ହୋଇ ପିଜିଆଇଏମ୍‌ଇଆର ହସ୍ପିଟାଲର ଇଣ୍ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ରହି ଚିକିତ୍ସିତ ହେଉଥିବା ଭାରତୀୟ ସ୍ପ୍ରିଣ୍ଟ ଆଇକନ୍ ମିଲ୍‌ଖା ସିଂଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମାଗତ ଉନ୍ନତି ପରିଲକ୍ଷିତ ହେଉଛି। ହସ୍ପିଟାଲର ଜଣେ ମୁଖପାତ୍ର ରବିବାର ଏହି ସୂଚନା ଦେଇଛନ୍ତି। ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ପିଜିଆଇଏମ୍‌ଇଆର)ର ଏକ ମେଡିକାଲ ଟିମ୍ ଏହି ୯୧ବର୍ଷୀୟ କିମ୍ବଦନ୍ତୀ ଆଥ୍‌ଲେଟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି। କରୋନା ସଂକ୍ରମିତ ମିଲ୍‌ଖାଙ୍କ ସ୍ତ୍ରୀ ନିର୍ମଳ କୌର (୮୨ବର୍ଷ) କିନ୍ତୁ ଜୀବନ ପାଇଁ ସଂଘର୍ଷ ଚଳାଇଛନ୍ତି। କୌର ମୋହାଲିସ୍ଥିତ ଫୋର୍ଟିସ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ମିଲ୍‌ଖା ମଧ୍ୟ ଏହି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ପରିବାର ସଦସ୍ୟଙ୍କ ଅନୁରୋଧକ୍ରମେ ତାଙ୍କୁ ହସ୍ପିଟାଲରୁ ଛାଡ଼ କରାଯାଇଥିଲା। ଘରେ ସେ ଅକ୍ସିଜେନ୍ ସହାୟତାରେ ରହିଥିଲେ। ମାତ୍ର କ୍ରମେ ଅକ୍ସିଜେନ ସ୍ତର ହ୍ରାସ ପାଇବାରୁ ତାଙ୍କୁ ପିଜିଆଇଏମ୍‌ଇଆରରେ ଭର୍ତ୍ତି କରାଯାଇଥିଲା। କିମ୍ବଦନ୍ତୀ ଆଥ୍‌ଲେଟ ହେଉଛନ୍ତି ୪ଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା। ୧୯୫୮ରେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଥିଲେ। କିନ୍ତୁ ୧୯୬୦ ରୋମ୍ ଅଲିମ୍ପିକ୍ସ ତାଙ୍କର ସବୁଠାରୁ ବଡ଼ ସଫଳତା ଥିଲା। ୪୦୦ମିଟର ଫାଇନାଲରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଇଟାଲି ରାଜଧାନୀରେ ତାଙ୍କର ଏହି ଟାଇମିଂ ଏକ ଜାତୀୟ ରେକର୍ଡ ଥିଲା। ଏହା ୩୮ବର୍ଷ ଧରି କାଏମ୍ ରହିଥିଲା। ୧୯୯୮ରେ ପରମଜିତ୍ ସିଂ ଏହି ରେକର୍ଡକୁ ଭଙ୍ଗ କରିଥିଲେ। ମିଲ୍‌ଖା ଆହୁରି ମଧ୍ୟ ଭାରତରୁ ୧୯୫୬ ଓ ୧୯୬୪ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ୧୯୫୯ରେ ସେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

# 'ପ୍ରାକ୍ଟିସ୍‌ର ଅଭାବ କୋହଲି, ରୋହିତଙ୍କୁ ପ୍ରଭାବିତ କରିପାରେ'

**ମୁମ୍ବାଇ,୬।୬(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପୂର୍ବରୁ ମ୍ୟାଚ୍ ପ୍ରାକ୍ଟିସର ଅଭାବ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ବ୍ୟାଟ୍ସମ୍ୟାନ ରୋହିତ ଶର୍ମାଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିପାରେ ବୋଲି ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର କହିଛନ୍ତି।

କୋହଲିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଗୁରୁବାର ଇଂଲଣ୍ଡରେ ପହଞ୍ଚିବା ପରେ ସାଉଥାମ୍ପଟନରେ ୩ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିଛି। ସାଉଥାମ୍ପଟନରେ ଜୁନ୍ ୧୮ ତାରିଖରୁ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ନ୍ୟୁଜିଲାଣ୍ଡ ଏହି ଫାଇନାଲ ମ୍ୟାଚ୍ ପୂର୍ବରୁ ଘରୋଇ ଇଂଲଣ୍ଡ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ପ୍ରଥମ ଟେଷ୍ଟ ରବିବାର ଶେଷ ହୋଇଛି।

କୋହଲି ଓ ରୋହିତ ଭଲ ଫର୍ମରେ



ଦିଲୀପ ଭେଙ୍ଗସରକାର

ରହିଛନ୍ତି। କିନ୍ତୁ ମ୍ୟାଚ୍ ପ୍ରାକ୍ଟିସର ଅଭାବ ମିଡଲ୍ ଅର୍ଡରରେ ଏମାନଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିପାରେ ବୋଲି ୧୧୬ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଭେଙ୍ଗସରକାର କହିଛନ୍ତି। ଇଂଲଣ୍ଡ ଗସ୍ତରେ ଭାରତ ପ୍ରଥମେ ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍ ଖେଳିବ। କୋହଲି ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହେଉଛନ୍ତି। ଏହି ଦୁଇ ଖେଳାଳି ବିଶ୍ୱସ୍ତରୀୟ ଖେଳ ପ୍ରଦର୍ଶନ କରିଥାନ୍ତି। ଉଭୟ ଖେଳାଳି ଭାରତକୁ ବହୁ ମ୍ୟାଚ୍‌ରେ ବିଜୟୀ କରାଇଛନ୍ତି। କିନ୍ତୁ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ମ୍ୟାଚ୍ ପ୍ରାକ୍ଟିସର ଆବଶ୍ୟକତା ଥିଲା ବୋଲି ସେ କହିଛନ୍ତି।

# ୩୩ ବର୍ଷରେ ରାହାନେ



**ନୂଆଦିଲ୍ଲୀ, ୬।୬:** ଭାରତୀୟ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ରବିବାର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନରେ ତାଙ୍କୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରିକେଟ ଜଗତ ତାଙ୍କୁ ଅଭିନନ୍ଦନ ଜଣାଇଛି। ଅଧିନାୟକ ବିରାଟ କୋହଲି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ, ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁଇଟ୍ କରି ରାହାନେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ଯୁବ ଦ୍ରୁତ ବୋଲର ନବଦୀପ ସଇନି, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ ୱାସିମ ଜାଫର, ହନୁମା ବିହାରୀ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ଋଦ୍ଧିମାନ ଶାହାଙ୍କ ଭଳି କ୍ରିକେଟର ବିଭିନ୍ନ ଢଙ୍ଗରେ ଫଟୋ ଟୁଇଟ କରି ରାହାନେଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରାହାନେ ଦଳର ନେତୃତ୍ୱ ନେଇ ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଭାରତକୁ ଟେଷ୍ଟ ସିରିଜ ବିଜୟୀ କରାଇଥିଲେ।



କରୋନା ମହାମାରୀରେ ଅନେକ ଲୋକଙ୍କୁ ସହାୟତା କରି ଦେଶବ୍ୟାପୀ ପ୍ରଶଂସା ସାଉଁଟିଥିବା ଅଭିନେତା ସୋନୁ ସୁଦ୍ ରାଜନୀତିରେ ଯୋଗ ଦେବା ସମ୍ପର୍କରେ ମତ ରଖିଛନ୍ତି। ସେ ପ୍ରଧାନମନ୍ତ୍ରୀ ହେବା ଉଚିତ୍ ବୋଲି ଅନେକ ସେଲିବ୍ରିଟି ତଥା ଜନସାଧାରଣ କହୁଥିବାବେଳେ ରାଜନୀତିରେ ଯୋଗଦେବାକୁ ସୋନୁ ମନା କରିଦେଇଛନ୍ତି। ଏକ ସାକ୍ଷାତକାରରେ ସୋନୁ କହିଛନ୍ତି, ପ୍ରଧାନମନ୍ତ୍ରୀ ହେବା କଥାଟା ଟିକିଏ ଅଧିକ ହୋଇଯାଉଛି। ଆମର ଜଣେ ଦକ୍ଷ ପ୍ରଧାନମନ୍ତ୍ରୀ ଅଛନ୍ତି। ଏତେ ବଡ଼ ଦାୟିତ୍ୱ ନେବାକୁ ସେ ବହୁତ ଛୋଟ। କମ୍ ବୟସରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇଥିଲେ କିନ୍ତୁ ଏହା ଏକ ଭିନ୍ନ ପରିସ୍ଥିତି ଥିଲା। ଏ କ୍ଷେତ୍ରରେ ତାଙ୍କର କୌଣସି ଅଭିଜ୍ଞତା ନାହିଁ ବୋଲି ସୋନୁ କହିଛନ୍ତି।

# ସମଲିଙ୍ଗୀଙ୍କୁ ସମ୍ମାନ

**ସମୟ ବଦଳିଛି। ହେଲେ ସମଲିଙ୍ଗୀ (ଟ୍ରାନ୍ସଜେଣ୍ଡର)ଙ୍କୁ ନେଇ ଆଜି ବି ବଦଳିପାରିନି ମାନସିକତା। ଭାରତ ସମେତ ଅନେକ ଦେଶରେ ଆଜି ବି ସେମାନେ ଭେଦଭାବର ଶିକାର ହେଉଛନ୍ତି। ହେଲେ ବାଂଲାଦେଶରେ ଏଭଳି ବର୍ଗଙ୍କ ଚିତ୍ର ସାମାନ୍ୟ ଭିନ୍ନ। ଏହି ମୁସ୍‌ଲିମ୍ ବହୁଳ ଦେଶର ସ୍ଥାନୀୟ କମ୍ପାନୀସମୂହ ସମଲିଙ୍ଗୀଙ୍କ ପାଇଁ ଖୋଲି ଦେଇଛନ୍ତି କର୍ମନିୟୋଜନର ବାଟ। ନିଯୁକ୍ତିରେ ଅଗ୍ରାଧିକାର ମିଳିବା ପରେ ଟ୍ରାନ୍ସଜେଣ୍ଡରମାନେ ସମ୍ମାନର ସହ ବଞ୍ଚିବା ଲାଗି ରାସ୍ତା ଖୋଲିଛି।**



## ନିଯୁକ୍ତି ଦ୍ୱାର ଖୋଲିଦେଲେ ବାଂଲାଦେଶୀ କମ୍ପାନୀ

**ଢାକା:** ଭାରତ ତୁଳନାରେ କ୍ଷୁଦ୍ର, ଅଥଚ ଜିଡିପିରେ ଦ୍ରୁତଗତିରେ ଆଗକୁ ବଢୁଥିବା ପଡ଼ୋଶୀ ଦେଶ ବାଂଲାଦେଶ ନିଜର ସ୍ୱର୍ଣ୍ଣିମ ଇତିହାସ, ସ୍ୱାଧୀନତା ସଂଗ୍ରାମକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ପାକିସ୍ତାନରୁ ବିଭାଜନ ହୋଇ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ହାସଲ କରିବା ପରେ ଏଠାକାର ସାମାଜିକ ଚିତ୍ର ବଦଳିବାରେ ଲାଗିଛି। ଏକଦା ଉପେକ୍ଷିତ ହୋଇ ରହିଥିବା ଟ୍ରାନ୍ସଜେଣ୍ଡର ଗୋଷ୍ଠୀଙ୍କ ଲାଗି ନିଯୁକ୍ତି ଦ୍ୱାର ଖୋଲି ଦେଇଛନ୍ତି ସ୍ଥାନୀୟ କମ୍ପାନୀ। କାରଖାନା କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ପଛରେ ରହିଛି ସମଲିଙ୍ଗୀଙ୍କ ପ୍ରତି ସରକାରଙ୍କ ଉଦାର ମନୋଭାବ।

ନିକଟରେ ବାଂଲାଦେଶର ଅର୍ଥମନ୍ତ୍ରୀ ମୁସ୍ତାଫା କମଲ୍ ସ୍ଥାନୀୟ କମ୍ପାନୀରେ ଟ୍ରାନ୍ସଜେଣ୍ଡରଙ୍କ ନିଯୁକ୍ତିକୁ ନେଇ ବଡ଼ ଘୋଷଣା କରିଛନ୍ତି। ଯଦି କୌଣସି କମ୍ପାନୀ ନିଜର ସମୁଦାୟ ମାନବ ସମ୍ବଳର ୧୦% ସମଲିଙ୍ଗୀଙ୍କୁ ନିଯୁକ୍ତି ଦିଅନ୍ତି, ତେବେ ଉକ୍ତ କାରଖାନାର ମୋଟ ଟାକ୍ସର ସିଧାସଳଖ ୫% ରିହାତି ମିଳିବ, ଅଥବା ନିଯୁକ୍ତି ପାଇଥିବା ଟ୍ରାନ୍ସଜେଣ୍ଡରଙ୍କ ମୋଟ ଦରମାର ହାରାହାରି ୭୫% ସରକାର ବହନ କରିବେ। ସରକାରଙ୍କ ଏଭଳି ଏକ ବଡ଼ ଘୋଷଣା ସ୍ଥାନୀୟ କମ୍ପାନୀସମୂହ ଲାଗି ସୁଯୋଗ ଆଣିଦେଇଛି। ଆର୍ଥିକ ଫାଇଦା ଲାଗି ସେମାନେ ଏବେ ଟ୍ରାନ୍ସଜେଣ୍ଡରଙ୍କୁ କମ୍ପାନୀ ମୁହାଁ କରାଇବା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ବାଂଲାଦେଶର ଜନସଂଖ୍ୟା ୧୬ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ। ବେସରକାରୀ ଭାବେ ସେଥିରୁ ୨ ଲକ୍ଷରୁ ବେଶି ସମଲିଙ୍ଗୀ। ତେବେ ସରକାରୀ ହିସାବରେ ଏହି ସଂଖ୍ୟା ୧୦,୦୦୦ରେ ସୀମିତ।

ବିକାଶଶୀଳ ଏବଂ ପଛୁଆ ଦେଶରେ ଟ୍ରାନ୍ସଜେଣ୍ଡରଙ୍କ ଜୀବନ ଅତି ଦୁର୍ବିଷହ। ଜୀବନକୁ ସ୍ୱାଭାବିକ ଢଙ୍ଗରେ ବଞ୍ଚିବାଠାରୁ ଆରମ୍ଭ କରି ସାମାଜିକ, କର୍ମନିଯୁକ୍ତି, ଶିକ୍ଷା ଭଳି କ୍ଷେତ୍ରରେ ସମଲିଙ୍ଗୀମାନେ ଭେଦଭାବର ଶିକାର ହେଉଛନ୍ତି। ଘରେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳୁନାହିଁ। ସବୁଆଡୁ ନିରାଶ ହେବାପରେ ସେମାନେ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି। ଅଧିକାଂଶ ଭିକ୍ଷାବୃତ୍ତି କିମ୍ବା ଅନୈତିକ କାର୍ଯ୍ୟକୁ ଆପଣାଇ ନେବାକୁ ବାଧ ହେଉଛନ୍ତି। ବାଂଲାଦେଶରେ ୨୦୧୩ରେ ଟ୍ରାନ୍ସଜେଣ୍ଡରଙ୍କୁ ତୃତୀୟ ଲିଙ୍ଗୀ ମାନ୍ୟତା ମିଳିଥିଲା। ଏହାପରେ ସେମାନଙ୍କ ଜୀବନଧାରଣ ଶୈଳୀରେ ଦ୍ରୁତ ପରିବର୍ତ୍ତନ ହୋଇଛି। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି।

## ପ୍ରଥମ ଟ୍ରାନ୍ସଜେଣ୍ଡର ଆଙ୍କର



ତସ୍‌ନୁଭା ଅନାନ ଶିଶିର୍। ବାଂଲାଦେଶର ଏହି ୨୯ ବର୍ଷୀୟ ଆଙ୍କର ଚଳିତବର୍ଷ ପ୍ରଥମାର୍ଦ୍ଧରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲେ। ଖୁବ୍ କମ୍ ସମୟରେ ଜଣେ ଚର୍ଚ୍ଚିତ ଗଣମାଧ୍ୟମ ବ୍ୟକ୍ତିତ୍ୱ ପାଲଟିଥିବା ତସ୍‌ନୁଭା ଜୀବନର କୋମଳମତି ବୟସରେ ଯୌନ ଶୋଷଣର ଶିକାର ହୋଇଥିଲେ। ହର୍‌ମୋନ ଥେରାପି ଦ୍ୱାରା ଶାରୀରିକ ଗଠନ ବଦଳାଇବା ପରେ ସେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଗଣମାଧ୍ୟମ ଜଗତରେ ପାଦ ରଖିବାକୁ ମନ ବଳାଇଥିଲେ। ପ୍ରଥମ ଉଦ୍ୟମରେ ବିଫଳତାର ସାମ୍ନା କରିଥିବା ତସ୍‌ନୁଭା ନିଜର ସ୍ପଷ୍ଟ ଉଚ୍ଚାରଣ, ଅଧ୍ୟବସାୟ ଏବଂ କଠୋର ପରିଶ୍ରମ ବଳରେ ଜଣେ ଆଗଧାଡ଼ିର ଆଙ୍କର ଭାବେ ସ୍ଥିତି ସୁଦୃଢ଼ କରିପାରିଛନ୍ତି।

# ଶିଶୁ କନ୍ୟାଙ୍କୁ ବାଘ ନେଇଗଲା

**ଶ୍ରୀନଗର:** ଭାଇର ଜନ୍ମଦିନରେ ୫ ବର୍ଷୀୟା ମିର୍ ଆଦା ପିନ୍ଧିଥିଲେ ବାର୍ବି ଡ୍ରେସ। ତା’ ସାଙ୍ଗକୁ ମୁକୁଟ। ଘର ବାହାରେ ମିର୍ ଛିଡ଼ା ହୋଇଥିବାବେଳେ ଉଠାଇ ନେଇଥିଲା ଚିତାବାଘ। ଏଭଳି ଘଟଣା ଘଟିଛି ଜମ୍ମୁ-କଶ୍ମୀରର ବୁଦଗମ ଜିଲାରେ ଓମ୍‌ପୁରା ଅଞ୍ଚଳରେ। ଜୁନ ୩ରେ ଅଲ୍ଲୀ(୭)ଙ୍କ ଜନ୍ମଦିନ ଥିବାବେଳେ ମିର୍ ବଗିଚାରେ ଚା’ ପିଉ ଥିବା ଅଜାଙ୍କୁ ଡାକିବା ପାଇଁ ଯାଇଥିଲେ। ସେହି ସମୟରେ ହଠାତ୍ ଏକ ଚିତାବାଘ ଶିଶୁଟିକୁ ନେଇଯାଇଥିଲା। ପରିବାର, ପଡ଼ୋଶୀ, ଜଙ୍ଗଲ ଅଧିକାରୀଙ୍କ ଖୋଜାଖୋଜି କରିବା ପରେ ମିର୍ ଧରିଥିବା ରକ୍ତ ଭିଜା କଣ୍ଢେଇ ମିଳିଥିଲା। ଏହା ପରଦିନ କୁନି ଝିଅର ଖଣ୍ଡବିଖଣ୍ଡିତ ମୃତଦେହ ଜବତ କରାଯାଇଥିଲା। ଏହି ଘଟଣା ଯୋଗୁ କେତେଜଣ ଜଙ୍ଗଲ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ସୋନିକା ସେଠୀ
ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼
ଆଜି ତୁମର ଦ୍ୱିତୀୟ ଜନ୍ମବାର୍ଷିକୀ ଅବସରରେ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମର ଚଲାପଥ କୁସୁମିତ ହେଉ ଓ ପ୍ରଭୁ ତୁମକୁ ଦୀର୍ଘାୟୁ କରନ୍ତୁ, ଏହାହିଁ କାମନା।
-:ଶୁଭେଚ୍ଛା ସହ:-
ମାଆ: ସୌମ୍ୟା ବାରିକ, ବାପା: ପ୍ରଭାକର ସେଠୀ, ବଡ଼ବାପା, ମାଆ, ପୂଜା, ଲିଜା, ରୋଜି, ଜେଜେ ବାପା, ଜେଜେ ମାଆ, ଆଈ, ମାମୁ, ମାଇଁ ଓ ପରିବାରବର୍ଗ ।
ଧ-୨୦୮୪୨

# ସମୁଦ୍ରରୁ ଆସୁଛନ୍ତି ଏଲିଅନ୍

**ୱାଶିଂଟନ/ନୂଆଦିଲ୍ଲୀ:** ଏଲିଅନ୍‌କୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି। ଏଲିଅନ୍‌ମାନେ ୟୁଏଫ୍‌ଓ ଦ୍ୱାରା ଲଗାତର ପୃଥିବୀକୁ ଆସୁଥିବା ନେଇ କେତେକ ଖବର ପ୍ରକାଶ ହେଉଥିବା ବେଳେ ଇଣ୍ଟରନ୍ୟାଶନାଲ କୋଆଲିଶନ ଫର୍ ଏକ୍ସଟ୍ରାଟେରିଷ୍ଟ୍ରିଅଲ ରିସର୍ଚ୍ଚ (ଆଇସିଇଆର୍)ର ଏକ ରିସର୍ଚ୍ଚ ରିପୋର୍ଟ ଏବେ ଆଲୋଚନାର ବିଷୟ ପାଲଟିଛି। ଆଇସିଇଆର ଦାବି କରିଛି ଯେ, ଏଲିଅନ୍ ଅର୍ଥାତ୍ ଅନ୍ୟ ଗ୍ରହର ପ୍ରାଣୀ ମହାକାଶ ନୁହେଁ ସମୁଦ୍ରରୁ ହିଁ ୟୁଏଫ୍‌ଓ ମାଧ୍ୟମରେ ପୃଥିବୀ ଭ୍ରମଣରେ ଆସୁଛନ୍ତି। ଆଇସିଇଆର ପକ୍ଷରୁ ପ୍ରକାଶିତ ହୋଇଥିବା ଏହି ରିପୋର୍ଟରେ ଆମେରିକା ନୌସେନା ଗତ ୨୦ ବର୍ଷ ଧରି ୧୨୦ରୁ ଅଧିକ ଥର ଆକାଶରେ ୟୁଏଫ୍‌ଓ ଉଡୁଥିବା ଦେଖାଯିବା ଘଟଣା ଉପରେ ବିଶ୍ଳେଷଣ କରାଯାଇଥିବା ଉପାଧ୍ୟକ୍ଷ ତଥା ପୂର୍ବତନ ପୋଲିସ ଅଧିକାରୀ ଗୈରି ହେସେଲ୍ଟାଇନ୍ କହିଛନ୍ତି। ସେ



## ଆଇସିଇଆର୍‌ର ରିସର୍ଚ୍ଚ ରିପୋର୍ଟ

ରୟାଲ ଏୟାର ଫୋର୍ସ ପୋଲିସରେ ଦୀର୍ଘ ୬ ବର୍ଷ କାମ କରିବା ସମୟରେ ବହୁ ଅଭିଜ୍ଞତା ହାସଲ କରିଛନ୍ତି। ୱେବସାଇଟ୍ ଦ ସନ୍ ଅନୁସାରେ, ଆମେରିକା ନୌସେନା ଉପରେ ଘୁରିବୁଲୁଥିବା ୟୁଏଫ୍‌ଓ ଏଲିଅନ୍ ପ୍ରକୃତରେ ମହାକାଶ ଅବା ସମୁଦ୍ରରୁ ଆସୁଛନ୍ତି ତାହା ପ୍ରମାଣିତ କରିବାକୁ ସକ୍ଷମ। ଅଥଳ ମହାସାଗର ଏଲିଅନ୍‌ମାନଙ୍କ ୟୁଏଫ୍‌ଓ ବେସ୍ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ସେ ମତପୋଷଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମହାକାଶ ତୁଳନାରେ ଆଧୁନିକ ମଣିଷ ମହାସାଗର ସମ୍ପର୍କରେ ଖୁବ୍ କମ୍ ଜାଣିଛି। ମହାସାଗର ବିଷୟରେ ମଣିଷ ପ୍ରାୟ ୫ ପ୍ରତିଶତ ଜ୍ଞାନ ହାସଲ କରିବାକୁ ସକ୍ଷମ ହୋଇଛି। ତେଣୁ ସମୁଦ୍ର ହିଁ ଏଲିଅନ୍‌ଙ୍କ ୟୁଏଫ୍‌ଓ ବେସ୍ ବୋଲି ସେ କହିଛନ୍ତି।

# ହାଇହିଲ୍‌ରେ ଫୁଟବଲ



ମିଜୋରାମ: ହାଇହିଲ୍ ପିନ୍ଧି ଫୁଟବଲ ଖେଳୁଛନ୍ତି ଜଣେ ବାଳିକା। କଥାଟା ଶୁଣିବା ମାତ୍ରେ ହୁଏତ ଅନେକେ ଆଶ୍ଚର୍ଯ୍ୟ ହୋଇପାରନ୍ତି। କିନ୍ତୁ ଏମିତି ହାଇହିଲ୍ ପିନ୍ଧି ବେଶ୍ ସୁନ୍ଦରଭାବେ ଫୁଟବଲ ଖେଳିପାରୁଛନ୍ତି ମିଜୋରାମର ସିଣ୍ଡି। ଫୁଟବଲ ଖେଳରେ ତାଙ୍କର ଏଭଳି ଭିନ୍ନ ପ୍ରତିଭା ଦେଖି ଏବେ ସୋସିଆଲ ମିଡିଆରେ ସେ ଖୁବ୍ ଚର୍ଚ୍ଚିତ ହେବାରେ ଲାଗିଛନ୍ତି। ସାଧାରଣତଃ ହାଇହିଲ୍ ପିନ୍ଧି ଯେଉଁଠି ଝିଅମାନେ ଚାଲିବା ପାଇଁ ବେଳେବେଳେ କଷ୍ଟ ଅନୁଭବ କରିଥାନ୍ତି, ସେଠି ଫୁଟବଲ ଖେଳିବା କଥା ନିଶ୍ଚିତ କଷ୍ଟକର। କିନ୍ତୁ ମିଜୋରାମର ଜଣେ ସ୍କୁଲଛାତ୍ରୀ ସିଣ୍ଡି ରେମରୁତପଇ ଏବେ ଜଣେ ଫୁଟବଲରଭାବେ ବେଶ୍ ପରିଚିତ ହୋଇପାରିଛନ୍ତି। ସେ ଏବେ ଦଶମ ଶ୍ରେଣୀର ଛାତ୍ରୀ କିନ୍ତୁ ଫୁଟବଲ ଖେଳରେ ତାଙ୍କର ପ୍ରତିଭା ଏବେଠାରୁ ଜଣାପଡି ଯାଇଛି। ହାଇହିଲ୍ ପିନ୍ଧି ସେ ଖୁବ୍ ସୁନ୍ଦରଭାବରେ ଫୁଟବଲ ଖେଳି ପାରୁଛନ୍ତି। ହାଇହିଲ୍ ପିନ୍ଧି ତାଙ୍କର କିକ୍ ମାରିବା ଷ୍ଟାଇଲ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଜଣେ ପୋଖତ ଖେଳାଳି ଭଳି ସେ ବେଶ୍ ସୁନ୍ଦରଭାବେ ଖେଳବେଳେ ହାଇହିଲ୍ ପିନ୍ଧି ସନ୍ତୁଳନ ରକ୍ଷା କରି ପାରୁଛନ୍ତି। ସିଣ୍ଡିଙ୍କ ଫୁଟବଲ ଖେଳୁଥିବା ବେଳର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରି ପାରିଛନ୍ତି। ସାଧାରଣ ଲୋକେ ତ ଏହି ଭିଡିଓ ଦେଖି ବେଶ୍ ପ୍ରଭାବିତ ହୋଇଛନ୍ତି ଏବଂ ତାଙ୍କୁ ହଜାର ହଜାର ସଂଖ୍ୟାରେ କମେଣ୍ଟ ଦେଇଛନ୍ତି। ଏମିତିକି ମିଜୋରାମର କ୍ରୀଡ଼ାମନ୍ତ୍ରୀ ମଧ୍ୟ ସିଣ୍ଡିଙ୍କୁ ତାଙ୍କର ପ୍ରତିଭା ପାଇଁ ଖୁବ୍ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ଏବେ ଏହାକୁ ୫୦ହଜାରରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ସିଣ୍ଡି ଏବେ ଲେଡିବଲର୍ ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛନ୍ତି। ତେବେ ଏହି ଲେଡିବଲର ଜଣକ ପୂର୍ବରୁ ରାଜ୍ୟ ତଥା ଜାତୀୟସ୍ତରର ବହୁ ଫୁଟବଲ ଚାମ୍ପିୟନଶିପ୍‌ରେ ମଧ୍ୟ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି।

# ମହିଳାଙ୍କ ଶରୀରରେ ୩୨ ଷ୍ଟ୍ରେନ୍

**ଜୋହାନ୍ସବର୍ଗ:** ଜଣେ ୩୬ ବର୍ଷୀୟା ମହିଳାଙ୍କ ଶରୀରରେ କରୋନା ଭୂତାଣୁ ୩୨ ଥର ମ୍ୟୁଟେଶନ କରିଛି। ଏଚ୍‌ଆଇଭି ପଜିଟିଭ୍ ଥିବା ଦକ୍ଷିଣ ଆଫ୍ରିକାର ଏହି ମହିଳା ୨୧୬ ଦିନ ଧରି କରୋନାରେ ସଂକ୍ରମିତ ହୋଇ ରହିବା ପରେ ଭୂତାଣୁ ଏତେ ପ୍ରକାରର ମ୍ୟୁଟେଶନ କରିଥିବା ବିଜ୍‌ନେସ୍ ଇନ୍‌ସାଇଡର୍ ପକ୍ଷରୁ ମେଡ୍‌ରିକ୍ସିଭି ମେଡିକାଲ ଜର୍ନାଲରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଲସ୍ ଏଞ୍ଜେଲସ ଟାଇମ୍ସ ସହିତ ସାକ୍ଷାତକାର ସମୟରେ ଏହି ଅଧ୍ୟୟନର ଟୁଲିଓ ଡି ଓଲିଭେରା କହିଛନ୍ତି, ମହିଳା ଜଣକ ୨୦୦୬ରେ ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଇଥିଲା। ୨୦୨୦ ସେପ୍ଟେମ୍ବରରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ତାଙ୍କ ଶରୀରରେ ଭୂତାଣୁ ୩୨ ଥର ନିଜର ମ୍ୟୁଟେଶନ କରିଛି। ସେଥିରୁ କେତେକ ମ୍ୟୁଟାଣ୍ଟ ଅଧିକ ସଂକ୍ରାମକ ବୋଲି ଜଣାପଡ଼ିଛି। ତେବେ ସେ ଅନ୍ୟ କାହାକୁ ଏହି ମ୍ୟୁଟାଣ୍ଟରେ ସଂକ୍ରମିତ କରିଛନ୍ତି କି ନା ତାହା ଜଣାପଡ଼ିନାହିଁ।



ଏଚ୍‌ଆଇଭିରେ ସଂକ୍ରମିତ ବ୍ୟକ୍ତି କରୋନାରେ ଶୀଘ୍ର ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବା ନେଇ କୌଣସି ଅଧ୍ୟୟନରୁ ଜଣାପଡ଼ିନାହିଁ। କିନ୍ତୁ ଯଦି ଏଭଳି ମାମଲା ଅଧିକ ମାତ୍ରାରେ ଦେଖାଯାଏ ତେବେ ବିଶ୍ୱ ଅନେକଗୁଡ଼ିଏ କରୋନା ମ୍ୟୁଟାଣ୍ଟରେ ଭର୍ତ୍ତି ହୋଇଯିବ ବୋଲି ସେ କହିଛନ୍ତି।

# ଜନ୍ମଦିନରେ ପ୍ରତିଶ୍ରୁତି ଉପହାର



**ମୁମ୍ବାଇ:** ବଲିଉଡ୍ ଗାୟିକା ନେହା କକ୍କର ରବିବାର ନିଜର ୩୩ତମ ଜନ୍ମଦିନ ପାଳନ କରିଛନ୍ତି। ବିବାହ ପରେ ଏହା ତାଙ୍କର ପ୍ରଥମ ଜନ୍ମଦିନ। ସ୍ୱାମୀ ରୋହନପ୍ରୀତ ସିଂଙ୍କ ସହ ଏହି ଜନ୍ମଦିନକୁ ଅତି ସ୍ୱତନ୍ତ୍ର ଭାବରେ ସେ ପାଳିଛନ୍ତି। ରୋହନପ୍ରୀତ ଏହି ଅବସରରେ ସୋସିଆଲ ମିଡିଆରେ ନେହାଙ୍କୁ ନିଆରା ଢଙ୍ଗରେ ଶୁଭେଚ୍ଛା ଜଣାଇଛନ୍ତି। ଜୀବନର ପ୍ରତ୍ୟେକ ମିନିଟରେ ତାଙ୍କୁ ଭଲ ପାଇବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ନେହାଙ୍କ ଜନ୍ମଦିନରେ ପୋଷ୍ଟ ଶେୟାର କରି ଲେଖିଛନ୍ତି ମୁଁ ଆଜି ପର୍ଯ୍ୟନ୍ତ ଯେତିକି ତୁମର ଯତ୍ନ ନେଇଛି ଆଗାମୀ ଦିନରେ ଅଧିକ ଯତ୍ନ ନେବି। ମୁଁ ତୁମକୁ ପ୍ରତିଜ୍ଞା କରୁଛି ଯେ ମୁଁ ମଧ୍ୟ ତୁମକୁ ସମସ୍ତ ଖୁସି ଦେବି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ନୟାଗଡ଼, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲାରେ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସୋମବାର ଦିନର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୬.୫ |
| ଚାନ୍ଦବାଲି | ୩୮.୪ | ୨୬.୬ |
| କଟକ | ୩୮.୫ | ୨୫.୫ |
| ପାରାଦୀପ | ୩୩.୫ | ୨୯.୨ |
| ଭୁବନେଶ୍ୱର | ୩୮.୬ | ୨୮.୦ |
| ଗୋପାଳପୁର | ୩୪.୦ | ୨୮.୪ |
| ପୁରୀ | ୩୫.୦ | ୨୯.୫ |
| ଅନୁଗୋଳ | ୩୯.୭ | ୨୭.୬ |
| ବାରିପଦା | ୩୮.୦ | ୨୫.୦ |
| ଝାରସୁଗୁଡ଼ା | ୩୮.୮ | ୨୬.୨ |
| କେନ୍ଦୁଝର | ୩୫.୨ | ୨୬.୨ |
| ସମ୍ବଲପୁର | ୩୮.୩ | ୨୭.୨ |
| ସୁନ୍ଦରଗଡ଼ | ୪୧.୦ | ୨୫.୫ |
| ହୀରାକୁଦ | ୩୭.୫ | ୨୨.୬ |
| ତାଳଚେର | ୩୮.୬ | ୨୭.୦ |
| ଭବାନୀପାଟଣା | ୪୦.୦ | ୨୭.୦ |
| ବଲାଙ୍ଗୀର | ୪୧.୦ | - |
| କୋରାପୁଟ | ୩୪.୨ | ୨୦.୦ |
| ଫୁଲବାଣୀ | ୩୬.୫ | ୧୯.୦ |
| ଟିଟିଲାଗଡ଼ | ୪୨.୪ | ୨୭.୩ |
| ମାଲକାନଗିରି | - | ୨୫.୦ |
| ସୋନପୁର | ୩୯.୬ | ୨୬.୦ |
| ଦାରିଙ୍ଗିବାଡ଼ି | ୩୪.୫ | ୨୧.୦ |
| ନୟାଗଡ଼ | ୩୮.୫ | ୨୭.୦ |
| ବୌଦ୍ଧ | ୪୦.୦ | ୨୬.୫ |
| ଛତ୍ରପୁର | ୩୫.୦ | ୨୭.୦ |
| ପାରଳାଖେମୁଣ୍ଡି | ୩୬.୫ | ୨୬.୦ |
| ରାୟଗଡ଼ା | ୩୬.୮ | ୨୪.୨ |

ଡିଗ୍ରୀ ସେଲ୍‌ସିୟସ୍

# ପାଣି ଚୋରି ଜଗିବେ ଯବାନ

**ଜୟପୁର:** ପାଣି ଚୋରି ରୋକିବା ପାଇଁ ରାଜସ୍ଥାନର ହନୁମାନଗଡ଼ ଜିଲାରେ ପ୍ରଥମ ପୋଲିସ ଥାନା ପ୍ରତିଷ୍ଠା କରାଯିବ। ସ୍ଥାନୀୟ ଇନ୍ଦିରା ଗାନ୍ଧୀ କେନାଲରୁ ବାରମ୍ବାର ପାଣି ଚୋରି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ପହରା ବ୍ୟବସ୍ଥା କରାଯାଇଛି। ଏହାକୁ ରୋକିବା ଲାଗି ୬୦ ଯବାନଙ୍କୁ ନିୟୋଜିତ କରାଯିବ। କେନାଲ ଅଞ୍ଚଳରେ ୧୨ଟି ନୂଆ ଥାନା ସ୍ଥାପନ କରାଯିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ବିକାନେର ରେଞ୍ଜ୍‌ରେ ସ୍ଥାପନ ହେବାକୁ ଥିବା ଥାନାରେ ଜଣେ ଇନସ୍ପେକ୍ଟର, ୫ ଜଣ ସବ୍ ଇନସ୍ପେକ୍ଟର, ୬ ଏଏସ୍‌ଆଇ, ୮ ହେଡ୍ କନଷ୍ଟେବଳ, ୪୦ କନଷ୍ଟେବଳ କାର୍ଯ୍ୟ କରିବେ। ଗତ ୪ ବର୍ଷ ମଧ୍ୟରେ ହନୁମାନଗଡ଼ ଜିଲାରେ ୭୪ଟି ପାଣି ଚୋରି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ସର୍ବାଧିକ ୨୮ଟି ଭିରାନି ପୋଲିସ ଥାନା ଅଞ୍ଚଳରେ ଘଟିଛି।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ମାର୍ଥା
ସ୍ଥାନ: ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୫।୧୯୪୮
ତିରୋଧାନ: ୨୮।୦୫।୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା । -:ତୁମର ଶୋକସନ୍ତପ୍ତ:-
ହତଭାଗ୍ୟ: ଭାଇ: ମହେନ୍ଦ୍ର ମାର୍ଥା, ପୁତ୍ର: ପ୍ରଭାତ ମାର୍ଥା, ପ୍ରଦୀପ ମାର୍ଥା, ତ୍ରିଲୋଚନ ମାର୍ଥା, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୮୪୧

ଏକାଦଶାହ ଉପଲକ୍ଷେ



୰ବିଜୟଲକ୍ଷ୍ମୀ ରାଉତ
ସ୍ୱାମୀ: ଶରତ ଚନ୍ଦ୍ର ରାଉତ
ଅନନ୍ତ ନଗର, ମହତାବ୍ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୭।୧୨।୧୯୫୯
ତିରୋଧାନ: ୨୮।୦୫।୨୦୨୧
ବୋଉ, ତୋର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୋର ସେଇ ‘‘ଓଲୋ’’ ଡାକକୁ ଆମେ ପ୍ରତିଟି ମୁହୂର୍ତ୍ତରେ ମନେ ପକାଉଛୁ। ତୁ ଯୋଉଠି ଥାଆ ଭଲରେ ଥାଆ ଆଉ ଆମ ଉପରେ ଆଶିଷ ଢାଳୁଥା। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା । **ଶୋକସନ୍ତପ୍ତ:** ତୋ ବୋଉ, ସ୍ୱାମୀ, ପୁଅ: (ବୁବୁ, ଦେବୁ), ବୋହୂ: (ଗୁଡି), ନାତି: (କୁନୁ) ଓ ପରିବାରବର୍ଗ
ଧ-୨୦୭୧୦

ଏକାଦଶାହ ଉପଲକ୍ଷେ



୰ସୁବୋଧ କୁମାର ରାୟ
ସ୍ଥାନ: କୁଦିଆରି, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୫୬
ତିରୋଧାନ: ୨୮।୦୫।୨୦୨୧
ତୁମର ସ୍ନେହ, ମମତା, ଆଦର୍ଶ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦ୍‌ଗତି ହେଉ ।
ଶୋକସନ୍ତପ୍ତ:
ଭାଇ: ସରୋଜ ଏବଂ ସନ୍ତୋଷ, ପୁତ୍ର: ସବ୍ୟସଚୀ, କନ୍ୟା: ରିଙ୍କି ଓ ମିକା, ଜ୍ୱାଇଁ: ଜିତୁ ଓ ସୁମନ୍ତ, ନାତୁଣୀ: ରିତୁ, ସୁମି ଓ ରିୟା
ଧ-୨୦୮୪୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ଚରଣ ନାୟକ
ତିରୋଧାନ: ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ
୧୫।୦୫।୨୦୦୪
*DCN, Your efficiency, intelligence, sense of justice crystal clear mind became your greatest enemy you will remain alive for ever in their crying hearts who understood you Kuni.*
D-20848

# ଜମ୍ପିଙ୍ଗ ରୋବୋ



ଆଜିକାଲି ବିଭିନ୍ନ କାମରେ ରୋବୋର ସହାୟତା ନିଆଯାଉଛି। ଏପରି କି ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ରୋବୋ ମଧ୍ୟ ସହଯୋଗ କରୁଛି। ତେବେ ନିକଟରେ ଏପରି ଏକ ରୋବୋ ପ୍ରସ୍ତୁତ କରାଯାଇଛି ଯାହା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ ପାରିବ। ଏହାକୁ 'ଜମ୍ପିଙ୍ଗ ରୋବୋ' ନାମରେ ନାମିତ କରାଯାଇଛି। ଆମେରିକାର ବୋଷ୍ଟନସ୍ଥିତ ଏକ କମ୍ପାନୀ ଏଭଳି ହାଇଟେକ୍ ରୋବୋ ପ୍ରସ୍ତୁତ କରିଛି। ବାଟରେ ଚାଲିବା ସମୟରେ ଯଦି କିଛି ଅସୁବିଧାର ସମ୍ମୁଖୀନ ହୁଏ ତେବେ ଏହି ରୋବୋ ସହଜରେ ଆଗକୁ ଡେଇଁ ଚାଲିଯାଇପାରିବ। ଯଦି ଚାଲିବା ସମୟରେ ଏହା ପଡିଯାଏ, ତେବେ ନିଜେ ପୁଣି ଥରେ ଉଠି ଆଗକୁ ଯାଇପାରିବ ବୋଲି ରିପୋର୍ଟରୁ ଜଣାପଡିଛି। କେବଳ ସେତିକି ନୁହେଁ, ଏହି ରୋବୋ କେତେକ କାମକୁ ଅନାୟାସରେ ସମ୍ପନ୍ନ କରିପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମେଦବହୁଳତା ଓ ଆଜ୍ମା



ଆଜ୍ମା ଏକ ଶ୍ୱାସଜନିତ ସମସ୍ୟା। ଏହାର ସ୍ଥାୟୀ ଉପଚାର ନାହିଁ। ତେଣୁ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ପଡ଼ିଥାଏ। ଓଜନ ବୃଦ୍ଧି ବା ମେଦବହୁଳତା ଯୋଗୁ ଏପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଜଣେ ଆଜ୍ମା ରୋଗୀ ନିଜ ଖାଦ୍ୟପେୟ ପ୍ରତି ଯେତିକି ସତର୍କ ରହିବା ଦରକାର ତା'ସହ ନିଜର ଓଜନ କିପରି ସନ୍ତୁଳିତ ରହିବ ସେ ନେଇ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଲଣ୍ଡନ ୟୁନିଭର୍ସିଟିର ଛାତିରୋଗ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ରୋଗୀ ନିଜ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରିବା ଦରକାର। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଯଦି ବାହାରକୁ ବୁଲିବାକୁ ଯାଉଛନ୍ତି ତେବେ ନାକ ଏବଂ ପାଟିକୁ ପରିଷ୍କାର କପଡା କିମ୍ବା ମାସ୍କରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ। କାରଣ ବାହାରର ଧୂଳିକଣା ଶରୀର ଭିତରକୁ ପ୍ରବେଶ କଲେ ଏହି ସମସ୍ୟା ଆହୁରି ବଢ଼ିଯିବାର ଆଶଙ୍କା ରହିଛି। ଯଦି ଆପଣ ଆଜ୍ମା ଦ୍ୱାରା ଆକ୍ରାନ୍ତ ତେବେ ଏ ନେଇ ନିଜକୁ ଚିନ୍ତାଗ୍ରସ୍ତ ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ମନରେ ନକାରାତ୍ମକ ମାନସିକତା ଅଧିକ ସକ୍ରିୟ ହୋଇଥାଏ।

## ନିଉଟନୀୟ ଓ ଆଇନଷ୍ଟାଇନୀୟ
# ମାଧ୍ୟାକର୍ଷଣ



ଇଂ. ମାୟାଧର ସ୍ୱାଇଁ

ଆମେ ଟେକାଟିଏ ଫିଙ୍ଗିଲେ ତାହା ଉଚ୍ଚକୁ କିଛି ଦୂର ପର୍ଯ୍ୟନ୍ତ ଯାଇ ପୃଥିବୀ ପୃଷ୍ଠକୁ ଖସି ପଡୁଛି। ଫଳଟିଏ ପାଚିଲେ ଗଛରୁ ଛିଣ୍ଡିଯାଇ ତଳେ ପଡୁଛି। ଏହା କାହିଁକି ହେଉଛି? ପୃଥିବୀର ମାଧ୍ୟାକର୍ଷଣ ବଳ ଟେକାଟିକୁ କିମ୍ବା ଫଳଟିକୁ ନିଜ ଆଡ଼କୁ ଟାଣି ଆଣୁଥିବାରୁ ତାହା ପୃଥିବୀ ପୃଷ୍ଠରେ ପଡୁଛି। ଏହି ଘଟଣା ଅନାଦିକାଳରୁ ଦୃଷ୍ଟିଗୋଚର ହେଉଥିଲେ ସୁଦ୍ଧା ପୃଥିବୀର ଦୁଇଜଣ ବିଶିଷ୍ଟ ବୈଜ୍ଞାନିକ ଏହା ଉପରେ ଅଧ୍ୟୟନ କରି ତାହାର କାରଣ ବାହାର



ଆଲବର୍ଟ ଆଇନଷ୍ଟାଇନ



ଆଇଜାକ୍ ନିଉଟନ

କରିଥିଲେ। ଏହି ଦୁଇଜଣ ହେଉଛନ୍ତି ଇଂଲଣ୍ଡର ଆଇଜାକ୍ ନିଉଟନ(୧୬୪୨–୧୭୨୭) ଏବଂ ଜର୍ମାନୀର ଆଲବର୍ଟ ଆଇନଷ୍ଟାଇନ(୧୮୭୯–୧୯୫୫)। ଦୁଇଜଣ ହେଉଛନ୍ତି ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଏବଂ ଉଭୟଙ୍କର ଜୀବନକାଳର ପାର୍ଥକ୍ୟ ହେଉଛି ପ୍ରାୟ ଦୁଇଶହ ବର୍ଷ। ମାଧ୍ୟାକର୍ଷଣକୁ ଦୁଇଜଣ ପୃଥକ ଭାବରେ ବୁଝାଇଛନ୍ତି।

ନିଉଟନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ପ୍ଲେଗ୍ ରୋଗ ବ୍ୟାପିବା ଯୋଗୁ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଗଲା। ନିଉଟନ ନିଜ ଗାଁକୁ ଚାଲିଗଲେ। ସେ ନିଜ ବଗିଚାରେ ଗୋଟିଏ ସେଓ ଗଛ ମୂଳରେ ବସିଥିବା ବେଳେ ଗଛରୁ ଫଳଟିଏ ତଳେ ପଡ଼ିଲା। ତାଙ୍କ ବିଜ୍ଞାନମନସ୍କ ମନ ଚିନ୍ତା କଲା ଓ ନିଜକୁ ନିଜେ ପ୍ରଶ୍ନ କଲା, 'ଫଳଟି ଉପରକୁ ନ ଯାଇ ତଳେ କାହିଁକି ପଡ଼ିଲା? ଯଦି ଫଳଟି ତଳେ ପଡ଼େ, ତାହାହେଲେ ଚନ୍ଦ୍ର ମଧ୍ୟ କ'ଣ ଖସି ପଡ଼ିବ?'

ଏହା ଥିଲା ୧୬୬୬ ମସିହାର ଘଟଣା। ବିଶ୍ୱବିଦ୍ୟାଳୟ ଖୋଲିବା ପରେ ନିଉଟନ କେମ୍ବ୍ରିଜ ଗଲେ। କିନ୍ତୁ ଫଳ ପଡ଼ିବା ଉପରେ ସେ ଚିନ୍ତାରେ ନିମଗ୍ନ ରହୁଥିଲେ। ସେତେବେଳକୁ କୋପରନିକସଙ୍କ ସୌରକେନ୍ଦ୍ରୀୟ ମତ ଗ୍ରହଣୀୟ ହୋଇଗଲାଣି ଏବଂ ଜର୍ମାନୀ ଜ୍ୟୋତିର୍ବିତ୍ ଜୋହାନସ କେପଲର(୧୫୭୧–୧୬୩୦)ଙ୍କର ତିନୋଟି ଗ୍ରହ ଘୂର୍ଣ୍ଣନ ନିୟମ ପ୍ରକାଶ ପାଇଲାଣି। ଏହାର ପ୍ରଥମ ନିୟମ ହେଉଛି ଯେ ଗ୍ରହଗୁଡ଼ିକ ସୂର୍ଯ୍ୟ ଚାରିପଟେ ଇଲିପଟିକାଲ(ଅଣ୍ଡାକାର) କକ୍ଷରେ ପରିକ୍ରମଣ କରୁଛନ୍ତି। କେପଲର ନିଜ ପର୍ଯ୍ୟବେକ୍ଷଣ ତଥ୍ୟ ଆଧାରରେ ତିନୋଟି ଯାକ ନିୟମ ଆବିଷ୍କାର କରିଥିଲେ ଏବଂ ତାହାର କାରଣ ଜାଣି ପାରି ନ ଥିଲେ। ନିଉଟନ ଏହାର କାରଣ ଆବିଷ୍କାର କଲେ। ସେ ପ୍ରକାଶ କଲେ ଯେ, ଗଛରୁ ଫଳଟିଏ ତଳେ ପଡ଼ିବା କିମ୍ବା ସୂର୍ଯ୍ୟ ଚାରିପଟେ ଗ୍ରହର ଘୂର୍ଣ୍ଣନ ଗୋଟିଏ ନିୟମରେ ବନ୍ଧା। ତାହା ହେଉଛି ମାଧ୍ୟାକର୍ଷଣ ନିୟମ। ସେ ଏହାକୁ ୧୬୮୭ ମସିହାରେ ତାଙ୍କ ପୁସ୍ତକ 'ପ୍ରିନ୍ସିପିଆ'ରେ ପ୍ରଥମେ ପ୍ରକାଶ କରିଥିଲେ। ନିୟମଟି ହେଉଛି, ବିଶ୍ୱରେ ପ୍ରତ୍ୟେକ ବସ୍ତୁ ଅନ୍ୟ ପ୍ରତ୍ୟେକ ବସ୍ତୁକୁ ଆକର୍ଷଣ କରେ। ଆକର୍ଷଣ ବଳ ବସ୍ତୁ ଦୁଇଟିର ବସ୍ତୁତ୍ୱର ଗୁଣଫଳ ସଙ୍ଗେ ସମାନୁପାତି ଏବଂ ସେମାନଙ୍କ ମଧ୍ୟରେ ଥିବା ଦୂରତାର ବର୍ଗ ସହ ପ୍ରତିଲୋମାନୁପାତି।

ଏହି ନିୟମରୁ ସ୍ପଷ୍ଟ ଯେ ବସ୍ତୁର ବସ୍ତୁତ୍ୱ ବଢ଼ିଲେ ମାଧ୍ୟାକର୍ଷଣ ବଳ ବଢ଼ିବ ଏବଂ ବସ୍ତୁ ଦୁଇଟି ମଧ୍ୟରେ ଦୂରତା ବଢ଼ିଲେ ମାଧ୍ୟାକର୍ଷଣ ବଳ କମିବ। କିନ୍ତୁ ଲକ୍ଷ୍ୟ କର ଯେ ଦୂରତା ଦୁଇଗୁଣ ବଢ଼ିଲେ ବଳ ଚାରିଗୁଣ କମିବ ଏବଂ ଦୂରତା ତିନିଗୁଣ ବଢ଼ିଲେ ବଳ ନଅ ଗୁଣ କମିବ। ଏହାକୁ 'ପ୍ରତିଲୋମ ବର୍ଗ ନିୟମ' କୁହାଯାଏ।

୧୬୮୨ ମସିହାରେ ଲଣ୍ଡନ ଆକାଶରେ ଗୋଟିଏ ଧୂମକେତୁ ଦେଖାଦେଇଥିଲା। ରାଜାରାଣୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ଆଶ୍ଚର୍ଯ୍ୟରେ ପ୍ରଶ୍ନ କରିଥିଲେ–ଏହା କେଉଁଠାରୁ ଆସିଛି? ଏହା କୁଆଡେ ଯାଉଛି? ନିଉଟନ ତାଙ୍କ ନିୟମ ଆଧାରରେ ପୂର୍ବାନୁମାନ କରିଥିଲେ ଯେ ଧୂମକେତୁଗୁଡିକ ନିୟମିତ ବ୍ୟବଧାନରେ ଆକାଶରେ ଦେଖାଦିଏ। ତାଙ୍କ ବନ୍ଧୁ ଅନ୍ୟତମ ଜ୍ୟୋତିର୍ବିଦ ଏଡମଣ୍ଡ ହ୍ୟାଲେ (୧୬୫୬–୧୭୪୨) ୧୬୮୨ ମସିହାରେ ଦେଖା ଦେଇଥିବା ଧୂମକେତୁର କକ୍ଷ ଗଣନା କରି ପ୍ରକାଶ କଲେ ଯେ ଏହି ଧୂମକେତୁ ପୁଣି ୧୭୫୮ ଖ୍ରୀଷ୍ଟମାସ ଦିନ ଆକାଶରେ ଦେଖାଦେବ। ତାଙ୍କ ବକ୍ତବ୍ୟକୁ ସତ୍ୟ ପ୍ରମାଣ କରି ତାହାହିଁ ହେଲା। କିନ୍ତୁ ସେତେବେଳକୁ ହ୍ୟାଲେ ଓ ନିଉଟନ ଇହଧାମ ତ୍ୟାଗ କରିସାରିଥିଲେ। ଏହି ଧୂମକେତୁର ନାମ ଦିଆଯାଉଛି 'ହ୍ୟାଲେ ଧୂମକେତୁ' ଏହା ଏହା ହ୍ୟାଲେଙ୍କ ଗଣନାନୁସାରେ ପ୍ରତି ୭୬ ବର୍ଷରେ ପୃଥିବୀରେ ଦେଖାଦେଉଛି।

ପ୍ରାୟ ଦୁଇ ଶହ ବର୍ଷ ପର୍ଯ୍ୟନ୍ତ ନିଉଟନଙ୍କ ମାଧ୍ୟାକର୍ଷଣ ନିୟମ ନିର୍ବିବାଦରେ ଗ୍ରହଣୀୟ ହେଲା। ଏହାକୁ 'ନିଉଟନୀୟ ବିଜ୍ଞାନ' କୁହାଯାଏ। ମାତ୍ର ଏହା ପରେ ଆଇନଷ୍ଟାଇନ ମାଧ୍ୟାକର୍ଷଣର ପରିଭାଷା ବଦଳାଇଦେଲେ। ସେ ସୁଇଜରଲାଣ୍ଡର ଜୁରିକ୍ ପଲିଟେକନିକ୍‌ରୁ ସ୍ନାତକ ଡିଗ୍ରୀ ଲାଭ କରି ଭଲ ଚାକିରି ନ ପାଇ ଶେଷରେ ବର୍ନଠାରେ ଗୋଟିଏ ପେଟେଣ୍ଟ ଅଫିସରେ କିରାଣି ଚାକିରି କଲେ। ଏହା ତାଙ୍କୁ ବରଦାନ ସଦୃଶ ହେଲା। ସେ ସେଠାରେ ତାଙ୍କ ପ୍ରିୟ ପଦାର୍ଥ ବିଜ୍ଞାନ ଆଲୋଚନା କରିବା ପାଇଁ ଯଥେଷ୍ଟ ସମୟ ପାଇଲେ। ସେ ୧୯୦୫ ମସିହାରେ ଗୋଟିଏ ବର୍ଷରେ ବିଶେଷ ଆପେକ୍ଷିକ ତତ୍ତ୍ୱ ସମେତ ଚାରିଟି ବିପ୍ଳବାତ୍ମକ ଗବେଷଣା ପ୍ରବନ୍ଧ ପ୍ରକାଶ କରି ବିଜ୍ଞାନ ଜଗତରେ ଆଲୋଡନ ସୃଷ୍ଟି କରିଥିଲେ। ସେ ଏହା ପରେ ବର୍ଲିନ ବିଶ୍ୱବିଦ୍ୟାଳୟରେ ପ୍ରଫେସରେ ପଦରେ ଯୋଗ ଦେଇଥିଲେ ଏବଂ ସେଠାରେ ୧୯୧୫ ମସିହାରେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରକାଶ କରିଥିଲେ। ସେଥିରେ ମାଧ୍ୟାକର୍ଷଣ ତତ୍ତ୍ୱ ରହିଛି। ସେ ମାଧ୍ୟାକର୍ଷଣକୁ 'ବଳ' ବଦଳରେ 'ସ୍ଥାନ–କାଳ ବକ୍ରତା' ଭାବେ ବର୍ଣ୍ଣନା କଲେ। ସେ ପ୍ରକାଶ କଲେ ଯେ ଶୂନ୍ୟରେ ଓଜନିଆ ବସ୍ତୁଟିଏ ରହିଲେ ଏହା ଚାରିପଟର ଜାଗା ଡାଲୁ ହୋଇଯାଏ। ଏଣୁ ସେହି ଅଞ୍ଚଳରେ ରହିଥିବା ଅଳ୍ପ ଓଜନର ବସ୍ତୁଟି ତାହା ଆଡକୁ ଆକର୍ଷିତ ହୋଇଥାଏ। ଉଦାହରଣ ସ୍ୱରୂପ, ଗୋଟିଏ ସୂତାଜାଲକୁ ଦୁଇଟି ଗଛର ଡାଳରେ ବାନ୍ଧି ଏହା ମଝିରେ ଗୋଟିଏ ଲୁହା ପେଣ୍ଡୁ ରଖିଲେ ତାହା ତଳକୁ ଟାଣି ହୋଇଯାଏ। ଏହାପରେ ସେହି ଜାଲରେ ଗୋଟିଏ ଅଳ୍ପ ଓଜନର ବସ୍ତୁ ରଖିଲେ ଏହା ତାହା ଆଡକୁ ଗଡିଯାଏ। ନିଉଟନଙ୍କ ଅନୁସାରେ ସୂର୍ଯ୍ୟ ଓ ଅନ୍ୟାନ୍ୟ କ୍ଷେତ୍ର ଭଳି ଓଜନିଆ ବସ୍ତୁପିଣ୍ଡ ସେମାନଙ୍କ ଚାରିପାଖ ଜାଗାରେ ଗୋଟିଏ କ୍ଷେତ୍ରୀୟ ବଳ ସୃଷ୍ଟି କରନ୍ତି ଯାହା ଯୋଗୁ ଗ୍ରହଗୁଡିକ ସରଳରେଖାରେ ନ ଯାଇ ବକ୍ରପଥରେ ଏହା ଚାରିପଟେ ଘୂରିଥାଆନ୍ତି। କିନ୍ତୁ ଆଇନଷ୍ଟାଇନ ବଳକୁ ଗ୍ରହଣ ନ କରି ବର୍ଣ୍ଣନା କଲେ ଯେ, ସୂର୍ଯ୍ୟ ପରି ଓଜନିଆ ବସ୍ତୁ ଯୋଗୁ ଏହା ଚାରିପଟ ସ୍ଥାନ–କାଳ ବକ୍ର ହୋଇ ଯାଉଥିବାରୁ ଗ୍ରହଗୁଡିକୁ ଉପବୃତ୍ତାକାର କକ୍ଷରେ ଘୂରୁଛନ୍ତି। ସୂଚନାଯୋଗ୍ୟ ଯେ, ପୃଥିବୀର ସମସ୍ତ ବସ୍ତୁ ତିନି ପରିସର (ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା)ରେ ଅଛି। କିନ୍ତୁ ଆଇନଷ୍ଟାଇନ ଏହା ସହିତ ସମୟକୁ ଏକ ପରିସର ଭାବେ ନେଇ ସ୍ଥାନ କାଳ ପରିସରରେ ତାଙ୍କ ତତ୍ତ୍ୱକୁ ବୁଝାଇଛନ୍ତି।

ଊନବିଂଶ ଶତାବ୍ଦୀର ଶେଷ ସୁଦ୍ଧା ଜଣାଗଲା ଯେ, ବୁଧ ଗ୍ରହରେ କକ୍ଷପଥକୁ ସମ୍ପୂର୍ଣ୍ଣ ଭାବେ ବୁଝାଇବା ପାଇଁ ନିଉଟନଙ୍କ ମାଧ୍ୟାକର୍ଷଣ ନିୟମ ସମର୍ଥ ହେଉନାହିଁ। କେହି କେହି ମତ ଦେଲେ ଯେ, ସୂର୍ଯ୍ୟ ଅତି ନିକଟରେ ବୋଧହୁଏ ଅନ୍ୟ ଏକ ଅନାବିଷ୍କୃତ ଗ୍ରହ ଅଛି, ଯାହା ଯୋଗୁ ଏପରି ହେଉଛି। ସେମାନେ ସେହି କଳ୍ପିତ ଗ୍ରହର ଗୋଟିଏ ନାମ ମଧ୍ୟ ଦେଲେ। ତାହା ହେଉଛି 'ଭଲ୍‌କାନ'।

(କ୍ରମଶଃ)

–୭୦, ଲକ୍ଷ୍ମୀବିହାର, ଫେଜ୍–୧,
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪



"ନିଉଟନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ପ୍ଲେଗ୍ ରୋଗ ବ୍ୟାପିବା ଯୋଗୁ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଗଲା। ନିଉଟନ ନିଜ ଗାଁକୁ ଚାଲିଗଲେ। ସେ ବଗିଚାରେ ଗୋଟିଏ ସେଓ ଗଛ ମୂଳରେ ବସିଥିବା ବେଳେ ଗଛରୁ ଫଳଟିଏ ତଳେ ପଡ଼ିଲା। ତାଙ୍କ ବିଜ୍ଞାନମନସ୍କ ମନ ଚିନ୍ତା କଲା ଓ ନିଜକୁ ନିଜେ ପ୍ରଶ୍ନ କଲା, 'ଫଳଟି ଉପରକୁ ନ ଯାଇ ତଳେ କାହିଁକି ପଡ଼ିଲା? ଯଦି ଫଳଟି ତଳେ ପଡ଼େ, ତାହାହେଲେ ଚନ୍ଦ୍ର ମଧ୍ୟ କ'ଣ ଖସି ପଡ଼ିବ?"



# ଉପକାରୀ ଅଦା

**ଅଦାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏ ସମ୍ପର୍କିତ କେତୋଟି ଟିପ୍ସ...**



- ଆପଣ ମୁଣ୍ଡ ବ୍ୟଥାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ପ୍ରାକୃତିକ ଉପାୟରେ ଏଥିରୁ କେତେକାଂଶରେ ଉପଶମ ଲାଭ କରିପାରିବେ। ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି ତାହାକୁ ଭଲ ଭାବରେ ଛେଚି ଦିଅନ୍ତୁ। ସେଥିରୁ ବାହାରିଥିବା ରସକୁ ଦିନକୁ ୩–୪ ଥର ମୁଣ୍ଡରେ ଲଗାଇଲେ ମୁଣ୍ଡବିନ୍ଧାରୁ ଆରାମ ମିଳିଥାଏ।
- ଅଦା ସହ କର୍ପୂର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଯଦି ଆପଣଙ୍କ ଶରୀରର କୌଣସି ଅଙ୍ଗ ଦରଜ ଲାଗୁଛି ତେବେ ଏହି ପେଷ୍ଟକୁ ସେହି ସ୍ଥାନରେ ଲଗାଇଲେ ସେଥିରୁ ଆରାମ ଲାଗିଥାଏ।
- ଏକ ଚାମଚ ଅଦା ରସକୁ ଅଧା କପ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ଏହାଦ୍ୱାରା ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।
- ଅଦା ରସର ଆଉ ଏକ ଉପକାରୀ ଗୁଣ ରହିଛି। ଦୁଇ ଚାମଚ ଅଦା ରସରେ ଦୁଇ ଚାମଚ ମହୁ ମିଶାଇ ପ୍ରତିଦିନ ସକାଳେ ପିଅନ୍ତୁ। ଏହାଦ୍ୱାରା ରକ୍ତ ପରିଷ୍କାର ରହିଥାଏ।
- କାଶଜନିତ ସମସ୍ୟାରୁ ଉପଶମ ପାଇବା ଲାଗି ଦୁଇ ଚାମଚ ଅଦା ରସରେ ଦୁଇ ଚାମଚ ମହୁ ମିଶାଇ ପିଇପାରନ୍ତି।
- ଏକ ଚାମଚ ଅଦା ରସରେ ଏକ ଚାମଚ ପୁଦିନା ରସ ଏବଂ ସାମାନ୍ୟ ବିଟ୍ ଲୁଣ ମିଶାଇ ପିଅନ୍ତୁ। ଏହାଦ୍ୱାରା ପେଟ ଦରଜରୁ ଉପଶମ ମିଳିଥାଏ।
- ଏକ ଚାମଚ ଅଦା ରସ ସହ ଏକ ମିଶ୍ରି ଖଣ୍ଡ ମିଶାଇ ସକାଳେ ଏବଂ ସନ୍ଧ୍ୟା ସମୟରେ ସେବନ କଲେ ମୂତ୍ରଜନିତ ସସମ୍ୟା ଦୂର ହୋଇଥାଏ।

# ବ୍ରେକ୍‌ଫାଷ୍ଟ ନ କଲେ ବଢ଼େ ଆଳସ୍ୟତା

ସକାଳର ପ୍ରଥମ ଖାଦ୍ୟ 'ବ୍ରେକ୍ ଫାଷ୍ଟ' ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଏହାକୁ ନିୟମିତ ଖାଇବା ଆବଶ୍ୟକ। ହେଲେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ବ୍ରେକ୍‌ଫାଷ୍ଟରେ ଅନିୟମିତା ଦେଖିବାକୁ ମିଳିଥାଏ। ତେବେ ଏହା ଏକ ଅଭ୍ୟାସରେ ପରିଣତ ହେଲେ ତାହା ଆଳସ୍ୟତାର କାରଣ ସାଜିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ବ୍ରେକ୍‌ଫାଷ୍ଟ ଓ ଆଳସ୍ୟତା' ଶୀର୍ଷକ ବିଷୟକୁ ନେଇ ସ୍ୱିଡେନ୍‌ର ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ବ୍ରେକ୍‌ଫାଷ୍ଟ କରୁ ନ ଥିଲେ ସେମାନେ କେଉଁ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ସେମାନେ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଆଳସ୍ୟତାର ଲକ୍ଷଣ ଦେଖିବାକୁ ମିଳିଥିଲା।

# ସ୍ୱାସ୍ଥ୍ୟ ସୂଚନା



- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। କାରଣ ଯଦି ଡାଇବେଟିସ୍ ଅସନ୍ତୁଳିତ ରହେ ତେବେ ତାହାର ପ୍ରଭାବ ଶରୀର ପ୍ରମୁଖ ଅଙ୍ଗ–ହାର୍ଟ, କିଡ୍‌ନୀ ସହ ଚକ୍ଷୁ ଉପରେ ପଡିଥାଏ।
- ଯଦି ଆପଣ ସକାଳୁ ବ୍ୟସ୍ତ ରହୁଛନ୍ତି ତେବେ ଘରେ ରହି ମଧ୍ୟ ଆପଣ ବ୍ୟାୟାମ କରିପାରିବେ। କିଛି ନ ହେଲେ ଯୋଗ, ପ୍ରାଣାୟାମ କରନ୍ତୁ। ଯଦି ସୁବିଧା ଅଛି ତେବେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- କେତେଜଣ ବ୍ୟକ୍ତି ଘରେ ପ୍ରସ୍ତୁତ ଖାଦ୍ୟ ଖାଇବା ଅପେକ୍ଷା ବାହାର ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ହେଲେ ବାହାର ଖାଦ୍ୟ ଯୋଗୁ ପେଟଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଏପରି ଅଭ୍ୟାସକୁ ବଦଳାଇବା ପାଇଁ ଚେଷ୍ଟା କରନ୍ତୁ।
- ବ୍ୟାୟାମ କରିବା ସମୟରେ ଯଦି ଆପଣଙ୍କୁ କ୍ଳାନ୍ତ ଲାଗୁଛି ତେବେ କିଛି ସମୟ ବିଶ୍ରାମ କରିବା ପରେ ପୁଣି ଥରେ ଆରମ୍ଭ କରିପାରନ୍ତି। ଯଦି ଅସୁସ୍ଥ ଅଛନ୍ତି ତେବେ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହେବା ପରେ ହିଁ ବ୍ୟାୟାମ କରନ୍ତୁ।
- ସବୁବେଳେ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



# କାର୍ଯ୍ୟଧାରାକୁ ପ୍ରଭାବିତ କରେ ଧୂମପାନ

ଧୂମପାନ ଏକ ଖରାପ ଅଭ୍ୟାସ ଏବଂ ଏହାର କୁପ୍ରଭାବ ଶରୀର ଉପରେ ପଡିଥାଏ। ତଥାପି ଏକଥା ଜାଣି ମଧ୍ୟ ଅନେକେ ଏହାର ବଶବର୍ତ୍ତୀ ହୋଇଥାଆନ୍ତି ଏବଂ କେତେଜଣଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ନିୟମିତ ଧୂମପାନ କରିବା ଦ୍ୱାରା ଏହାର ପ୍ରଭାବ କାର୍ଯ୍ୟଧାରା ଉପରେ ପଡ଼ିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଏଭଳି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଯେଉଁମାନଙ୍କର ଧୂମପାନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ କାର୍ଯ୍ୟଧାରା ଏହାଦ୍ୱାରା କିପରି ପ୍ରଭାବିତ ହେଉଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କ କାର୍ଯ୍ୟଧାରା ଏଥିପାଇଁ ପ୍ରଭାବିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଜିଡାନସେକ-ବଦୋସା କ୍ୱାର୍ଟର ଫାଇନାଲ

**ପ୍ୟାରିସ, ୬।୬**

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ତାମାରା ଜିଡାନସେକ ଓ ପାଉଲା ବଦୋସାଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ସ୍ଲୋଭାନିଆର ଜିଡାନସେକ ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡରେ ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ ୭-୬ (୭/୪), ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ପେନର ବଦୋସା ଚତୁର୍ଥ ରାଉଣ୍ଡରେ ୬-୪, ୩-୬, ୬-୨ ସେଟ୍‌ରେ ମାର୍କେଟା ଭୋନ୍ଦ୍ରୋସୋଭାଙ୍କୁ ହରାଇ ଦେଇଛନ୍ତି। ସ୍ଲୋଭାନିଆର ପ୍ରଥମ ମହିଳା ଟେନିସ ଖେଳାଳି ଭାବେ ଜିଡାନସେକ କୌଣସି ବଡ଼ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଏହି ଟୁର୍ନାମେଣ୍ଟ ପୂର୍ବରୁ ୨୩ ବର୍ଷୀୟ ଜିଡାନସେକ୍ କେବେହେଲେ ଟପ୍-୧୦ ର୍‍ୟାଙ୍କପ୍ରାପ୍ତ କୌଣସି ଖେଳାଳିଙ୍କୁ ମଧ୍ୟ ହରାଇ ନ ଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ସ୍ୱରୂପ ସେ ଥରେ ଲେଖାଏ ଅଷ୍ଟ୍ରେଲିଆନ ଓ ୱିମ୍ବେଲଡନ ଓପନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ୨ ଥର ସେ ଫ୍ରେଞ୍ଚ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପୂର୍ବରୁ ସ୍ଲୋଭାନିଆର ଶ୍ରେଷ୍ଠ ପ୍ରଦର୍ଶନକାରୀ ମହିଳା ଖେଳାଳି ଭାବେ କାଟାରିନା ସ୍ରେବୋନିକ୍ ଫ୍ରେଞ୍ଚ ଓପନ ଏବଂ ୟୁଏସ୍ ଓପନର ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ପ୍ରବେଶ କରିଥିଲେ।




ଚତୁର୍ଥ ରାଉଣ୍ଡ ମ୍ୟାଚ ପରେ ପାଉଲା ବଦୋସା ଓ ତାମାରା ଜିଡାନସେକ୍‌ଙ୍କ ପ୍ରତିକ୍ରିୟା।

## ଆଜାରେଙ୍କାଙ୍କ ଅଭିଯାନ ଶେଷ

ରୁଷିଆର ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ଗତ ୧୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ରୋଲାଣ୍ଡ ଗାରୋସ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୩୧ ବର୍ଷୀୟ ଏହି ରୁଷୀୟ ଖେଳାଳି ୪ର୍ଥ ରାଉଣ୍ଡରେ ୨୦୧୩ ସେମିଫାଇନାଲିଷ୍ଟ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୫-୭, ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ ୨୦୧୧ରେ ପାଭ୍‌ଲ୍ୟୁଚେଙ୍କୋଭା ଥରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିଲେ। ସେ ଥରେ ଲେଖାଏ ଅଷ୍ଟ୍ରେଲିଆନ ଓପନ ଏବଂ ୱିମ୍ବେଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ହେଁ କେବେ ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ହାସଲ କରିନାହାନ୍ତି।

# ପେରେଜଙ୍କୁ ଦ୍ୱିତୀୟ ଫର୍ମୁଲା ୱାନ୍ ଟାଇଟଲ

**ବାକୁ, ୬।୬**

ରେଡ୍ ବୁଲ୍‌ର ସର୍ଗିଓ ପେରେଜ ଆଜରବୈଜାନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଆଷ୍ଟନ ମାର୍ଟିନର ସେବାଷ୍ଟିଆନ ଭେଟେଲ ଓ ଆଲ୍‌ଫା ତାଉରିର ପିଏରେ ଗ୍ୟାସ୍‌ଲି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ରେଡ୍‌ବୁଲ୍ ସହ ପେରେଜଙ୍କର ଏହା ପ୍ରଥମ ସିଜନ ହୋଇଥିବାବେଳେ କ୍ୟାରିୟରର ଦ୍ୱିତୀୟ ବିଜୟ।

ଅନ୍ୟପକ୍ଷରେ ଚାମ୍ପିୟନଶିପ୍ ଟେବୁଲ୍‌ରେ ପୁଣି ପ୍ରଥମ ସ୍ଥାନ ଅଧିକାର କରିବା ଲାଗି ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଯେଉଁ ଆଶା ରଖିଥିଲେ, ସେଥିରେ ବିଫଳ ହୋଇଥିଲେ। ପ୍ରଥମ ଟର୍ନରେ ସେ ପେରେଜଙ୍କଠାରୁ ଆଗରେ ରହିଥିଲେ। ମାତ୍ର ଟାୟାରରେ ସମସ୍ୟା ଦେଖାଦେବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେ ୧୫ତମ ସ୍ଥାନରେ ରହିଥିଲେ। ଫଳରେ ଚାମ୍ପିୟନଶିପ୍ ଟେବୁଲରେ ରେଡ୍ ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଏହି ମର୍ସିଡିଜ ଡ୍ରାଇଭରଙ୍କଠାରୁ ୪ ପଏଣ୍ଟ ବ୍ୟବଧାନରେ ଶୀର୍ଷରେ ରହିଛନ୍ତି। ଭର୍ଷ୍ଟାପେନ୍ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ରେସ୍ ଶେଷ କରିପାରି ନ ଥିଲେ। ରବିବାର ରେସ୍ ଶେଷ କରିପାରି ନ ଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଜର୍ଜ ରସେଲ (ୱିଲିୟମ୍ସ), ଲାନ୍ସ ଷ୍ଟ୍ରୋଲ୍ (ଆଷ୍ଟନ ମାର୍ଟିନ) ଓ ଏଷ୍ଟିବାନ ଓକନ (ଆଲ୍‌ପାଇନ୍) ରେସ୍‌ରେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକରେକ୍ (ଫେରାରି), ଲାଣ୍ଡୋ ନୋରିସ (ମ୍ୟାକଲରେନ୍), ଫର୍ନାଣ୍ଡୋ ଆଲୋଁସୋ (ଆଲ୍‌ପାଇନ୍), ୟୁକି ଟିସୁନୋଡା (ଆଲ୍‌ଫା ତାଉରି), କାର୍ଲୋସ ସେଞ୍ଜ୍ ଜୁନିୟର (ଫେରାରି), ଡାନିଏଲ ରିକାର୍ଡୋ (ମ୍ୟାକଲରେନ) ଓ କିମି ରାଇକୋନେନ (ଆଲ୍‌ଫା ରୋମିଓ)। ହାମିଲଟନଙ୍କ ମର୍ସିଡିଜ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସ ଦ୍ୱାଦଶ ସ୍ଥାନରେ ରହିଥିଲେ।



ଟ୍ରଫିକୁ ଚୁମ୍ବନ ଦେଉଛନ୍ତି ରେଡ୍ ବୁଲ୍‌ର ସର୍ଗିଓ ପେରେଜ।

## ବୋପାନ୍ନା-ସ୍କୁଗୋର କ୍ୱାର୍ଟର ଫାଇନାଲରେ

ଭାରତର ରୋହନ ବୋପାନ୍ନା ଓ କ୍ରୋଏସିଆର ଫ୍ରାଙ୍କୋ ସ୍କୁଗୋର ଯୋଡ଼ି ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଏହି ଭାରତ-କ୍ରୋଏସିଆ ଯୋଡ଼ି ଡଚ୍ ଷ୍ଟାର ମାଥ୍ୟୁ ମିଡେଲକୋପ୍ ଓ ସାଲ୍‌ଭାଡରର ମାର୍ସେଲୋ ଆରେଭାଲୋ ଯୋଡ଼ିଙ୍କ ବିପକ୍ଷରେ ୱାକଓଭର ପାଇଛନ୍ତି। ସୋମବାର କ୍ୱାର୍ଟର ଫାଇନାଲରେ ବୋପାନ୍ନା-ସ୍କୁଗୋର ସ୍ପାନିଶ୍ ଯୋଡ଼ି ପେଡ୍ରୋ ମାର୍ଟିନେଜ ଓ ପାବ୍‌ଲୋ ଆନ୍ଦୁଜାରଙ୍କୁ ଭେଟିବେ।

# ଫ୍ରେଞ୍ଚ୍ ଓପନରୁ ଓହରିଲେ ଫେଡରର

**ପ୍ୟାରିସ, ୬।୬:** ତୃତୀୟ ରାଉଣ୍ଡରେ ସଂଘର୍ଷପୂର୍ଣ୍ଣ ବିଜୟ ପରେ ସୁଇଜରଲାଣ୍ଡର ରୋଜର ଫେଡରର ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଆଣ୍ଠୁରେ ୨ ଥର ଅସ୍ତ୍ରୋପଚାର ହୋଇଥିବାରୁ ଏପରି ଏକ ମ୍ୟାଚ ପରେ ଆଉ ଖେଳ ବଜାୟ ରଖିବା ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ଏହି ୩୯ ବର୍ଷୀୟ ଖେଳାଳି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଫେଡରରଙ୍କୁ ଜର୍ମାନୀର ଡୋମିନିକ କୋଏଫର ତୃତୀୟ ରାଉଣ୍ଡରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଶେଷରେ ଫେଡରର ୭-୬(୭/୫), ୬-୭(୩/୭), ୭-୬(୭/୪), ୭-୫ ସେଟ୍‌ରେ ବିଜୟ ହାସଲ କରିଥିଲେ। ଆହତ ସମସ୍ୟା ଯୋଗୁ ଫେଡରର ମାତ୍ର ୩ଟି ମ୍ୟାଚ ଖେଳି ଫ୍ରେଞ୍ଚ ଓପନ ଆସିଥିଲେ। ତେଣୁ ତାଙ୍କ ଟାଇଟଲ ହାସଲ ଆଶା କମ୍ ବୋଲି ଅନେକ ପୂର୍ବାନୁମାନ କରିଥିଲେ। ତୃତୀୟ ରାଉଣ୍ଡରେ ସଂଘର୍ଷ ତାଙ୍କ ପାଇଁ ସତର୍କଘଣ୍ଟି ସଦୃଶ ହୋଇଥିଲା। ୨୭ ବର୍ଷୀୟ ବାମହାତୀ କୋଏଫର ୫୬ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି। ସେ ଟୁର୍ ସ୍ତରରେ କେବେ ଟାଇଟଲ ଜିତି ନ ଥିବାବେଳେ ମାତ୍ର ଥରେ କୌଣସି ବଡ଼ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ଯାଇ ପାରିଛନ୍ତି।



# କରୋନାମୁକ୍ତ ୫ ଆଥ୍‌ଲେଟଙ୍କୁ ପ୍ରଥମ ଡୋଜ୍

**ନୂଆଦିଲ୍ଲୀ,୬।୬(ପି.ଟି.)**

କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଥିବା ୫ଜଣ ଆଥ୍‌ଲେଟଙ୍କୁ ପ୍ରଥମ ଡୋଜ୍ ଟିକା ନେବାକୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ରବିବାର ନିର୍ଦ୍ଦେଶ ଦେଇଛି। ଏହି ଆଥ୍‌ଲେଟମାନେ କିଛିଦିନ ତଳେ କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଥିଲେ। ଯେତେଶୀଘ୍ର ସମ୍ଭବ ଆଥ୍‌ଲେଟମାନେ ଟିକାର ପ୍ରଥମ ଡୋଜ୍ ନେବାକୁ କୁହାଯାଇଛି। ଏହି ୫ ଜଣ ଆଥ୍‌ଲେଟଙ୍କ ମଧ୍ୟରେ ଜଣେ ବକ୍ସର ଓ ୪ଜଣ ଶୁଟର ସାମିଲ ରହିଛନ୍ତି।

୨୦୧୮ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ବକ୍ସର ସିମରନଜିତ କୌର ଓ ୧୯ ବର୍ଷୀୟ ତାରକା ଶୁଟର ତଥା ଚଳିତ ବର୍ଷ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ସୌରଭ ଚୌଧୁରୀଙ୍କୁ ପ୍ରଥମ ଡୋଜ୍ ଟିକା ନେବାକୁ କୁହାଯାଇଛି। ସେହିପରି ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ରାହି ସାର୍ନୋବାତ୍, ଏସିଆନ୍ ଗେମ୍ସର ଏହି ସଂସ୍କରଣରେ ୧୦ମି. ଏୟାର ରାଇଫଲ ଇଭେଣ୍ଟରେ ଦୀପକ କୁମାର ଓ ଅଭିଜ୍ଞ ଶଟ୍‌ଗନ ଶୁଟର ମାଇରାଜ ଅହମ୍ମଦ ଖାଁଙ୍କୁ ମଧ୍ୟ ପ୍ରଥମ ଡୋଜ୍ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଯଥାଶୀଘ୍ର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକରି ପ୍ରତ୍ୟାବର୍ତ୍ତନ କରିବାକୁ ଶୁଟର ଓ ବକ୍ସରଙ୍କୁ ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା ପରାମର୍ଶ ଦେଇଛନ୍ତି।

# ଓଲିଭିଏରା ଜିତିଲେ ମୋଟୋ ଜିପି

**ମଣ୍ଟମେଲୋ (ସ୍ପେନ୍), ୬।୬ (ଏପି)**

ମିଗୁଏଲ ଓଲିଭିଏରା କାଟାଲୋନିଆ ଜିପି ଜିତିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ମୋଟୋ ଜିପି ବିଜୟ। ପ୍ରାୟ ୨୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଏହି ରେସ୍ ଅନୁଷ୍ଠିତ ହୋଇଥିଲା। କରୋନା ଭାଇରସ୍ ମହାମାରୀ ଆବିର୍ଭାବ ପରଠାରୁ ସ୍ପେନ୍‌ରେ କୌଣସି କ୍ରୀଡ଼ା ଇଭେଣ୍ଟରେ ଏତେ ସଂଖ୍ୟକ ଦର୍ଶକଙ୍କୁ ଦେଖିବାକୁ ମିଳି ନ ଥିଲା। ବାର୍ସିଲୋନା କାଟାଲୁନ୍ୟା ସର୍କିଟ୍‌ରେ କାଟାଲୋନିଆ ଜିପି ଦେଖିବାକୁ ଆସିଥିବା ଦର୍ଶକଙ୍କ ସଂଖ୍ୟା ୧୯,୩୫୨ ରେକର୍ଡ କରାଯାଇଛି। ଶୁକ୍ରବାର ମାଡ୍ରିଡ୍‌ସ୍ଥିତ ୱାଣ୍ଡା ମେଟ୍ରୋପଲିଟାନୋ ଷ୍ଟାଡିୟମରେ ପର୍ତ୍ତୁଗାଲ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଦେଖିବା ଲାଗି ପାଖାପାଖି ୧୫,୦୦୦ ଦର୍ଶକ ଆସିଥିଲେ। କରୋନା ମହାମାରୀ ଯୋଗୁ ସମଗ୍ର ସ୍ପେନ୍‌ରେ ଇଭେଣ୍ଟଗୁଡ଼ିକ ଦେଖିବା ଲାଗି ସ୍ୱଳ୍ପ ସଂଖ୍ୟକ ଦର୍ଶକଙ୍କୁ ଅନୁମତି ମିଳୁଛି। ରବିବାର ରେସ୍ ପାଇଁ ଖେଳପ୍ରେମୀମାନଙ୍କୁ ୮ସେକ୍ଟରରେ ବିଭକ୍ତ କରାଯାଇଥିଲା। ପ୍ରତିଟିରେ ସର୍ବାଧିକ ୩,୦୦୦ ଦର୍ଶକ ରହିପାରିବେ। ରେଡ୍‌ବୁଲ୍ କେଟିଏମ୍ ଟିମ୍‌ର ପର୍ତ୍ତୁଗୀଜ୍ ରାଇଡର ଓଲିଭିଏରା ଯଥାକ୍ରମେ ଜୋହାନ ଜାର୍କୋ ଓ ଜ୍ୟାକ୍ ମିଲରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କର୍ନର କଟିଂ ପାଇଁ ୩ ସେକେଣ୍ଡ ପେନାଲ୍ଟି ଯୋଗୁ ପୋଲ୍ ପୋଜିଶନ ହାସଲ କରିଥିବା ଫାବିଓ କ୍ୱାର୍ଟାରାରୋ ଚତୁର୍ଥ ସ୍ଥାନକୁ ଖସି ଆସିଥିବାବେଳେ ମିଲର ଅନ୍ତିମ ପୋଡିୟମ ସ୍ଥାନ ଅଧିକାର କରିଥିଲେ।




ରେସ୍ ଜିତିବା ପରେ ମିଗୁଏଲ ଓଲିଭିଏରା।

## କାନାଡ଼ା, ଦକ୍ଷିଣ କୋରିଆର ବୃହତ୍ ବିଜୟ

**ବ୍ରାଡେଣ୍ଟନ,୬।୬(ଏପି):** ୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ କାନାଡା, ଦକ୍ଷିଣ କୋରିଆ ବୃହତ୍ ବିଜୟ ହାସଲ କରିଛନ୍ତି। କାନାଡା ୭-୦ ଗୋଲରେ ଅରୁବାକୁ ହରାଇଛି। ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିବା ପାଇଁ କାନାଡା ଏବେ ସୁରିନାମକୁ ଭେଟିବ। ସେହିପରି ଦକ୍ଷିଣ କୋରିଆ ବୃହତ୍ ବିଜୟ ସହ ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ଅଭିଯାନ ଜାରି ରଖିଛି। ୧୯ ମାସ ପରେ ପଡ଼ିଆକୁ ଓହ୍ଲାଇ ଦକ୍ଷିଣ କୋରିଆ ୫-୦ ଗୋଲରେ ତୁର୍କମେନିସ୍ତାନକୁ ପରାସ୍ତ କରିଛି ଓ ତୃତୀୟ ରାଉଣ୍ଡକୁ ଉଠିବାର ସମ୍ଭାବନା ସୃଷ୍ଟି କରିଛି। ଶନିବାର ଅନୁଷ୍ଠିତ ଅନ୍ୟ ଏକ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚ୍ ଡ୍ର ରଖି ତ୍ରିନିଦାଦ ଓ ଟୋବାଗୋ ବାଦ୍ ପଡ଼ିଛି। ବାହାମାସ ବିପକ୍ଷ ମ୍ୟାଚ୍‌କୁ ତ୍ରିନିଦାଦ ଗୋଲଶୂନ୍ୟ ଭାବେ ଡ୍ର ରଖି ବାଦ୍ ପଡ଼ିଛି।

# ଇଂଲଣ୍ଡ ସମ୍ମୁଖରେ ୨୭୩ ବିଜୟ ଲକ୍ଷ୍ୟ

**ଲର୍ଡ୍ସ, ୬।୬**

ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଘରୋଇ ଇଂଲଣ୍ଡ ସମ୍ମୁଖରେ ୨୭୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଇଂଲଣ୍ଡ ୨ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଛି। ଓପନର ରୋରି ବର୍ନ୍ସ ୨୫(୮୧ ବଲ, ୪ ଚୌକା) ଓ ଜ୍ୟାକ କ୍ରଲି ୨ ରନ କରି ଆଉଟ ହୋଇଛନ୍ତି। ଡୋମିନିକ ସିବ୍‌ଲେ ୪୦ ଏବଂ ଅଧିନାୟକ ଜୋ ରୁଟ୍ ୧୦ ରନରେ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ଓ ନେଲ୍ ୱାଗନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ଅପେକ୍ଷାକୃତ ଧିମା ଖେଳୁଥିବାରୁ ଏହି ଟେଷ୍ଟ ଡ୍ର ଅଭିମୁଖେ ଗତି କରିଛି।

**୧୬୯/୬ରେ ନ୍ୟୁଜିଲାଣ୍ଡର ଇନିଂସ ଘୋଷଣା**

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୬୨/୨ରୁ ଖେଳ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ୧୬୯/୬ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୨ ସେସନରେ ଅର୍ଥାତ୍ ୭୫ ଓଭରରୁ ୨୭୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ପକ୍ଷରୁ ଟମ୍ ଲଥାମ ସର୍ବାଧିକ ୩୬, ରସ୍ ଟେଲର ୩୩, ପ୍ରଥମ ଇନିଂସରେ ଦ୍ୱିଶତକ ହାସଲକାରୀ ଡେଭନ କନ୍‌ୱେ ୨୩, ହେନରି ନିକୋଲ୍ସ ୨୩ ରନ କରିଥିଲେ। ଅଧିନାୟକ କେନ୍ ୱିଲିୟମସନ କ୍ରମାଗତ ଦ୍ୱିତୀୟ ଇନିଂସରେ ବିଫଳ ହୋଇ ମାତ୍ର ୧ ରନରେ ପ୍ୟାଭିଲିୟନ ଫେରିଥିଲେ। ବ୍ରାଡ୍-ଜନ୍ ୱାଟଲିଙ୍ଗ ୧୫ ଓ କଲିନ୍ ଡି ଗ୍ରାଣ୍ଡହୋମ୍ ୯ ରନରେ ଅପରାଜିତ ରହିଥିଲେ। କୌଣସି ଉଇକେଟ ଯୋଡ଼ିରେ ବଡ଼ ଭାଗୀଦାରି ହୋଇପାରି ନ ଥିଲା। ଇଂଲଣ୍ଡ ପକ୍ଷରୁ ଓଲି ରବିନସନ ୩ଟି ଏବଂ ଷ୍ଟୁଆର୍ଟ ବ୍ରଡ୍, ମାର୍କ ଉଡ୍ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଡୋମିନିକ୍ ସିବ୍‌ଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୭୮। ଇଂଲଣ୍ଡ ପ୍ରଥମ ଇନିଂସ: ୨୭୫। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୬୯/୬/ଘୋଷଣା।(ଟମ୍ ଲଥାମ-୩୬, ରସ୍ ଟେଲର-୩୩, ଡେଭନ କନ୍‌ୱେ-୨୩, ହେନରି ନିକୋଲ୍ସ-୨୩, ଓଲି ରବିନସନ-୩/୨୬, ଷ୍ଟୁଆର୍ଟ ବ୍ରଡ୍-୧/୩୪, ମାର୍କ ଉଡ୍-୧/୩୧, ଜୋ ରୁଟ୍-୧/୧୬)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୯୨/୨(ଡୋମିନିକ୍ ସିବ୍‌ଲେ-୪୦, ରୋରି ବର୍ନ୍ସ-୨୫, ଟିମ୍ ସୌଦୀ-୧/୨୮, ନେଲ ୱାଗନର-୧/୯)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୧୮ରୁ ୪୪ ବୟସ୍କଙ୍କ ପାଇଁ ଆଜିଠାରୁ ଟିକାକରଣ

**ନୟାଗଡ଼ ଅଫିସ,୬।୬:** ନୟାଗଡ଼ ସହରରେ ବାସ କରୁଥିବା ୧୮ରୁ ୪୪ବର୍ଷ ବୟସ୍କଙ୍କ ପାଇଁ ଆସିଛି ଶୁଭ ଖବର। ସୋମବାରଠାରୁ ନୟାଗଡ଼ ମ୍ୟୁନିସିପାଲିଟିରେ ବାସ କରୁଥିବା ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ କୋଭିଡ୍ ଟିକାକରଣ ଆରମ୍ଭ ହେବ। ଏଥିପାଇଁ କୋଉଇନ୍ ପୋର୍ଟାଲ ମାଧ୍ୟମରେ ହିତାଧିକାରୀଙ୍କୁ ନିଜର ନାମ ପଞ୍ଜୀକରଣ କରିବା ସହ ସ୍ଲଟ ବୁକିଂ କରାଇବା ବାଧ୍ୟତାମୂଳକ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ନୟାଗଡ଼ର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଟିକା ଦିଆଯିବ। ଟିକାକରଣ ପୂର୍ବାହ୍ନ ୯ ଘଟିକାଠାରୁ ଆରମ୍ଭ ହେବ ବୋଲି ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି।

### ପକେଟ ଖର୍ଚ୍ଚରୁ ଗରିବଙ୍କୁ ସହାୟତା

**ନୟାଗଡ଼ ଅଫିସ,୬।୬:** ପକେଟ ଖର୍ଚ୍ଚରୁ ବଳକା କରି ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ଧାରୁଆ ସାମନ୍ତସିଂହାରପୁର ଗାଁର କେତେଜଣ ଯୁବକ ଗରିବଙ୍କୁ ସହାୟତା କରୁଛନ୍ତି। କରୋନାରେ ଖାଇବାକୁ ପାଉ ନ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ଜଳଖିଆ ପୁଡ଼ିଆ, ପାଣି ବୋତଲ ବଣ୍ଟନ କରୁଛନ୍ତି। ଦରକାର ପଡିଲେ କେତେଜଣ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସାମନ୍ତସିଂହାରପୁର ଗାଁର ଦିବ୍ୟଜ୍ୟୋତି ମହାପାତ୍ର, ପ୍ରଶାନ୍ତ ଛୋଟରାୟ, ବାଦଲ ମାନସିଂ, ପ୍ରକାଶ ମହାପାତ୍ର ପରି ଯୁବକଙ୍କର ଏହି ସହଯୋଗ ଅନ୍ୟମାନଙ୍କୁ ସାମାଜିକ ସେବା କରିବାକୁ ପ୍ରେରଣା ଦେଉଛି।

### ଅପରାଧୀ ଜେଲ ଗଲେ

**ନୟାଗଡ଼ ଅଫିସ,୬।୬:** ଫତେଗଡ଼ ଥାନା ପୋଲିସ ସ୍ଥାନୀୟ ପାଠପୁର ଗାଁର ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଧନେଶ୍ୱର ଲେଙ୍କା ଓରଫ ଝୁଲିଆ(୪୦)ଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଝୁଲିଆଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଝୁଲିଆ ଖୋର୍ଦ୍ଧା ଜିଲା ବାଘମାରୀ ଥାନାର ଏକ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିଲେ। ଅନ୍ୟପକ୍ଷେ ସେ ବୈଦେଶ୍ୱର ବାଙ୍କୀରେ ହୋଇଥିବା ବୋମାମାଡ଼ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିଲେ।

### କରୋନା ଆକ୍ରାନ୍ତ ଚିନ୍ତାର କାରଣ

**ନୟାଗଡ଼ ଅଫିସ,୬।୬:** ନୟାଗଡ଼ ଜିଲାରେ ରବିବାର ୧୯୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୧୫ରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ଭାପୁର ବ୍ଲକରେ ୧୩, ଦଶପଲ୍ଲାରେ ୧୭, ଗଣିଆରେ ୪, ଖଣ୍ଡପଡାରେ ୨୮, ନୟାଗଡରେ ୨୪, ନୂଆଗାଁରେ ୩୫, ଓଡଗାଁରେ ୨୨, ରଣପୁର ବ୍ଲକରେ ୩୬, ନୟାଗଡ଼ ମ୍ୟୁନିସିପାଲିଟିରେ ୧୭ଜଣ ଅଛନ୍ତି। ପ୍ରକାଶଥାଉ କି କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ଜିଲାରୁ ୫୧ ଜୀବନ ନେଇ ସାରିଲାଣି।

### ଦୁଇ ମୋବାଇଲ ଚୋରି

**ନୟାଗଡ଼ ଅଫିସ,୬।୬:** ନୟାଗଡ ଟାଉନ ଥାନା ନୟାଗଡ ପୁରୁଣାସହର ଅନିଲ ସାହୁଙ୍କ ଘରୁ ୨ଟି ମୋବାଇଲ ଚୋରି ହୋଇଛି। ଚୋରି ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନାମ ପଞ୍ଜୀକରଣ ନୈରାଶ୍ୟଜନକ

- ସଚେତନତା ଅଭାବରୁ ଅଣ ସଙ୍ଗଠିତ ଶ୍ରମିକ ହତାଶ
- ପଞ୍ଜୀକରଣ ତାଲିକାରେ ନୟାଗଡ଼ ଜିଲା ପଛରେ

ନୟାଗଡ଼ ଅଫିସ,୬।୬

ନୟାଗଡ଼ ଜିଲାରେ ଅଣ ସଙ୍ଗଠିତ ଶ୍ରମିକଙ୍କ ନାମ ପଞ୍ଜୀକରଣ ନୈରାଶ୍ୟଜନକ ରହିଛି। କେଉଁମାନେ ଏଥିରେ ନାମ ପଞ୍ଜୀକରଣ କରିପାରିବେ ସେନେଇ ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ପଞ୍ଜୀକରଣରେ ନୟାଗଡ଼ ଜିଲା ଶେଷରେ ଥିବାବେଳେ ବୌଦ୍ଧ ଜିଲା ଆଗରେ ରହିଛି। ନୟାଗଡ଼ ଜିଲାରେ ମାତ୍ର ୩୭୬ ଜଣ ଅଣ ସଙ୍ଗଠିତ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ବୌଦ୍ଧ ଜିଲାରେ ୨୬ ହଜାର ୨୩୬ଜଣ ପଞ୍ଜୀକୃତ ହୋଇ ରେକର୍ଡ କରିଛି। ବୌଦ୍ଧ ଜିଲାର ପଞ୍ଜୀକରଣକୁ ଦେଖି ନୟାଗଡ଼ ଜିଲା ଶ୍ରମ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି ଜିଲାର ଅଣ ସଙ୍ଗଠିତ ଶ୍ରମିକମାନେ।

ରାଜ୍ୟରେ ଅଣ ସଙ୍ଗଠିତ ଶ୍ରମିକଙ୍କ ଉପରେ ନୟାଗଡ଼ ଜିଲାର ସୂଚନା ଅଧିକାର କର୍ମୀ ଦେବୀ ପ୍ରସାଦ ମହାପାତ୍ର ତଥ୍ୟ ମାଗିଥିଲେ। ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଓଡିଶା ଅନଅର୍ଗାନାଇଜ୍‌ଡ ୱାର୍କର୍ସ ସୋସିଆଲ ସିକ୍ୟୁରିଟ୍ ବୋର୍ଡ ଭୁବନେଶ୍ୱର ଅଧୀନରେ ୨୪।୪।୨୦୧୭ରୁ ୧୫।୩।୨୦୨୧ ମଧ୍ୟରେ ୧ ଲକ୍ଷ ୭୪ ହଜାର ୫୬୪ଜଣ ଅଣ ସଙ୍ଗଠିତ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଏଥିରେ ଅନୁଗୋଳ ଜିଲାର ୧୯୬୪, ବାଲେଶ୍ୱର ୭ ହଜାର ୪୬୮, ଭଦ୍ରକ ୯ ହଜାର ୬୧୮, ବରଗଡ ୨ହଜାର ୩୯୩, ବଲାଙ୍ଗୀର ୧୧ ହଜାର ୧୫୩, ବୌଦ୍ଧ ୨୬ ହଜାର ୨୩୬, ଛତ୍ରପୁର ୩ ହଜାର ୩୫୦, କଟକ ୬ ହଜାର ୮୯୧, ଦେଓଗଡ ୬୩୬, ଢେଙ୍କାନାଳ ୧୫୩୬, ଗଜପତି ୧୧୮୩, ଗଞ୍ଜାମ ୧୧ ହଜାର ୮୧୦, ଜଗତ୍‌ସିଂହପୁର ୬ ହଜାର ୭୯୯, ଯାଜପୁର ୫ ହଜାର ୫୯୬, ଝାରସୁଗୁଡ଼ା ୧୬୯୧, କଳାହାଣ୍ଡି ୧୧୨୦, କନ୍ଧମାଳ ୧୦୮୯, କେନ୍ଦ୍ରାପଡ଼ା ୮ ହଜାର ୧୯୩, ଖୋର୍ଦ୍ଧା ୩ ହଜାର ୭୨୮, କେନ୍ଦୁଝର ୬ ହଜାର ୮୩୨, କୋରାପୁଟ ୩ ହଜାର ୫୮, ମାଲକାନଗିରି ୩୧୧୮, ମୟୂରଭଞ୍ଜ ୧୪୭୩, ନୟାଗଡ଼ ୩୭୬, ନବରଙ୍ଗପୁର ୧୧ ହଜାର ୪୩୮, ନୂଆପଡା ୬ ହଜାର, ପୁରୀ ୬ ହଜାର ୯୬୭, ରାୟଗଡା ୬ ହଜାର ୫୮, ସମ୍ବଲପୁର ୪୯୪, ସୁବର୍ଣ୍ଣପୁର ୪ ହଜାର ୩୭୯, ସୁନ୍ଦରଗଡ ୧୦ ହଜାର ୫୯୨, ତାଳଚେର ଜିଲାରେ ୧୩୨୫ ଜଣ ରହିଛନ୍ତି।

ଏନେଇ ସୂଚନା ଅଧିକାର କର୍ମୀ ମହାପାତ୍ର କୁହନ୍ତି, ଜିଲାରେ ଅଣ ସଙ୍ଗଠିତ ଶ୍ରମିକଙ୍କ ସ୍ଥିତିକୁ ଦେଖିଲେ ନୟାଗଡ଼ର ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀମାନେ କାମ କରୁ ନ ଥିବା ପରି ଜଣାପଡୁଛି। ଲକ୍‌ଡାଉନ୍ ଶଟଡାଉନ ସମୟରେ ବି କାମ ନ କରି ଦରମା ନେଉଛନ୍ତି। ଜିଲାରେ ବହୁ ସଂଖ୍ୟକ ଅଣ ସଙ୍ଗଠିତ ଶ୍ରମିକ ଥିଲେ ହେଁ ସେମାନଙ୍କୁ ଜାଣିଶୁଣି ପଞ୍ଜୀକୃତ କରାଯାଉନାହିଁ। ଶ୍ରମିକ ସଙ୍ଗଠନ ନେତା ବାସୁଦେବ ମହାନ୍ତି କୁହନ୍ତି, ରାଜ୍ୟ ସରକାରଙ୍କ ଚିଠି ନଂ. ୩୩୨୭/୨୪।୪।୨୦୧୭ ଅନୁସାରେ ସୁରକ୍ଷା ବୋର୍ଡରେ ରାଜ୍ୟରେ କାର୍ଯ୍ୟରତ ଛୋଟ ବ୍ୟବସାୟୀ, ସ୍ୱଳ୍ପ ଟ୍ରେଡର୍ସ, ଘରୋଇ ଶ୍ରମିକ, ରିକ୍ସା ଚାଳକ, ୩ ଚକିଆ ଅଟୋ ଡ୍ରାଇଭର, ମୋଚି, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକ, କେନ୍ଦୁ ବା ଶାଳପତ୍ର ତୋଳାଳି ଶ୍ରମିକ, କୃଷି ଶ୍ରମିକ, ଖବରକାଗଜ ବିତରକ, କବାଡିଆ, ଚା ଓ କଫି ଦୋକାନୀ, ଜଳଖିଆ ଦୋକାନୀ, ପରିବା, ଫଳ, ଗୁପ୍‌ଚୁପ୍, ଚାଟ୍, ଆଳୁଦମ ଦହିବରା ଓ ବାଦାମ ବିକ୍ରେତା ଭଳି ସମସ୍ତ ଉଠା ବ୍ୟବସାୟୀମାନେ ପଞ୍ଜୀକୃତ ହୋଇ ସରକାରୀ ସହାୟତା ପାଇପାରିବେ। ତେବେ ଏହି ବର୍ଗର ଶ୍ରମିକମାନେ ଅଣ ସଙ୍ଗଠିତ ଶ୍ରମିକ ବୋଲି ସେମାନେ ପ୍ରାୟତଃ ଜାଣି ନାହାନ୍ତି। ଏପରି କି କେଉଁମାନେ ଅଣ ସଙ୍ଗଠିତ ଶ୍ରମିକ ସେ ନେଇ ଶ୍ରମ ବିଭାଗ ପକ୍ଷରୁ ସଚେତନତା କରାଯାଉନାହିଁ। ନୟାଗଡ଼ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ନିର୍ମାଣ ଶ୍ରମିକ ପଞ୍ଜୀକୃତ ହେଲେ ଶ୍ରମ ବିଭାଗର କର୍ମଚାରୀ କିଛି ପଇସା ପାଉଛନ୍ତି। କିନ୍ତୁ ଅଣ ସଙ୍ଗଠିତ ଶ୍ରମିକ ପଞ୍ଜୀକୃତ ହେଲେ ଶ୍ରମ ବିଭାଗର ଉପୁରି ନ ଥିବାରୁ ଏଥିପ୍ରତି ଆନ୍ତରିକତା ନାହିଁ। ସଚେତନତା ନ ଥିବାରୁ ପଞ୍ଜୀକରଣରେ ଆମ ଜିଲା ସବୁଠାରୁ ପଛରେ ରହିଛି। ପଞ୍ଜୀକରଣ କରିବାକୁ ଗଲେ ବି ତୁମର ହେବ ନାହିଁ କହି ଫେରାଇ ଦିଆଯାଉଛି। ଏଣୁ ଅଣ ସଙ୍ଗଠିତ ଶ୍ରମିକମାନେ ପଞ୍ଜୀକୃତ ହୋଇ ନ ପାରି ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କା ପାଇ ପାରୁନାହାନ୍ତି। ଆଳୁଦମ ଦହିବରା ବ୍ୟବସାୟୀ ସୁବ୍ରତ ସାହୁ, ଚା ଓ କଫି ଦୋକାନୀ ରାମଚନ୍ଦ୍ର ସ୍ୱାଇଁ, ଅଟୋରିକ୍ସା ଚାଳକ ସୁଦାମ ପ୍ରଧାନ, ରିକ୍ସା ଚାଳକ ବଟକୃଷ୍ଣ ନାୟକ, ଖବରକାଗଜ ବିତରକ ଚିରଞ୍ଜୀବୀ ପ୍ରଧାନ କୁହନ୍ତି, ସରକାରଙ୍କ ଅଣ ସଙ୍ଗଠିତ ଶ୍ରମିକ ପଞ୍ଜୀକୃତ ସମ୍ପର୍କରେ ଆମେ ଜାଣି ନାହୁଁ। ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଆମକୁ କେହି କହି ନାହାନ୍ତି। ଆମେ ଏବେ ଜାଣିବା ପରେ ପଞ୍ଜୀକରଣ ପାଇଁ ଯିବୁ ବୋଲି ସେମାନେ କହିଛନ୍ତି।

ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡାଙ୍କୁ ପଚାରିବାରେ ଆମ ପାଖକୁ ଆସିଥିବା ଦରଖାସ୍ତକୁ ଅନୁଧ୍ୟାନ ପରେ ପଞ୍ଜୀକୃତ କରୁଛୁ। କୌଣସି ଅଣସଙ୍ଗଠିତ ଶ୍ରମିକଙ୍କ ଦରଖାସ୍ତ ଆମ ପାଖରେ ଅଟକି ରହିନାହିଁ। ଏ ନେଇ ଆମେ ସଚେତନ କରିଛୁ। ହେଲେ ନିର୍ମାଣ ଶ୍ରମିକମାନେ ଅଧିକ ପଞ୍ଜୀକରଣ ହେଉଛନ୍ତି। ଅଣ ସଙ୍ଗଠିତ ଶ୍ରମିକଙ୍କ ପଞ୍ଜୀକରଣ କିପରି ଅଧିକ ହେବ ସେ ନେଇ ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

# ଔଷଧୀୟ ଚାରାରୋପଣ



ଅତିଥିମାନେ ଔଷଧୀୟ ଚାରାରୋପଣ କରୁଛନ୍ତି।

ଓଡ଼ଗାଁ, ୬।୬(ସ୍ୱ.ପ୍ର.)

ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ଗାଁ ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଏନ୍‌ଏସି ଅନ୍ତର୍ଗତ ଜାରିଙ୍ଗି ଅଞ୍ଚଳରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇ ଏକ ବଗିଚାର ପରିକଳ୍ପନା କରାଯାଇଛି। ଏହି ଅବସରରେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଙ୍ଗଠନ ସଭାପତି ସୁଶାନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦୋରା, ସନ୍ତୋଷ କୁମାର ପୃଷ୍ଟି, ପାଣୁ ଚରଣ ପୃଷ୍ଟି, ଅଚ୍ୟୁତାନନ୍ଦ ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡା, ଜୟ ପୃଷ୍ଟି ଓ ବରେନ୍ଦ୍ର କୁମାର ନନ୍ଦ ଚାରାରୋପଣରେ ଅଂଶ ଗ୍ରହଣ କରିବା ସହ ବର୍ଷ ତମାମ ଔଷଧୀୟ ବଗିଚାର ରକ୍ଷଣାବେକ୍ଷଣ କରିବେ ବୋଲି ବୃକ୍ଷ ନିକଟରେ ଶପଥ ଗ୍ରହଣ କରିଥିଲେ।

# ବିଶୋଧନ ହେଲା ଖଣ୍ଡପଡ଼ା ସହର, କିଆଝର ପଞ୍ଚାୟତ



ଅଗ୍ନିଶମ ବିଭାଗ ପକ୍ଷରୁ ଖଣ୍ଡପଡ଼ା ସହରର ରାସ୍ତାକୁ ବିଶୋଧନ କରାଯାଉଛି।

ଖଣ୍ଡପଡ଼ା,୬।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ କିଆଝର ପଞ୍ଚାୟତ ଅଧୀନ ୩ ଗାଁ ସମେତ ଖଣ୍ଡପଡା ସହରର ମୁଖ୍ୟ ରାସ୍ତା ଓ ଗଳିକନ୍ଦିରେ ରବିବାର ବିଶୋଧକ ସିଞ୍ଚନ କରାଯାଇଛି। ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ନଜରରେ ରଖି ପ୍ରଶାସନିକ ନିର୍ଦ୍ଦେଶକ୍ରମେ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ବିଶୋଧକ ସିଞ୍ଚନ କରିଥିଲେ। ସୂଚନାଯୋଗ୍ୟ, ଅଗ୍ନିଶମ ବିଭାଗ ପକ୍ଷରୁ ୨ୟଥର ପାଇଁ ଖଣ୍ଡପଡା କୋଭିଡ୍ କେନ୍ଦ୍ର, ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ବିଶୋଧନ କରାଯାଇଥିବା ଜଣାଯାଇଛି।

# କର୍ମଚାରୀ ପଜିଟିଭ ଚିହ୍ନଟ ପରେ କାର୍ଯ୍ୟାଳୟରେ ଅଚଳାବସ୍ଥା

ଖଣ୍ଡପଡା,୬।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ତହସିଲ, ବ୍ଲକ କାର୍ଯ୍ୟାଳୟ ସମେତ ଅନ୍ୟ ସରକାରୀ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟରତ କର୍ମଚାରୀମାନେ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହା ପରେ ସମ୍ପୃକ୍ତ କର୍ମଚାରୀମାନେ ଏବେ ଛୁଟି ନେଇ ଘରେ ସଙ୍ଗରୋଧରେ ରହିଛନ୍ତି। କର୍ମଚାରୀଙ୍କ ଅଭାବ ଯୋଗୁ କାର୍ଯ୍ୟାଳୟଗୁଡିକରେ ଅଚଳାବସ୍ଥା ଦେଖାଦେଇଛି। ଖଣ୍ଡପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡ଼ଙ୍ଗୀ ପ୍ରଥମେ କରୋନା ପଜିଟିଭ ଚିହ୍ନଟ ପରେ ଛୁଟି ନେଇ ଘରକୁ ଯାଇଥିବା ବେଳେ ପରେ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ତହସିଲଦାର ପାର୍ଥସାରଥି ହାଁସଦା ତହସିଲ କାର୍ଯ୍ୟାଳୟକୁ ୨ଦିନ ପାଇଁ ଆବଦ୍ଧାଞ୍ଚଳ ଘୋଷଣା କରିଥିଲେ। ସେହିପରି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନେବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ଜଣାପଡିବା ପରେ ଏବେ ଛୁଟି ନେଇ ଘରେ ରହିଥିବା ଜଣାପଡିଛି। ଏବେ କରୋନା ସଂକ୍ରମଣକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଅନେକ କର୍ମଚାରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

# ବନ ବିଭାଗ-ଗ୍ରାମବାସୀ ମୁହାଁମୁହିଁ ଘଟଣାରେ ୨ ମାମଲା ରୁଜୁ

ଓଡ଼ଗାଁ, ୬।୬(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ବାହାଡ଼ାଝୋଲା ସେକ୍ସନ ସୁନାମୁହିଁ ପଞ୍ଚାୟତ ଖଙ୍ଗାରପଲ୍ଲୀ ଗାଁରେ ଶନିବାର ବନ ବିଭାଗ ଓ ଗ୍ରାମବାସୀ ମୁହାଁମୁହିଁ ହେବା ଘଟଣାରେ ୨ ମାମଲା ରୁଜୁ ହୋଇଛି।

ସୂଚନା ଅନୁସାରେ, ବନ ବିଭାଗ ଶନିବାର ସକାଳେ ସେହି ଗାଁର ବାଇଧର ନାୟକ(୭୦)ଙ୍କ ଘରୁ ତଲାସି କରି ବିପୁଳ ପରିମାଣର ସାଇଜ୍ କାଠ ଜବତ କରିଥିଲା। ଏସବୁକୁ ଜବତ କରି ବନ ବିଭାଗ ଏକ ଟ୍ରାକ୍ଟରରେ ଲଦି ଆଣିବା ବେଳେ ସେମାନେ ବାଇଧର, ଗ୍ରାମ ସଭାପତିଙ୍କ ସହ ଗାଁର ଲୋକମାନଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଏପରିକି ଗ୍ରାମବାସୀ ଜବତ କାଠ ଛାଡ଼ିଯିବାକୁ ଜିଦ୍ ଧରିବା ସହ ବନାଞ୍ଚଳ ଅଧିକାରୀ ଅମ୍ରିତ କୁମାର ସାହୁ, ବନପାଳ ସରିତା ବରାଳଙ୍କ ସମେତ ସମସ୍ତ ବନ ସୁରକ୍ଷା ଫୋର୍ସଙ୍କୁ ଦୀର୍ଘ ସମୟ ଅଟକ ରଖିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ଜିଦ୍ ଅନୁସାରେ ସମସ୍ତ ଜବତ କାଠ ଗ୍ରାମ ସଭାପତିଙ୍କ ଜିମା ଦେଇ ବନ ଅଧିକାରୀ ଓ କର୍ମଚାରୀଙ୍କୁ ମୁକାଳିଥିଲେ। ଏପରିସ୍ଥଳେ ବନ ବିଭାଗ କାଠ ଜବତ କରିଥିବା ଘର ମାଲିକ ବାଇଧରଙ୍କ ବିରୋଧରେ ଏକ ବିଭାଗୀୟ ମାମଲା ନଂ.୧୧/୨୧-୨୨ରେ ରୁଜୁ କରିଛି। ଓଡ଼ଗାଁ ଆଦର୍ଶ ଥାନାରେ ଅନ୍ୟ ଏକ ଅଭିଯୋଗକ୍ରମେ ପୋଲିସ ତଥା କଥିତ ଗ୍ରାମ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସମେତ ଗ୍ରାମବାସୀଙ୍କ ନାମରେ ନଂ. ୫୮/୨୧ରେ ମାମଲା ରୁଜୁ କରିଥିବା ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏହି ମାମଲାର ତଦନ୍ତ ଭାର ବାହାଡ଼ାଝୋଲା ଫାଣ୍ଡି ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଥିବା ଜଣାଯାଇଛି।

# ଅଭିଯୋଗକାରୀଙ୍କୁ ଗୋଡ଼େଇ ପିଟିଲେ

- ଜେସିବିରେ ପୋଖରୀ ଖୋଳାକୁ ବିରୋଧ
- ଚକ୍ରଧରପ୍ରସାଦରେ ଉତ୍ତେଜନା

ନୟାଗଡ ଅଫିସ,୬।୬

ନୟାଗଡ଼ ଜିଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗାଁରେ ଜେସିବିରେ ପୋଖରୀ ଖନନକୁ ବିରୋଧ କରାଯିବା ପରେ ଶନିବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଜବ୍‌କାର୍ଡଧାରୀଙ୍କ ବଦଳରେ ମେଶିନରେ କାମ ଠିକ୍ ନୁହେଁ କହିବା ପରେ ପୋଖରୀ ଖନନ କରୁଥିବା ୭ଜଣ ଲୋକ ଏକାଠି ହୋଇ ଅଭିଯୋଗକାରୀଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଏ ଘଟଣା ଜଣାପଡ଼ିବା ପରେ ଉଭୟପକ୍ଷର ଲୋକ ମୁହାଁମୁହିଁ ହୋଇ ରହିଥିଲେ। ତେବେ ଅଭିଯୋଗକାରୀ ଚୁପ୍ ନ ରହି ଫତେଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଚକ୍ରଧରପ୍ରସାଦର ଭଗବାନ ମହାରଣା କୁହନ୍ତି, ମୋ ସମେତ ଆମ ଗାଁର ୫ଜଣ ବ୍ୟକ୍ତି ଦେଖିବାକୁ ପାଇଲୁ ଏକ ପୋଖରୀ ଜେସିବିରେ ଖନନ କରାଯାଉଛି। ମହାମାରୀ ସମୟରେ ଲୋକ କାମଧନ୍ଦା ପାଉ ନ ଥିବାବେଳେ ଜେସିବିରେ ପୋଖରୀ ଖନନ ଠିକ୍ ନୁହେଁ ବୋଲି କହିଥିଲୁ। କାରଣ କିଛିଦିନ ପୂର୍ବରୁ ଆମ ଗାଁରେ ପୋଖରୀ ଖନନ ନ ହୋଇ ଅନ୍ୟ ପୋଖରୀ ଦେଖାଇ ବିଲ୍ କରାଇ ନେଇଛନ୍ତି। ଏହା ପରେ ଆମ ୫ଜଣଙ୍କୁ ମାରପିଟ୍ କରାଯାଇ ଘଟଣାସ୍ଥଳରୁ ଘଉଡ଼ାଇ ଦିଆଯାଇଛି। ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ କୁହନ୍ତି, ପୋଖରୀ ଖନନ ନେଇ ଦୁଇଟି ଅଭିଯୋଗ ହୋଇଛି। ପୋଲିସ ଦୁଇ ଅଭିଯୋଗର ତଦନ୍ତ ଜାରି ରଖିଛି।

# ୮ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ନୟାଗଡ ଅଫିସ,୬।୬


ଗିରଫ ଦୁଇ ଅଭିଯୁକ୍ତ

ଫତେଗଡ଼ ଥାନା ପୋଲିସ ମଣିପୁର ଛକରୁ ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗର ମନମୋହନ ସାହୁ(୩୨) ଓ ଜଟଣୀ ଥାନା ଗଙ୍ଗପଡାର ଅଶୋକ କୁମାର ଦାସ(୨୪)ଙ୍କଠାରୁ ପୋଲିସ ୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏ ଦୁହେଁ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଭାପୁରରେ ବିକ୍ରି କରୁଥିଲେ। ଏମାନଙ୍କ ନାମରେ ନଂ.୯୯/୨୧ରେ ମାମଲା ରୁଜୁ ହୋଇ ତଦନ୍ତ କରଯାଉଛି। ସୋମବାର ଏହି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

# ରାସ୍ତାକଡ଼ରେ ବେଆଇନ ବାଲି ଡିପୋ

## ନାଲି ପତାକା ଲଗାଇଲା ପ୍ରଶାସନ

ଛତ୍ରପୁର,୬।୬(ଡି.ଏନ୍.ଏ.)

ଛତ୍ରପୁର ତହସିଲ ଅନ୍ତର୍ଗତ ପୋଟଲାମପୁର ରାଜସ୍ୱ ସର୍କଲ ଅଧିନସ୍ଥ ହଂସପୁର, ପୋଟଲାମପୁର, ଗଙ୍ଗାପୁର, ବରଙ୍ଗ ଓ ବଡ଼ମାଧପୁରରେ ବେଆଇନ ଭାବେ ଅସ୍ଥାୟୀ ଡିପୋରେ ବାଲି ଗଦା ହୋଇଛି। ଏଠାରୁ ବାଲି ଆନ୍ଧ୍ରକୁ ଚୋରାଚାଲାଣ ହେଉଛି। ଯେଉଁଥିରେ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ହେଉଛି। କିଛିଦିନ ତଳେ ଜିଲାପାଳ ଗଞ୍ଜାମ ବ୍ଲକ ହୁମ୍ମା - ପୁରୁଷୋତ୍ତମପୁର ରାସ୍ତା କାଠଗଡା ନିକଟରେ ଚଢ଼ାଉ କରି ଆନ୍ଧ୍ରକୁ ବାଲି ଚାଲାଣ କରୁଥିବା ୩୦ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ କରିଥିଲେ। ଏହାପରେ ଛତ୍ରପୁର ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।


ବାଲି ଗଦାରେ ନାଲି ପତାକା ଲଗାଯାଇଛି।

ବିକ୍ରି ପାଇଁ ରାସ୍ତାକଡ଼ରେ ବେଆଇନ ଭାବେ ଗଚ୍ଛିତ ବାଲି ଡିପୋଗୁଡ଼ିକରେ ନାଲି ପତାକା ପୋତାଯାଉଛି। ଏହାକୁ ନେଇ ମାଫିଆମାନଙ୍କ ମନରେ ଛନକା ପଶିଛି। ବେଆଇନ ବାଲି ଡିପୋ ପଛରେ ସମ୍ପୃକ୍ତ ଥିବା ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ବାଲି ଚୋରାଚାଲାଣ ରୋକିବାକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ଭୟରେ ବାଲିମାଫିଆ ମାନେ ଲୁଚି ଯାଇଥିବା ଖବର ମିଳିଛି। ସୂଚନାଯୋଗ୍ୟ, ଛତ୍ରପୁର, ଗଞ୍ଜାମ ଓ ପୁରୁଷୋତ୍ତମପୁର ବ୍ଲକରେ ଋଷିକୂଲ୍ୟା ନଦୀ ପଠାରୁ ମାଫିଆମାନେ ବାଲି ଉତ୍ତୋଳନ କରି ରାସ୍ତା କଡ଼ରେ ଗଚ୍ଛିତ ରଖୁଛନ୍ତି। ରାତିରେ ବେଆଇନ ଭାବେ ଟ୍ରକ ଓ ହାଇୱା ଯୋଗେ ଗଞ୍ଜାମ ସୀମାନ୍ତ ଗେଟ ଦେଇ ଆନ୍ଧ୍ରକୁ ଚୋରାଚାଲାଣ ହେଉଛି।

CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

ଆଡଭାନ୍ସ ନେଉନୁ, ଧୋକା ଦେଉନୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡାକ୍ତର କୀର୍ତ୍ତନ ଗୌଡ଼ଙ୍କ ପରଲୋକ



ବୁଗୁଡ଼ା,୬।୬(ଡି.ଏନ.ଏ): ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ଗୋଲାମୁଣ୍ଡଳା ଗ୍ରାମର ଡ଼ାଃ.କୀର୍ତ୍ତନ ଗୌଡ଼ଙ୍କ ରବିବାର ସନ୍ଧ୍ୟାରେ ଦେହାନ୍ତ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ବ୍ରହ୍ମପୁରଠାରେ ଚିକିତ୍ସିତ ହେଉଥିଲେ। ୮ ଦିନ ତଳେ ସୁସ୍ଥ ହୋଇ ଗ୍ରାମକୁ ଫେରିଥିଲେ। ରବିବାର ଖିଆ ପିଆ କରିବା ପରେ ଅପରାହ୍ନରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ତାଙ୍କର ଅକ୍ସିଜେନ ସ୍ତର ପୁଣି କମିବା ସହ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ମୃତ୍ୟୁ ଘଟିଥିଲା। ସେ ଶିଶୁଙ୍କୁ ଚିକିତ୍ସା ପାଇଁ ବେଶ ଜଣାଶୁଣା ଥିଲେ। ଏଥିସହ ଗୋପାଳ ସମାଜର ବୁଗୁଡ଼ା ମୁଠା ସଭାପତି ଥିଲେ। ଗୋଲାମୁଣ୍ଡଳା ଗ୍ରାମରେ କୀର୍ତ୍ତନଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

### ଖବରଦାତାଙ୍କୁ କରୋନା କିଟ୍ ବଣ୍ଟନ

ବାଲିଗୁଡ଼ା,୬।୬(ଡି.ଏନ.ଏ.): ବାଲିଗୁଡ଼ାରେ ୩୦ଜଣ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗୁଞ୍ଜ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୁରେଶ କୁମାର ଏବଂ ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ସାହୁ ଦୁଇ ଅନୁଷ୍ଠାନ ପକ୍ଷରୁ କରୋନା କିଟ୍ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଫ୍ରଣ୍ଟ ଲାଇନ ସାମ୍ବାଦିକ ସଂଘ ସଭାପତି ସନ୍ତୋଷ କୁମାର ଦାଶ ଆୟୋଜନ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଶଶାଙ୍କ ଶେଖର ପାତ୍ର ଯୋଗଦେଇଥିଲେ। ବୈଠକରେ ପ୍ରିଣ୍ଟ, ଇଲେକ୍ଟ୍ରୋନିକ ଏବଂ ୱେବ ମିଡ଼ିଆର ସାମ୍ବାଦିକମାନେ ଉପସ୍ଥିତ ରହି ମୁଖ୍ୟ ଅତିଥିଙ୍କଠାରୁ କରୋନା କିଟ ଗ୍ରହଣ କରିଥିଲେ। ଫ୍ରଣ୍ଟ ଲାଇନର ସମ୍ପାଦକ ଅସିତ୍ କୁମାର ବେହେରାଙ୍କ ସମେତ ଚିତ୍ତରଞ୍ଜନ ନାୟକ, ଭଗବତୀ ପ୍ରସାଦ ସାବତ, ମନୋରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ବୁଗୁଡ଼ା,୬।୬(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଗାଁ କେନାଲ ଛକ ନିକଟରେ ରବିବାର ଏକ ଡାଲା ଗାଡି ଧକ୍କାରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ପୋଲସରା ଥାନା ଅନ୍ତର୍ଗତ ଜିଲୁଣ୍ଡା ଗ୍ରାମର ନରେନ୍ଦ୍ର ପୋଲେଇ। ପୋଲସରା ଆକ୍ସିସ୍ ବ୍ୟାଙ୍କରେ କ୍ଷେତ୍ରାଧିକାରୀ ଭାବେ କାର୍ଯ୍ୟରତ ନରେନ୍ଦ୍ର କୌଣସି କାମରେ କରଚୁଲି ଗାଁକୁ ଯାଇ ଫେରୁଥିଲେ। ତାକରଡା ଗାଁ କେନାଲ ଛକ ନିକଟରେ ସାମ୍ନା ପଟୁ ଏକ ୪୦୭ ଡାଲା ଗାଡି ଦ୍ରୁତଗତିରେ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ନରେନ୍ଦ୍ର ପଡ଼ି ରହିଥିବା ବେଳେ ଡାଲା ଗାଡିଟି ପଳାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ନରେନ୍ଦ୍ରଙ୍କୁ ଆମ୍ବୁଲାନ୍ସରେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଗ୍ରୀନ୍ ଜୋନରେ ଗଞ୍ଜାମ ଜିଲା

## ଆଜିଠୁ ୨ ସିସିଏଚସି ବନ୍ଦ, ଚାଲିଛି ମେଗା ସ୍ୱାସ୍ଥ୍ୟସ୍କ୍ରିନିଂ

ଛତ୍ରପୁର,୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୧ହଜାର ତଳକୁ ଖସିଛି। ଫଳରେ ଜିଲା ରେଡ୍ ଜୋନ୍‌ରୁ ଗ୍ରୀନ୍ ଜୋନ୍‌କୁ ଯାଇଛି । ଜିଲାବାସୀଙ୍କୁ ଏହା ସାମାନ୍ୟ ଆଶ୍ୱସ୍ତି ଦେଇଛି । ଗତ କିଛିଦିନ ହେଲା ଜିଲାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି । ଶନିବାର ୨ ହଜାର ୨୦୩ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା। ସେଥିମଧ୍ୟରୁ ୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ସୂଚନା ମିଳିଛି। ପୂର୍ବରୁ ଦୈନିକ ପଜିଟିଭ ସଂଖ୍ୟା ୩ ଅଙ୍କ ରହୁଥିଲା। ସେହିପରି କରୋନାରୁ ସୁସ୍ଥ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଜିଲାରେ ଆଉ ୧୫୫ ଜଣ ସୁସ୍ଥ ହୋଇଛନ୍ତି । କରୋନା ଆଉ ଜଣଙ୍କ ଜୀବନ ନେଇଛି। ଦ୍ୱିତୀୟ ଲହରରେ ବର୍ତ୍ତମାନ ସୁଦ୍ଧା ଜିଲାର ୪୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଯେଉଁଥି ପାଇଁ ଚିନ୍ତା ମଧ ବଢୁଛି । ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରେ ମୋଟ ୨୮୯ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିସାରିଲାଣି । ଜିଲାରେ ଏବେ ୯୩୦ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ବ୍ରହ୍ମପୁର , ଛତ୍ରପୁର ସହର ସମେତ ଆଖପାଖ ଅଞ୍ଚଳରେ ଅଧିକ ସକ୍ରିୟ ରୋଗୀ ଅଛନ୍ତି। ଏପରିକି ଉକ୍ତ ୨ ସହରରେ ଦୈନିକ ସଂକ୍ରମିତ ସଂଖ୍ୟା ମଧ ଆଗରେ ରହୁଛି ।

ଅନ୍ୟପକ୍ଷରେ ଜିଲାରେ ସଂକ୍ରମଣ କମୁଥିବାରୁ ସୋମବାରଠାରୁ ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲ ଓ ମୀନାକ୍ଷୀ ନଗରରେ ଚାଲିଥିବା କୋଭିଡ୍ କେୟାର ସେଣ୍ଟର ୨ଟିକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ଫଳରେ ସିଟି ହସ୍ପିଟାଲରେ ପୂର୍ବଭଳି ବିଭିନ୍ନ ରୋଗର ଚିକିତ୍ସା ମିଳିପାରିବ । ଜିଲାୱାରୀ ତୁଳନାତ୍ମକ ରିପୋର୍ଟକୁ ଦେଖିଲେ ଜିଲାର ୨୫୯ଟି ଗାଁ ରେଡ୍ ଜୋନ୍‌ରେ ରହିଥିବା ବେଳେ ୨୮୯୦ ଗାଁ ଗ୍ରୀନ୍ ଜୋନ୍‌ରେ ରହିଥିବା ସୂଚନା ଦିଆଯାଇଛି। ବ୍ରହ୍ମପୁର ସମେତ ୧୮ ସହରାଞ୍ଚଳରେ ୧୯୦ ୱାର୍ଡ ଗ୍ରୀନ୍ ଜୋନ୍‌ରେ ଥିବାବେଳେ ୯୦ଟି ୱାର୍ଡ ରେଡ୍ ଜୋନ୍‌ରେ ରହିଛି । କରୋନା ସଂକ୍ରମଣରେ ବ୍ରେକ୍ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପୂର୍ବରୁ ଗଞ୍ଜାମରେ ଗତ ୧୯ ତାରିଖରୁ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି। ଶନିବାର ସୁଦ୍ଧା ୨୨ ଲକ୍ଷ ୯୦ ହଜାର ୨୩୬ ଜଣଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ହେଲାଣି। ସେଥିମଧ୍ୟରୁ ୨୦୯ ଜଣଙ୍କ ଠାରେ କରୋନା ଲକ୍ଷଣ ଚିହ୍ନଟ ହୋଇଥିଲା। ୧୮୫ ଜଣଙ୍କ ଅକ୍ସିଜେନ୍ ସ୍ତର କମ୍ ଥିବା ଜଣାପଡିଛି । ୬ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ରେଫର କରାଯାଇଛି। ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ସ୍ୱଚ୍ଛସାଥି ଓ ସୁପରଭାଇଜରମାନଙ୍କୁ ନେଇ ଜିଲାରେ ଗଠିତ ୨୦୨୧ଟି ଟିମ୍ ଘର ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ କରୁଛନ୍ତି। ଅନ୍ୟପକ୍ଷରେ ଜିଲାରେ କରୋନା ଟିକାକରଣକୁ ବ୍ୟାପକ କରିବାକୁ ପ୍ରଶାସନ ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ବ୍ରହ୍ମପୁରରେ କେବଳ ୧୮-୪୪ ବର୍ଷ ର ଲୋକଙ୍କ ପାଇଁ ଟିକା ନେବାର ସୁବିଧା ଥିଲା । ତେବେ ଛତ୍ରପୁର ଠାରେ ୩ ସେଣ୍ଟରରେ ଏହି ସୁବିଧା ସୋମବାରରୁ ଆରମ୍ଭ ହେବ। ଏଥିପାଇଁ ରବିବାର ସନ୍ଧ୍ୟାରୁ ସ୍ଲଟ ବୁକିଂ ଆରମ୍ଭ ହୋଇଯାଇଛି । ଗ୍ରାମାଞ୍ଚଳରେ ୪୫ ରୁ ଉର୍ଦ୍ଧ୍ୱ ବର୍ଗର ବ୍ୟକ୍ତିଙ୍କ ପାଇଁ ଟିକା ନେବା ସୁବିଧା ପାଇଁ ରାଜସ୍ୱ ଗ୍ରାମସ୍ତରରେ ଟିକାକରଣ କେନ୍ଦ୍ର ହୋଇଛି ।



ହାତୀପଲ।

## କାଶୀନଗରରେ ହାତୀ ଉପଦ୍ରବ

କାଶୀନଗର,୬।୬(ଡି.ଏନ୍.ଏ.)

କାଶୀନଗରର ବଂଶଧାରା ନଦୀ ଆରପଟରେ ଦୀର୍ଘଦିନ ଧରି ୪ ହାତୀପଲ ରହୁଥିଲେ। ଗତ ଦୁଇଦିନ ହେଲା ହାତୀପଲ ବଂଶଧାରା ନଦୀ ପାର ହୋଇ କାଶୀନଗରରେ ଥିବା ବାଉଁଶ ତୋଟାରେ ପହଞ୍ଚି ନଷ୍ଟ କରିଛନ୍ତି। ଖବର ପାଇ କାଶୀନଗର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ସହ ଜନସାଧାରଣଙ୍କ ଧନଜୀବନ ପ୍ରତି ସୁରକ୍ଷା ଦେବା ପାଇଁ ରାତିସାରା ସେଠାରେ ଜଗି ରହିଛନ୍ତି। ରାତିରେ ହାତୀପଲ ବଂଶଧାରା ନଦୀ ପାର ହୋଇ ଓଡ଼ିଶାରେ ପଶୁଛନ୍ତି। ପୁଣି ପାହାନ୍ତିଆରୁ ନଦୀ ପାର ହୋଇ ଆନ୍ଧ୍ରରେ ରହୁଛନ୍ତି। ହାତୀ କେବେ ଜଙ୍ଗଲକୁ ଫେରିବେ ତାକୁ ନେଇ ବନ ବିଭାଗ ଓ ଜନସାଧାରଣ ଚିନ୍ତାରେ ରହିଛନ୍ତି।

## ଗଜପତିରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା

ପାରଳାଖେମୁଣ୍ଡି,୬।୬(ଡି.ଏନ୍.ଏ.)



ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ରାଜସ୍ୱ କମିଶନର।

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପାଙ୍ଗ ଆଓ ଶନିବାର ଗଜପତି ଜିଲା ଗସ୍ତ କରି ବିଭିନ୍ନ ସମୀକ୍ଷା କରିଥିଲେ। ପ୍ରଥମେ ଲାବଣ୍ୟଗଡ ଠାରେ ପହଞ୍ଚି ରାଜସ୍ୱ ରଥର ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କରୋନା ଲାଗି ଜାରି ବିଭିନ୍ନ କଟକଣା ଯୋଗୁ ଗ୍ରାମାଞ୍ଚଳର ଲୋକେ ସରକାରୀ ଦପ୍ତରଗୁଡିକୁ ଆସି ପାରୁନାହାଁନ୍ତି। ଲୋକଙ୍କୁ ଘର ନିକଟରେ ସେବା ଯୋଗାଇ ଦେବାକୁ ରାଜସ୍ୱ ରଥ ବୁଲୁଛି। ହିତାଧିକାରୀଙ୍କୁ ପଟ୍ଟା, ମ୍ୟୁଟେଶନ ଦଲିଲ, ଭୂମି ଅଧିକାର ପ୍ରମାଣପତ୍ର ଆଦି ପ୍ରଦାନ କରାଯାଉଛି। ରାଜସ୍ୱ କମିଶନର ଆଓ ଗଜପତିରେ ହିତାଧିକାରୀଙ୍କୁ ପ୍ରମାଣପତ୍ର ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଗଜପତିର ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ରାଜସ୍ୱ ନିରୀକ୍ଷକ ମଧୁ ଗୋରାଗାପୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆଓ ପାରଳାଖେମୁଣ୍ଡିଠାରେ ପହଞ୍ଚି କୋଭିଡ ସମ୍ବନ୍ଧୀୟ ନିରୀକ୍ଷଣ ଓ ସମୀକ୍ଷା କରିଥିଲେ। ପାରଳାଖେମୁଣ୍ଡିରେ ପହଞ୍ଚି ଆର୍.ସୀତାପୁରସ୍ଥିତ କୋଭିଡ ହସ୍ପିଟାଲ, ଅନ୍ୱେଷା କୋଭିଡ କେୟାର ସେଣ୍ଟର ଆଦିକୁ ଯାଇ ଅନୁଧ୍ୟାନ କରିଥିଲେ । ଜିଲାପାଳ ଅନୁପମ ସାହାଙ୍କ ସମେତ ବହୁ ଜିଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ଔଷଧୀୟ ଚାରା ରୋପଣ

ରମ୍ଭା,୬।୬

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଜିଲା ଦୌରାଜଜ୍ ଶଶିକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଡିଏଫ୍ଓ ଅମ୍ଳାନ ନାୟକ, ଅତିରିକ୍ତ ଜିଲା ଦୌରାଜଜ୍-୧ ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଦୌରାଜଜ୍-୨ ସଂଘମିତ୍ରା ଶର୍ମା, ଜଜ୍ ଦେବାଶିଷ ପଣ୍ଡା, ସିଜେଏମ୍ ସଞ୍ଜିତ କୁମାର ବେହେରା, ଅତିରିକ୍ତ ସିଜେଏମ୍ ମନୋଜ କୁମାର, ରେଜିଷ୍ଟ୍ରାର ଅମରେଶ ନାୟକ, ପ୍ରାଧିକରଣଙ୍କ ସଚିବ ଅଲ୍ପନା ସ୍ୱାଇଁ, ସିଭିଲ ଜଜ୍ ସ୍ମୃତି ରଞ୍ଜନ ମହାପାତ୍ରଙ୍କ ସମେତ ବହୁ ବିଚାର ବିଭାଗୀୟ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣଙ୍କ ସଚିବ ଅଲ୍ପନା ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ।

## ଦେୟମୁକ୍ତ ଟିକାକରଣ ପାଇଁ କଂଗ୍ରେସର ସ୍ମାରକପତ୍ର



ସ୍ମାରକପତ୍ର ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି,୬।୬(ଡି.ଏନ୍.ଏ.)

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଲୋକଙ୍କୁ ଶୀଘ୍ର ଦେୟମୁକ୍ତ ଟିକା ଦେବା ପାଇଁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ଦିଆଯାଇଥିଲା। ସେରମ୍ ଇନ୍‌ଷ୍ଟିଚ୍ୟୁଟର ଟିକା କୋଭିସିଲ୍ଡ ଏବଂ ଭାରତ ବାୟୋଟେକ୍‌ର ଟିକା କୋଭାକ୍ସିନର ଏକ ଡୋଜର ଦାମ କେନ୍ଦ୍ର ସରକାର ୧୫୦ ଟଙ୍କାରେ କିଣୁଥିବା ବେଳେ ରାଜ୍ୟ ସରକାର ୩୦୦ ଟଙ୍କାରେ ଓ ବେସରକାରୀ ହସ୍ପିଟାଲରେ ଡୋଜ୍ ପ୍ରତି ୬୦୦ ଟଙ୍କାରେ କିଣାଯାଉଛି। ଏପରିକି କେନ୍ଦ୍ର ସରକାର ମାଗଣାରେ ଲୋକମାନଙ୍କୁ ଟିକାକରଣ କରିବା ପରିବର୍ତ୍ତେ ଟିକାର ବ୍ୟବସାୟୀକରଣ କରିବା ଅତ୍ୟନ୍ତ ନିନ୍ଦନୀୟ। ଭାରତୀୟମାନଙ୍କ ଲାଗି ଆଜି ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୩୯ କୋଟି ଟିକାର ବରାଦ କରିବା ଉଭୟ ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୩୧ ମେ ୨୦୨୧ ପର୍ଯ୍ୟନ୍ତ ସମଗ୍ର ଦେଶରେ ୨୧ କୋଟି ୩୧ ଲକ୍ଷ ଲୋକ ଟିକା ନେଇଥିବା ବେଳେ ୪ କୋଟି ୪୫ ଲକ୍ଷ ଲୋକ ମାତ୍ର ୨ଟି ଡୋଜ୍ ନେଇଛନ୍ତି। ଦୈନିକ ୧୬ ଲକ୍ଷ ଲୋକ ଟିକା ନେଉଥିବା ବେଳେ ଯଦି ଏପରି ଅବସ୍ଥା ସମଗ୍ର ଦେଶରେ ଜାରି ହୁଏ, ତା'ହେଲେ ୧୪୦ କୋଟି ଲୋକଙ୍କୁ ଟିକାକରଣ କରିବା ପାଇଁ ପ୍ରାୟ ୩ ବର୍ଷ ଲାଗିଯିବ। ତେବେ ଭାଜପା ସରକାର ଅବିଳମ୍ବେ ଟିକା କିଣି ଦେୟମୁକ୍ତରେ ସରକାରୀ ଓ ବେସରକାରୀ ହସ୍ପିଟାଲକୁ ଦେଲେ ଜନସାଧାରଣ ଉପକୃତ ହୋଇପାରିବେ। ଏପରିକି ଚଳିତବର୍ଷ ୩୧ ଡିସେମ୍ବର ପୂର୍ବରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କୁ ଟିକାକରଣ କରିବାକୁ ହେବ।

## ଏକତରଫା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଥାନା ଘେରାଉ

### କୋଟିନଡ଼ା ଗାଁରେ ୨ ଗୋଷ୍ଠୀ ମୁହାଁମୁହିଁ

ଦିଗପହଣ୍ଡି,୬।୬(ଡି.ଏନ୍.ଏ.)




ମହିଳାମାନେ ଥାନା ଘେରାଉ କରିଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ବିବାଦ ଉଗ୍ର ରୂପ ନେଇଛି। ଏକ ପୁରୁଣା ମାମଲାରେ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଗୋଷ୍ଠୀର ୩ ଅଭିଯୁକ୍ତ ସୁଶାନ୍ତ ସ୍ୱାଇଁ, ରାମକୃଷ୍ଣ ଜେନା ଏବଂ ବାଳକୃଷ୍ଣ ବିଷୋୟୀଙ୍କୁ ପୋଲିସ ନଂ.୧୧୩/୨୧ରେ ଶନିବାର ଗିରଫ କରିଥିଲା। ଏହା ପ୍ରତିବାଦରେ ରବିବାର କୋଟିନଡ଼ା ସରପଞ୍ଚ ପ୍ରତିନିଧି ଉମାକାନ୍ତ ବିଷୋୟୀ ଓ ଅନ୍ୟମାନେ ରାତି ସାଢ଼େ ୭ଟା ଯାଏ ଦିଗପହଣ୍ଡି ଥାନା ଘେରାଉ କରିଥିଲେ। ଏମାନେ ପ୍ରତିପକ୍ଷ ଗୋଷ୍ଠୀ ବିରୋଧରେ ମଧ ପାଲଟା ଏତଲା ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ମେ ୧୫ ତାରିଖରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବ୍ୟକ୍ତିଙ୍କ ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ମନୋଜ କୁମାର ସ୍ୱାଇଁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ୯ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ପରେ ୫ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ମନୋଜ ଏବଂ ତାଙ୍କ ଭାଇ ଧୀରେନ ସ୍ୱାଇଁ ରବିବାର ଗାଁର କିଛି ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ମହିଳାମାନେ ଏତଲା ଦେଇଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକେ ଶାନ୍ତ ପଡ଼ିଥିଲେ। ଗ୍ରାମର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିର୍ମାଣ ଓ ମରାମତି ନାଁରେ ବ୍ୟାପକ ଅର୍ଥ ଆତ୍ମସାତ କରାଯାଉଥିବା ସମ୍ପର୍କରେ ମନୋଜ ଏବଂ ତାଙ୍କ ସମର୍ଥକମାନେ ଅଭିଯୋଗ ଆଣିବା ପରେ ଗୋଷ୍ଠୀ ବିବାଦ ହୋଇଥିଲା। ଏଥିପାଇଁ ମନୋଜଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ମନୋଜ ଘଟଣା ଦିନ ଗ୍ରାମବାସୀଙ୍କୁ ଭୁଜାଲି ଧରି ଆକ୍ରମଣ ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ.୧୧୨/୨୧ରେ ମାମଲା ରୁଜୁ କରାଯାଇଛି।

## କରୋନାରେ ମୃତ ଦାଦନ ପରିବାରକୁ ସହାୟତା ଦାବି

ବୁଗୁଡ଼ା,୬।୬(ଡି.ଏନ୍.ଏ.)

କରୋନାରେ ମୃତ୍ୟୁ ଘଟିଥିବା ଜଣେ ଦାଦନଙ୍କ ପରିବାର ଅସହାୟ ହୋଇପଡ଼ିଛି। ମୃତ ପରିବାରକୁ ତୁରନ୍ତ ଚିହ୍ନଟ କରି ସରକାର ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ ମଧ୍ୟ ଦୁଇ ମାସ ହେଲା ବୁଗୁଡ଼ା ବ୍ଲକ କରଚୁଲି ଗ୍ରାମର ମୃତ ପ୍ରମୋଦ କୁମାର ପ୍ରଧାନଙ୍କ ପରିବାର ଭଙ୍ଗା ଆଜ୍‌ବେଷ୍ଟସ୍ ଘରେ ଅସହାୟ ଅବସ୍ଥାରେ ପଡ଼ିଛନ୍ତି। ପ୍ରମୋଦ ବାହାର ରାଜ୍ୟରେ ଦାଦନ ଖଟି ପରିବାର ପ୍ରତିପୋଷଣ କରୁଥିଲେ। କରୋନାର ଦ୍ୱିତୀୟ ଲହରରେ ବେପାର ବନ୍ଦ ହୋଇଯିବାରୁ ମାର୍ଚ୍ଚ ଶେଷ ସପ୍ତାହରେ ସେ ଘରକୁ ଫେରିଆସିଲେ। ଏଠାରେ କରୋନାରେ ଆକ୍ରାନ୍ତ ହୋଇ ଏପ୍ରିଲ ୨ ତାରିଖରେ ମୃତ୍ୟୁମୁଖରେ ପଡ଼ିଥିଲେ। ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଭୁବନେଶ୍ୱରରେ ୭ ଦିନ ଆଇସୋଲେଶନରେ ରଖାଯାଇଥିଲା। ସ୍ୱାମୀଙ୍କୁ ହରାଇ ବେସାହାରା ହୋଇ ପଡ଼ିଥିଲେ ସ୍ତ୍ରୀ ମମତା। ଏକ ମାତ୍ର ପୁଅ ସତ୍ୟଜିତ୍‌କୁ ନେଇ କରଚୁଲି ଗାଁକୁ ଫେରିବା ପରେ ତାଙ୍କୁ କେହିବି ସହାୟ ହେଲେନି। ନିଜେ ବଞ୍ଚିବା ସହ ପୁଅକୁ ପାଠ ପଢ଼ାଇ କିପରି ମଣିଷ କରିବେ ସେ ନେଇ ଚିନ୍ତିତ ଅଛନ୍ତି। ସେପଟେ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନରୁ ମିଳିଥିବା ମୃତ୍ୟୁ ପ୍ରମାଣପତ୍ରରେ ମଧ ମୃତ୍ୟୁର କାରଣ ଲେଖାଯାଇନଥିବାରୁ ପ୍ରମୋଦଙ୍କ ପରିବାର ପାଇଁ ସରକାର ଘୋଷଣା କରିଥିବା ସହାୟତା ପ୍ରହସନରେ ପରିଣତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏହି ଅସହାୟ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବା ସହ ଶିଶୁର ପାଠପଢ଼ା ଦାୟିତ୍ୱ ସରକାର ତୁରନ୍ତ ବହନ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## କୁକୁଡ଼ାଖଣ୍ଡିରେ ଚାରାରୋପଣ

କୁକୁଡ଼ାଖଣ୍ଡି,୬।୬

କୁକୁଡ଼ାଖଣ୍ଡି ବ୍ଲକ ବ୍ଲକରେ ବିଭିନ୍ନ ପଞ୍ଚାୟତ ଦ୍ୱାରା ପ୍ରାୟ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଆରମ୍ଭ ହୋଇଯାଇଛି। ଏଥିରେ ନଡ଼ିଆ, ପଣସ, ଆମ୍ବ, ଜାମ, ଡାଳିମ୍ବ, ଯାମକୋଳି, ନିମ, ଅଁଳା ଆଦି ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ସ୍ଥାନୀୟ ସରପଞ୍ଚ ଏ.ଚେନ୍ନୟା, ବରିଷ୍ଠ କୃଷି ଅଧିକାରୀ ଡି.ମାଧବ ରାଓ, ମହୁଡା କୃଷି ଅଧିକାରୀ ବିଶ୍ୱରଞ୍ଜନ ବେହେରା, ପିଇଓ ଦିଲ୍ଲୀପ କୁମାର ଓଡ଼ିଆ, ଗ୍ରାମ ରୋଜଗାର ସେବକ ଆଦିତ୍ୟ ତ୍ରିପାଠୀ କାର୍ଯ୍ୟକ୍ରମରେ ଶ୍ରମ ଦାନ କରିଛନ୍ତି।

# ଲକ୍‌ଡାଉନ୍‌ରେ ଆମ୍ବ ଯୋଗାଇଛି ଜୀବିକା



କୋଇଲି



ଆମ୍ବୁଲ



ଆମ୍ବସଢ଼ା



ଚମ୍ପେତ ଶୁଖାଯାଇଛି

କନ୍ଧମାଳ ଜିଲା ବଣଜଙ୍ଗଲ ଘେରରେ ରହିଛି। ଏଠାକାର ପ୍ରାକୃତିକ ଦୃଶ୍ୟ ଯେତିକି ମନୋରମ ବଣ ପାହାଡ ମଧ ସେତିକି ସୁଦୃଶ୍ୟ । ଏହି ବଣପାହାଡରୁ ଲୋକେ ମହୁ, ଚନ୍ଦନକାଠ, ଝୁଣା, ମହୁଲ ଓ ଶାଳ ପତ୍ର ଆଦି ସଂଗ୍ରହ କରି ପରିବାର ଚଳାଇଥାନ୍ତି। ସେହିପରି ଚଳିତବର୍ଷ କରୋନା ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ଜଙ୍ଗଲରୁ ସଂଗ୍ରହ ହେଉଥିବା ଆମ୍ବ ଯୋଗାଇଛି ବଞ୍ଚିବାର ରାହା ।

ବୈଦ୍ୟନାଥ ବେହେରା/ବିଦୁର ବେହେରା
ଖଜୁରିପଡ଼ା,୬।୬(ଡି.ଏନ.ଏ.)

କରୋନା ଦ୍ୱିତୀୟ ଲହର ଅସହାୟ ଗରିବଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଗତ ବର୍ଷରୁ ଆରମ୍ଭ ହୋଇଥିବା ମହାମାରୀରୁ ମୁକ୍ତି ପାଇବା ଲାଗି ସରକାର ତାଲାବନ୍ଦ କରିଥିଲେ। ପ୍ରାୟ ୧୦ ମାସ ପରେ ଲକ୍‌ଡାଉନ୍ ହଟିଥିଲା। ଲୋକମାନେ ନିଜ ମେରୁଦଣ୍ଡ ସଳଖିବାକୁ ଚେଷ୍ଟା କରୁଥିବା ବେଳେ ପୁଣି କରୋନା ଲେଉଟିଲା। ତେଣୁ ବର୍ତ୍ତମାନ ତାଲାବନ୍ଦ ଆରମ୍ଭ ହୋଇଥିବାରୁ ଅନୁସୂଚିତ ଜାତି ଜନଜାତି ପରିବାର ଆମ୍ବ ସହିତ ଜୀବନ ଜୀବିକାରେ ଏବେ ସଂଗ୍ରାମ ଚଳାଇଛନ୍ତି। ସରକାରଙ୍କ ଟଙ୍କିକିଆ ଚାଉଳ ମିଳୁଥିବା ବେଳେ ପୁଣି ଦୁଇ ମାସର ମୁଣ୍ଡପିଛା ୫ କିଲୋ ଚାଉଳ ଦେବା ଆରମ୍ଭ ହୋଇଛି। ଅନ୍ୟ ଖାଦ୍ୟସାମଗ୍ରୀ, ସ୍ୱାସ୍ଥ୍ୟ ସେବା ପାଇଁ ଅର୍ଥର ଆବଶ୍ୟକତା ରହିଥିବା ବେଳେ ଲକ୍‌ଡାଉନ ଯୋଗୁ କାମ ମିଳୁ ନ ଥିବାରୁ ଆମ୍ବ ଦେଇଛି ରୋଜଗାର।

କନ୍ଧମାଳ ଜିଲା ଗ୍ରାମାଞ୍ଚଳ ଲୋକେ ଜଙ୍ଗଲଜାତ ଦ୍ରବ୍ୟ, ସିଆଳିପତ୍ର, ଶାଳପତ୍ର, ମହୁ, ଝୁଣା, ମହୁଲ ଓ ଶାଳମଞ୍ଜି ଏ ସବୁ ମଧ୍ୟରେ ଆମ୍ବ ଅନ୍ୟତମ। ଗୋଟିଏ ଆମ୍ବ ଚାରି ପ୍ରକାର ରୋଜଗାର ଯୋଗାଉଛି। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପ୍ରଚୁର ପରିମାଣରେ ଆମ୍ବ ଉତ୍ପାଦନ ହେଉଛି। ସେହି ଅନୁସାରେ ପ୍ରଥମେ କଞ୍ଚାଆମ୍ବ ସଂଗ୍ରହ କରି ଆମ୍ବୁଲ ତିଆରି କରି ତାକୁ କିଲୋପିଛା ୪୦ ଟଙ୍କା ଦରରେ ବିକ୍ରି କଲେ। ଦ୍ୱିତୀୟରେ ପାଚିଲା ଆମ୍ବ ସଂଗ୍ରହ କରି ତାକୁ ଚାଞ୍ଚି ଚମ୍ପେତ କରାଯାଇ କିଲୋପିଛା ୫୦ ଟଙ୍କା ଦରରେ, ତୃତୀୟରେ ସମ୍ପୂର୍ଣ୍ଣ ପାଚିଲା ଆମ୍ବ ଚୋପା ଛଡ଼ାଇ ବାଲଟିରେ କୁଟି ତାର ରସ ଏକ ସଫା ଜରି ପଲିଥିନ ଉପରେ ପୋଡ଼ପିଠା ଭଳି ଶୁଖାଇଲା ପରେ ବାହାର କରି ବିକ୍ରି କରନ୍ତି ତାକୁ ସରା କୁହାଯାଏ। ଏହାର କିଲୋପିଛା ଦର ୫୦ ରୁ ୬୦ ଟଙ୍କା, ଶେଷରେ ଆମ୍ବ ଟାକୁଆରୁ କୋଇଲି ବାହାର କରି କିଲୋପିଛା ୧୦ ରୁ ୧୨ ଟଙ୍କାରେ ବିକ୍ରୟ କରିଥାନ୍ତି। ହେଲେ ଭଲ ଦୁଇ ପଇସା ଏଥିରୁ ରୋଜଗାର କରିବା ଯେଉଁ ଆଶା ଥିଲା ସେଥିରୁ ଅଧା ଛଡ଼ାଇ ନେଲା 'ୟାସ୍' ବାତ୍ୟା। ବାତ୍ୟା ପବନ ପରେ ଯାହା ରହିଛି ପ୍ରତ୍ୟେକ ଦିନ ଏବେ ସଂଗ୍ରହ କରି ଘରେ ବସି ପରିବାରର ସମସ୍ତେ ଏଭଳି କାର୍ଯ୍ୟ ଜାରି ରଖିଛନ୍ତି। ଏସବୁକୁ ବେପାରୀ ସହ ଅନ୍ୟ ଲୋକମାନେ ମଧ କିଣିବାରେ ଲାଗିଛନ୍ତି। କୋଇଲିକୁ ଛାଡ଼ି ଦେଲେ ଆଉସବୁ ଭଲ ଆଚାର ପ୍ରସ୍ତୁତି ହୋଇ ପାରୁଥିବାରୁ ବଜାରରେ ଏହାର ଚାହିଦା ଅଧିକ ରହିଛି। ତେଣୁ ଚଳିତ ବର୍ଷ ଲକ୍‌ଡାଉନ୍‌ରେ ଜୀବନ ଜୀବିକାକୁ ଆପଣାଇଛି ଆମ୍ବ। ଏହା ରୋଜଗାରର ସହାୟକ ହୋଇଛି ବୋଲି ଅନେକ ମତ ଦେଇଛନ୍ତି।



ମହିଳାମାନେ ଆମ୍ବୁଲ କରୁଛନ୍ତି।